# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୯/୨୦୨୧ (୧୬ ପୃଷ୍ଠା) | Sambalpur, Friday, March 19/2021 | ★★

୧୭ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-








## ବ୍ରାହ୍ମଣୀରେ ବୁଡ଼ିଗଲେ ଯୁବକ

ପରଜଙ୍ଗ,(ଡି.ଏନ.ଏ.)-ପରଜଙ୍ଗ ବ୍ଲକ ରୋଡ୍ ଗ୍ରାମର ମୁରଲୀ ନାଏକଙ୍କ ପୁଅ ପରମା (୩୨) ଗୁରୁବାର ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇ ନିଖୋଜ ହୋଇଯାଇଛନ୍ତି। ସକାଳେ ପରମା ରୋଡ୍ ଘାଟକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଚାଲିଚାଲି ବିତୋ ଘାଟକୁ ଯାଉଥିବାବେଳେ ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସେଠାରେ ଗାଧୋଉଥିବା କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ତେବେ ପାଣି ଅଧିକ ଥିବାରୁ ତାହା ସମ୍ଭବପର ହୋଇ ନ ଥିଲା। ଖବର ଲେଖାଯିବା ସୁଦ୍ଧା ହିନ୍ଦୋଳ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ସାଆନ୍ଦା ଆର୍‌ଆଇ ପ୍ରଦ୍ୟୁମ୍ନ ସେଠି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

# ହତ୍ୟାକାରୀ ସିକ୍ୟୁରିଟି ଗାର୍ଡଙ୍କୁ ଆଜୀବନ କାରାଦଣ୍ଡ

### ବଚ୍ଛନସୁଧା ପଟ୍ଟନାୟକ ହତ୍ୟା ଘଟଣା

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ଭୁବନେଶ୍ୱର ରସୁଲଗଡ଼ରେ ୨୦୧୩ ସେପ୍ଟେମ୍ବର ୧୧ରେ ଘଟିଥିବା ବହୁଚର୍ଚ୍ଚିତ ବଚ୍ଛନସୁଧା ପଟ୍ଟନାୟକ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଦୌରାଜଜ୍ ଲୋକନାଥ ମହାପାତ୍ର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୮ଜଣ ସାକ୍ଷୀଙ୍କ ବୟାନ ଓ ପାରିପାର୍ଶ୍ୱିକ ପ୍ରମାଣକୁ ଆଧାରକରି ଅଦାଲତ ଦୀପ୍ତିରଞ୍ଜନଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୩ ସେପ୍ଟେମ୍ବର ୧୧ ଅପରାହ୍ନରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ଶବରସାହିରେ ରହୁଥିବା ବଚ୍ଛନସୁଧାଙ୍କୁ ତାଙ୍କ ଘର ଭିତରେ ହତ୍ୟା କରାଯାଇଥିଲା। ସୁନାଗହଣା ଓ ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ତାଙ୍କ ଘରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟକରୁଥିବା ଦୀପ୍ତିରଞ୍ଜନ ବଚ୍ଛନସୁଧାଙ୍କୁ ହତ୍ୟା କରିଥିଲେ। ବଚ୍ଛନସୁଧାଙ୍କ ସ୍ୱାମୀ ତଥା ପ୍ରତିଷ୍ଠିତ ବ୍ୟବସାୟୀ ମନୁଚରଣ ପଟ୍ଟନାୟକ ଘରେ ନ ଥିବା ସମୟରେ ଦୀପ୍ତିରଞ୍ଜନ ଅତି ନିର୍ମମଭାବେ ହତ୍ୟା କରିଥିଲେ। ଏହି ଘଟଣା ସେତେବେଳେ ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ହତ୍ୟାକାଣ୍ଡର ୩ଦିନ ପରେ ସେପ୍ଟେମ୍ବର ୧୪ରେ ସମ୍ପୃକ୍ତ ସୁରକ୍ଷା କର୍ମୀ ଦୀପ୍ତିରଞ୍ଜନଙ୍କୁ ପଳାଶୁଣୀରେ ରହୁଥିବା ବାନ୍ଧବୀଙ୍କ ଘରୁ ପୋଲିସ ଗିରଫ କରିଥିଲା। ବଚ୍ଛନସୁଧା ଘରେ ଏକା ଥିବା ସମୟରେ ଦୀପ୍ତିରଞ୍ଜନ ଟଙ୍କା, ସୁନା ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ବଚ୍ଛନସୁଧା ବାଧା ଦେବାରୁ ତାଙ୍କୁ ନିର୍ମମଭାବେ ଛୁରି ଭୁସି ହତ୍ୟା କରିଥିଲା। ହତ୍ୟା ପରେ ପ୍ରମାଣ ନଷ୍ଟ କରି ଦୀପ୍ତିରଞ୍ଜନ ଫେରାର ହୋଇଯାଇଥିଲେ।

ସୂଚନା ଅନୁଯାୟୀ, ଘଟଣାଦିନ ପୂର୍ବାହ୍ନ ୯ଟାରେ ମନୁଚରଣ ନିଜ ବ୍ୟବସାୟକୁ ପଳାଇଥିଲେ। ଏହି ସମୟରେ ଘରେ କେବଳ ବଚ୍ଛନସୁଧା ଓ ସୁରକ୍ଷାକର୍ମୀ ଦୀପ୍ତିରଞ୍ଜନ ଥିଲେ। ଦିନପ୍ରାୟ ୧୨ଟା ପରେ ଦୀପ୍ତିରଞ୍ଜନ ଘରେ ପଶି ତାଙ୍କୁ ହତ୍ୟା କରିବା ପରେ ସୁନା, ଟଙ୍କା, ହୀରା ଓ ଏଟିଏମ୍ କାର୍ଡ ନେଇ ପଳାଇଥିଲେ। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ଘର ଭିତରକୁ ଯାଇ ଦେଖିବାରୁ ବଚ୍ଛନସୁଧା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚଟାଣରେ ପଡିଥିଲେ। ଘର ସାରା ରକ୍ତର ସୁଅ ଛୁଟିଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ଥାନା ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ବଚ୍ଛନସୁଧାଙ୍କ ସ୍ୱାମୀ ମନୁଚରଣ ନିଜ ସୁରକ୍ଷା କର୍ମୀ ଦୀପ୍ତିରଞ୍ଜନଙ୍କୁ ସନ୍ଦେହ କରି ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ସୁରକ୍ଷା କର୍ମୀ ଦୀପ୍ତିରଞ୍ଜନଙ୍କୁ ଗିରଫ କରିଥିଲା।


ଧରିତ୍ରୀ DHARITRI
Simultaneously from Bhubaneswar, Sambalpur, Dhenkanal, Berhampur, Balasore and Rayagada
Bhubaneswar, Thursday, September 12 / 2013 Rs.3.00
ବ୍ୟବସାୟୀଙ୍କ ପତ୍ନୀଙ୍କୁ ଗଳାକାଟି ହତ୍ୟା
ସିକ୍ୟୁରିଟି ଗାର୍ଡ ଅଟକ
ରାଜଧାନୀରେ ଚାଞ୍ଚଲ୍ୟ

୨୦୧୩ ସେପ୍ଟେମ୍ବରରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିବା ଖବର।




# ଜିପିଏସ୍‌ରେ ଟୋଲ୍ ସଂଗ୍ରହକୁ ଲାଗିବ ବର୍ଷେ

### ଆଗକୁ ରହିବନାହିଁ ଟୋଲ୍ ବୁଥ୍

ନୂଆଦିଲ୍ଲୀ,୧୮।୩

ସାରା ଦେଶରେ ରହିଥିବା ଫିଜିକାଲ ଟୋଲ୍ ବୁଥ୍‌ଗୁଡ଼ିକୁ ଉଠାଇ ଦିଆଯିବ। ଗ୍ଲୋବାଲ ପୋଜିସନିଂ ସିଷ୍ଟମ(ଜିପିଏସ୍) ଦ୍ୱାରା ଟୋଲ୍ ସଂଗ୍ରହ କରାଯିବ ବୋଲି କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଗୁରୁବାର ପାର୍ଲାମେଣ୍ଟରେ ସ୍ପଷ୍ଟ କରିଛନ୍ତି। ଲୋକ ସଭାର ପ୍ରଶ୍ନକାଳକୁ ସମ୍ବୋଧିତକରି ସେ କହିଛନ୍ତି, ଆଗାମୀ ଗୋଟିଏ ବର୍ଷରେ ସମ୍ପୂର୍ଣ୍ଣ ଜିପିଏସ୍ ଭିତ୍ତିକ ଟୋଲ୍ ସଂଗ୍ରହ ବ୍ୟବସ୍ଥା କରାଯିବ। ଯାନଗୁଡିକରେ ରହିଥିବା ଜିପିଏସ୍ ଇମେଜିଂ ଦ୍ୱାରା ଟୋଲ୍ ଆଦାୟ କରାଯାଉଛି। ଯାନ ପାଇଁ ବର୍ତ୍ତମାନ ଫାସ୍‌ଟାଗ୍ ବାଧ୍ୟତାମୂଳକ କରାଯାଇଛି। ଯେଉଁ ଯାନ ଟୋଲ୍ ଦେଉନାହାନ୍ତି ସେଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗଡକରୀ ନିର୍ଦ୍ଦେଶ ଦେଇଛନ୍ତି।

ସେ ପୁଣି କହିଛନ୍ତି, ବର୍ତ୍ତମାନ ୯୩% ଯାନ ଫାସ୍‌ଟାଗ୍ ବ୍ୟବହାର କରୁଛନ୍ତି। ବାକି ଥିବା ୭% ଯାନ ଦୁଇଗୁଣ ଟୋଲ୍ ଦେଉଥିଲେ ମଧ୍ୟ ଏଭଳି ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ଆଗାମୀ ଗୋଟିଏ ବର୍ଷରେ ଫିଜିକାଲ ଟୋଲ୍ ବୁଥ୍ ଉଚ୍ଛେଦ କରାଯିବା ନେଇ ସଦନକୁ ପ୍ରତିଶ୍ରୁତି ଦେବାକୁ ଚାହୁଁଥିବା ସେ କହିଛନ୍ତି। ଏହାର ଅର୍ଥ ହେଲା ଟୋଲ୍ ସଂଗ୍ରହ କେବଳ ଜିପିଏସ୍ ମାଧ୍ୟମରେ ହିଁ ହେବ। ଯାନ ଉପରେ ରହିଥିବା ଜିପିଏସ୍ ଇମେଜିଂ ଦ୍ୱାରା ହିଁ ଟିକସ ଆଦାୟ କରାଯିବ। ୨୦୧୬ରେ ଫାସ୍‌ଟାଗ୍‌କୁ ପ୍ରଥମେ ଶୁଭାରମ୍ଭ କରାଯାଇଥିଲା। ସବୁ ଟୋଲ୍ ପ୍ଲାଜାରେ ଇଲେକ୍‌ଟ୍ରୋନିକ ଉପାୟରେ ଟୋଲ୍ ପ୍ରଦାନ ଦିଗରେ ଏହା ସହାୟକ ହେଉଛି। ଏହାବାଦ ଗଡକରୀ ବହୁ ପ୍ରତୀକ୍ଷିତ ଭେଇକିଲ ସ୍କ୍ରାପେଜ ନୀତିକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ପୁରୁଣା କାର୍‌କୁ ବାଦ୍ ଦେଇ ଯେଉଁମାନେ ନୂଆ କାର୍ କିଣିବେ ସେମାନଙ୍କୁ ୫% ରିହାତି ମିଳିପାରିବ। ସ୍କ୍ରାପିଂ ସେଣ୍ଟରଗୁଡିକ ପକ୍ଷରୁ ପ୍ରଦାନ କରାଯାଉଥିବା ପୁରୁଣା ଯାନର ସ୍କ୍ରାପ୍ ମୂଲ୍ୟ ନୂଆ ଯାନର ଏକ୍ସଶୋ'ରୁମ୍ ମୂଲ୍ୟର ପ୍ରାୟ ୪-୬% ରହିବ। ସେହିଭଳି ବ୍ୟକ୍ତିଗତ ଯାନ ଉପରେ ୨୫% ପର୍ଯ୍ୟନ୍ତ ଏବଂ ବାଣିଜ୍ୟିକ ଯାନ ଏବଂ ୧୫% ରୋଡ୍ ଟିକସ ଛାଡ଼ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇପାରେ ବୋଲି ଗଡକରୀ ମତ ପ୍ରକାଶ କରିଛନ୍ତି।

# ଭୁଶୁଡ଼ିଲା ବ୍ରିଟିଶ ଅମଳର ସିଙ୍ଗିରା ପୋଲ

### ୧୦ ବର୍ଷ ହେଲା ଅବ୍ୟବହୃତ ଅବସ୍ଥାରେ ଥିଲା

ଛେଣ୍ଡିପଦା,୧୮।୩(ସ୍ୱ.ପ୍ର.)

ବ୍ରିଟିଶ ଅମଳର ସ୍ମୃତି ବହନ କରୁଥିବା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ସିଙ୍ଗିରା ନଦୀ ଉପରେ ଥିବା ୯୦ ବର୍ଷ ପୁରୁଣା ପୋଲ ବୁଧବାର ରାତିରେ ଭୁଶୁଡ଼ି ପଡ଼ିଛି। ୧୦ ବର୍ଷ ହେଲା ଅବ୍ୟବହୃତ ଅବସ୍ଥାରେ ଥିବା ଏହି ବ୍ରିଜ୍‌ର ଆବଶ୍ୟକ ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉ ନ ଥିଲା। ଏହାଛଡ଼ା ଦୁର୍ବୃତ୍ତମାନେ ୧୦୦ ଟନ୍‌ରୁ ଅଧିକ ଲୁହା ଚୋରି କରି ନେଇଥିବାରୁ ପୋଲ ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ବହୁ ଇତିହାସର ମୁକସାକ୍ଷୀ ଏହି ବ୍ରିଜ୍‌ର ଯତ୍ନ ନିଆଯାଇଥିଲେ ଏହା ସ୍ମୃତି ଭାବେ ଅଧିକ ଦିନ ରହିପାରିଥାନ୍ତା ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। ଅନୁଗୋଳ-ଛେଣ୍ଡିପଦା ୬୩ ନଂ. ରାଜ୍ୟ ରାଜପଥର କୋଶଳା ଗ୍ରାମ ନିକଟ ସିଙ୍ଗିରା ନଦୀ ଉପରେ ୧୯୩୦ରୁ ୧୯୩୨ ମସିହା ମଧ୍ୟରେ ଏହା ନିର୍ମିତ ହୋଇଥିଲା। ଏହି ପୋଲ ଦେଇ ସେତେବେଳେ ଅନୁଗୋଳ- ଛେଣ୍ଡିପଦା, ରେଙ୍ଗାଲି ଡ୍ୟାମ୍, ଦେବଗଡ, ସମ୍ବଲପୁରକୁ ଯାତାୟାତ ହେଉଥିଲା। ତେବେ ଶିଳ୍ପାଞ୍ଚଳ ଗଢ଼ି ଉଠିବା ପରେ ଏହି ଅଣଓସାରିଆ ବ୍ରିଜ୍‌ରେ ବହୁ ସଂଖ୍ୟାରେ ଭାରୀଯାନ ଚଳପ୍ରଚଳ ସମ୍ଭବ ହେଲାନାହିଁ। ଫଳରେ ୨୦୧୦ ମସିହାରେ ଏଠାରେ ନୂତନ ପୋଲ ନିର୍ମାଣ ହେଲା। ସେବେଠାରୁ ବ୍ରିଟିଶ ଅମଳ ଏହି ବ୍ରିଜ୍ ପରିତ୍ୟକ୍ତ ଭାବେ ପଡ଼ିରହିଥିଲା। ଦୁର୍ବୃତ୍ତମାନେ ସେଥିରୁ ଲୁହା କାଟି ନେଉଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦିଆଗଲା ନାହିଁ। ପୂର୍ତ୍ତ ବିଭାଗ ଏହାର ରକ୍ଷଣାବେକ୍ଷଣ କରିଥିଲେ ପୁରାତନ ଜ୍ଞାନ କୌଶଳରେ ନିର୍ମିତ ସିଙ୍ଗିରା ବ୍ରିଜ୍ ଆହୁରି କିଛି ବର୍ଷ ବ୍ରିଟିଶ ଅମଳର ସ୍ମୃତିକୁ ଧରିରଖିପାରିଥାନ୍ତା ବୋଲି କୁହାଯାଉଛି। ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୋଲି କହିଛନ୍ତି, ଦୁର୍ବୃତ୍ତମାନେ ଲୁହା କାଟି ନେଉଥିବା ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ। ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରତାପ ବିଶ୍ୱାଳ କହିଛନ୍ତି, ପୁରୁଣା ପୋଲରୁ ଲୁହା ଚୋରି ହେଉଥିବା ନେଇ ନିଶା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରାଯାଇଥିଲା। ଭୁଶୁଡ଼ିପଡ଼ିବା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯିବ।


ଭୁଶୁଡ଼ି ପଡ଼ିଥିବା ସିଙ୍ଗିରା ବ୍ରିଜ୍।

# ଖଣ୍ଡାଚୋଟରେ ଭିଶୋଇ ମୃତ, ୨ ଶାଳକ ଅଟକ

ଗୋପାଳପୁର,୧୮।୩

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଗିରିଶୋଲା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ଟଙ୍କା କାରବାର ଓ ପୂର୍ବ ଶତ୍ରୁତା ନେଇ ଦୁଇ ଶାଳକଙ୍କ ଖଣ୍ଡା ଚୋଟରେ ଭିଣୋଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡି. ଧର୍ମା। ତାଙ୍କ ଭାଇ ଡି. ଜେଜାରାଓଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ପୋଲିସ ପହଞ୍ଚି ୨ ଅଭିଯୁକ୍ତ ବି. ନାଗେଶ୍ୱର ଓ ବି. ତିରୁପତିଙ୍କୁ କାବୁ କରିବା ସହ ତଦନ୍ତ ଚଳାଇଛି। ଟଙ୍କା କାରବାରକୁ ନେଇ ପ୍ରାୟ ବର୍ଷେ ହେବ ଧର୍ମା ଓ ତାଙ୍କ ୨ ଶାଳକଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଥିଲା। ଧର୍ମାଙ୍କ ସ୍ତ୍ରୀ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ସେହି ଗ୍ରାମରେ ଥିବା ବାପଘରକୁ ଅସୁସ୍ଥ ମା'ଙ୍କୁ ଦେଖିବାକୁ ଯାଇଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଭାଇ ମାନଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଖବରପାଇ ଧର୍ମା ଓ ତାଙ୍କ ଭାଇ ଜେଜେରାଓ ଶ୍ୱଶୁର ଘରକୁ ଆସିଥିବା ବେଳେ ଶାଳକ ନାଗେଶ୍ୱର ଓ ତିରୁପତି ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ ମଧ୍ୟ ଧର୍ମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




# ଆକାଶଙ୍କୁ ଗୋଟିଏ ମାମଲାରେ ଜାମିନ

### ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

ବ୍ରହ୍ମପୁର ଅଫିସ,୧୮।୩

ଟାଟା ମୋଟର୍ସରେ ଚାକିରି ନାଁରେ ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଥିବା ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କୁ ଗୁରୁବାର ସର୍ତ୍ତମୂଳକ ଜାମିନ୍ ମିଳିଛି। ଗଞ୍ଜାମ ଅତିରିକ୍ତ ଜିଲା ଦୌରାଜଜ୍-୧ ଆକାଶଙ୍କୁ ଗୋଟିଏ ମାମଲାରେ ଜାମିନ ଦେଇଛନ୍ତି। ୫୦ହଜାର ଟଙ୍କାର ବେଲବଣ୍ଡ ସହିତ ଦୁଇଜଣ ଜାମିନଦାର ହାଜର ହେବା ପରେ ତାଙ୍କୁ ଜାମିନ ମିଳିଛି। ସେହିପରି ଅନ୍ୟ ଏକ ମାମଲାର ତାଙ୍କର ଜାମିନ ଖାରଜ୍ ହୋଇଛି। ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ନେଇ ବିଧାୟକ ପ୍ରଦୀପଙ୍କ ନାମରେ କଟକ କ୍ରାଇମ୍‌ବ୍ରାଞ୍ଚ ଥାନାରେ ଅଭିଯୋଗ ହୋଇଥିଲା। ଗତ ଡିସେମ୍ବରରେ ଗୋଳନ୍ଥରା ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ସେହିପରି ଜାନୁୟାରୀରେ ମଧ୍ୟ ପୁଣି ଏକ ଠକେଇ ମାମଲା ରୁଜୁ ହୋଇଥିଲା। ଏଥିରେ ଗୋଳନ୍ଥରା ଥାନା ପୋଲିସ ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପାଠକ ବାପ-ପୁଅଙ୍କୁ ଜଡ଼ିତ କରିଥିଲା। ଆଇଏଫ୍ଏସ୍ ଅଭୟକାନ୍ତଙ୍କ ନାମରେ ଗୋଟିଏ ମାମଲା ଯୋଡ଼ା ଯାଇଥିବା ବେଳେ ପୁଅ ଆକାଶ ନାମରେ ଦୁଇଟି ମାମଲା ଯୋଡ଼ିଥିଲା ପୋଲିସ। ଏଥିରେ ଜାମିନ ପାଇଁ ଆକାଶ ତାଙ୍କ ଓକିଲ ଜରିଆରେ କୋର୍ଟରେ ଆବେଦନ କରିଥିଲେ। ଗୁରୁବାର କୋର୍ଟ ରାୟ ପ୍ରକାଶ କରିଛନ୍ତି। କୋର୍ଟ ଗୋଟିଏ ମାମଲା (ଜିଆର୍-୬୨/୨୧)ରେ ଜାମିନ୍ ଦେଇଥିବାବେଳେ ଦ୍ୱିତୀୟ ମାମଲା (ଜିଆର୍-୨୨୨୫/୨୦)ରେ ଜାମିନ ଖାରଜ୍ କରିଛନ୍ତି।

# ଫସଲକୁ ସୁରକ୍ଷା ଦେବ ସୌର ତାରବାଡ଼

### ଉଦ୍ଭାବନ କରି ଚର୍ଚ୍ଚାରେ ବିପ୍ଳବ


ନିଜ ଚାଷଜମିରେ ସୌର ତାରବାଡ଼ ବିଷୟରେ ବୁଝାଉଛନ୍ତି ବିପ୍ଳବ।

ଭଦ୍ରକ ଅଫିସ, ୧୮।୩

ଫସଲକୁ ସୁରକ୍ଷା ଦେବା ପାଇଁ ଏକ ସୌର ତାରବାଡ଼ ଯନ୍ତ୍ର ଉଦ୍ଭାବନ କରି ଏବେ ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଆରସା ଗ୍ରାମର ବିପ୍ଳବ ରଞ୍ଜନ ଦାସ(୩୨)। ଜୀବଜନ୍ତୁମାନେ ଏହାର ସଂସ୍ପର୍ଶରେ ଆସିଲେ ବିଦ୍ୟୁତ୍‌ର ମୃଦୁ ଆଘାତ ପାଇ ସେହି ସ୍ଥାନରୁ ଦୌଡ଼ି ପଳାଇଯିବେ। କିନ୍ତୁ ସେମାନଙ୍କର କୌଣସି କ୍ଷତି ହେବ ନାହିଁ। ଏକ ସୋଲାର ପ୍ଲେଟ, ଏକ ଛୋଟ ବ୍ୟାଟେରି, ଆବଶ୍ୟକ ଯନ୍ତ୍ରପାତି, କିଛି ବାଉଁଶ ଓ ତାରରେ ସେ ଏହି ଯନ୍ତ୍ର ତିଆରି କରିଛନ୍ତି। ଯୁବ କୃଷକ ବିପ୍ଳବ କହନ୍ତି, ସେ ପ୍ରଥମେ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିଲେ। ପରିବାର ପ୍ରତିପୋଷଣରେ ଅକ୍ଷମ ହେବାରୁ ସେଠାରୁ ଫେରିଆସି ନିଜ ଘର ପଛପଟେ ଥିବା ୧ ଏକର ଜମିରେ ପରିବା ଚାଷ ଆରମ୍ଭ କରିଥିଲେ। ହେଲେ ବୁଲା ଗୋରୁ ଓ ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁ ଫସଲ ନଷ୍ଟ ହୋଇଯାଉଥିଲା। ପରିବାର ଲୋକେ ଦିନରାତି ଫସଲକୁ ଜଗି ରହୁଥିଲେ। ସେ ବହୁ ଚିନ୍ତା କରି ଏହି ସୌରତାରବାଡ଼ ଯନ୍ତ୍ର ଉଦ୍ଭାବନ କରିଛନ୍ତି। ଏହି ଯନ୍ତ୍ରକୁ ତିଆରି କରିବା ପାଇଁ ପ୍ରାୟ ୧୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଯନ୍ତ୍ର ପ୍ରସ୍ତୁତ ହେଲା ପରେ ଏହାସହ ଲୁହା ତାର ସଂଯୋଗ କରାଯାଇଛି। ବିପ୍ଳବ ମାତ୍ର ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ଏହି ଯନ୍ତ୍ର ଉଦ୍ଭାବନ କରି ଅନ୍ୟମାନଙ୍କ ଲାଗି ଆହ୍ୱାନ ସୃଷ୍ଟି କରିଛନ୍ତି। ଏହି ଯନ୍ତ୍ର ଦ୍ୱାରା ଫସଲଜନିତ କ୍ଷତିରେ ସୁଧାର ଆସିପାରିବ ବୋଲି ତିହିଡ଼ି ଆଖାପାଖ ଅଞ୍ଚଳର ଚାଷୀମାନେ ମତପ୍ରକାଶ କରିଛନ୍ତି।

# ଧରିତ୍ରୀ
DHARITRI

ଶୁକ୍ରବାର, ମାର୍ଚ୍ଚ ୧୯/୨୦୨୧ | Friday, March 19/2021 | ପୃଷ୍ଠା-୧




**ବିଶ୍ୱ ଚାମ୍ପିୟନକୁ ହରାଇଲେ ଜରିନ୍**

ଭାରତର ନିଖାତ ଜରିନ୍ ବିଶ୍ୱ ଚାମ୍ପିୟନ ପଲ୍ଟସେଭା ଏକାଟରିନାଙ୍କୁ ହରାଇ ବୋସଫୋରସ୍ ବକ୍ସିଂ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୧

୧୨

**ଉର୍ବଶୀ ପିଉଛନ୍ତି 'ବ୍ଲାକ୍ ୱାଟର୍'**

ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌଟେଲା 'ବ୍ଲାକ ୱାଟର' ପିଇ ଚର୍ଚ୍ଚାକୁ ଆସିଛନ୍ତି।



# ନବୀନ ନିବାସରେ ଭାଜପା



ଧାରଣାରତ ଭାଜପା ବିଧାୟକଙ୍କୁ ଆଲୋଚନା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସକୁ ଡାକି ନେଉଛନ୍ତି।

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ରାଜ୍ୟ ରାଜନୀତିରେ ଗୁରୁବାର ଏକ ନୂଆ ଘଟଣା ଦେଖିବାକୁ ମିଳିଛି। ଧାନକିଣା ଏବଂ ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗରେ ୬ଦିନ ଧରି ବିଧାନସଭାରେ ଅଚଳାବସ୍ଥା ଲାଗି ରହିଥିଲା। ଶାସକ ଓ ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ଯୋଗୁ ସମାଧାନର ବାଟ ବାହାରୁ ନ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହକୁ ଆସୁ ନ ଥିବାରୁ ଭାଜପା ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଥିଲା। ଦଳୀୟ ବିଧାୟକମାନେ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆଲୋଚନା ପାଇଁ ନ ଆସିବା ଯାଏ ହଟିବେ ନାହିଁ ବୋଲି କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ନିକଟକୁ ଆସି ନବୀନ ନିବାସ ଭିତରକୁ ଡାକିବା ପରେ ବିଧାନସଭାରେ ଲାଗି ରହିଥିବା ଅଚଳାବସ୍ଥା ଦୂର ନେଇ ବାଟ ଫିଟିଥିଲା। ଗୃହ ସ୍ୱାଭାବିକ ହେବ ବୋଲି ସର୍ବଦଳୀୟ ବୈଠକରେ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିସହିତ ଧାନକିଣା ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀ ଶୁକ୍ରବାର ଗୃହରେ ବିବୃତ୍ତି ଦେବେ ବୋଲି ସ୍ଥିର ହୋଇଛି।

ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକ ସଫଳ ହୋଇଛି। ଦୀର୍ଘ ୨ ଘଣ୍ଟା ମାରାଥନ ଆଲୋଚନା ପରେ ବିରୋଧୀ ଓ ଶାସକ ଦଳ ନିଜ ନିଜ ଜିଦ୍‌ରୁ ଓହରି ଗୃହ କାର୍ଯ୍ୟରେ ସାମିଲ ହେବା ନେଇ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ସରକାରଙ୍କ ଆଭିମୁଖ୍ୟ ଗୃହରେ ରଖିବା ନେଇ ସର୍ବଦଳୀୟ ☞ପୃଷ୍ଠା-୫

### ଆଜିଠାରୁ ସ୍ୱାଭାବିକ ହେବ ଗୃହ

- ସ୍ୱାଧିକାର କମିଟିକୁ ଗଲା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗ
- ଆଜି ଉତ୍ତର ରଖିବେ ଯୋଗାଣ ମନ୍ତ୍ରୀ
- ବିଧାନସଭାରେ କଂଗ୍ରେସର ଧାରଣା

## କେତେ ସଫେଇ ଦେବେ

**ଭୁବନେଶ୍ୱର,୧୮।୩(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୩୫ ହଜାର ଏକର ଜମି ବିକ୍ରି କରିବାକୁ ଯୋଜନା କରାଯାଉଛି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ମାର୍ଚ୍ଚ ୧୬ରେ ବିଧାନସଭାରେ ଏକଥା କହିଛନ୍ତି। ଏ ନେଇ ମାର୍ଚ୍ଚ ୧୭ ତାରିଖରେ କେବଳ 'ଧରିତ୍ରୀ'ରେ ଏ ସମ୍ପର୍କିତ ଖବର ପ୍ରକାଶ କରିଥିଲା। ଏହାକୁ ନେଇ ବିଭିନ୍ନ ମହଲରୁ କଡା ସମାଲୋଚନା ହେବା ପରେ ସରକାରଙ୍କର ଦୁଇଟି ଅଙ୍ଗ ଏବେ ଭିନ୍ନ ମତ ଦେଉଥିବା ସାମ୍ନାକୁ ଆସିଛି। ଆଇନ ବିଭାଗ ପକ୍ଷରୁ ତର୍ଜମା କରାଯାଇ ଦିଆଯାଇଥିବା ତଥ୍ୟକୁ ଆଇନ ମନ୍ତ୍ରୀ ବିଧାନସଭାରେ ରଖୁଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଫେଇ ଦେଇ ଏହି ଖବରକୁ ଖଣ୍ଡନ କରାଯାଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଉଲ୍ଲେଖ ଯୋଗ୍ୟ ଯେ ମାର୍ଚ୍ଚ ୧୬ରେ ଭାଜପା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଧାନକିଣାରେ ରାଜନୀତି

## ବଢ଼ିବ ବିଦ୍ୟୁତ୍ ଦର

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ପୁଣି ବିଦ୍ୟୁତ୍ ଦର ବଢ଼ିବ। ରାଜ୍ୟରେ ୨୦୨୧-୨୨ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଦର ବୃଦ୍ଧି କରିବାକୁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ନିକଟରେ ଆବେଦନ କରିଛି। ୟୁନିଟ୍ ପିଛା ଦେଢ଼ ଟଙ୍କା ବୃଦ୍ଧି କରିବାକୁ ଏଥିରେ ପ୍ରସ୍ତାବ ଦିଆଯାଇଛି, ଯାହାକି ଉପଭୋକ୍ତାଙ୍କ ଉପରେ ଅଧିକ ବୋଝ ପଡ଼ିବ। ୬ ମାସ ତଳେ ଓଇଆର୍‌ସି ବିଦ୍ୟୁତ୍ ଦର ୟୁନିଟ ପିଛା ୨୦ପଇସା ବୃଦ୍ଧି କରି ☞ପୃଷ୍ଠା-୨





DSPL - 257

ଓଡ଼ିଶା ସରକାର | FICCI

କୃଷି ଓଡ଼ିଶା

ସମନ୍ୱିତ ଚାଷ
ଚାଷୀଙ୍କ ବିକାଶ



ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ କୃଷି ବିଭାଗ ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ରେ ଯୋଡ଼ି ହୁଅନ୍ତୁ ।
https://www.facebook.com/profile.php?id=100011790529031 - ଫେସ୍‌ବୁକ୍
https://www.youtube.com/channel/UCxVyYmMXlrMrOEiF91XY9Hw - ୟୁଟ୍ୟୁବ୍

ରାଜ୍ୟସ୍ତରୀୟ କୃଷି ମହାକୁମ୍ଭ
ଓ ଜିଲ୍ଲାସ୍ତରୀୟ କୃଷି ପ୍ରଦର୍ଶନୀର
ଉଦ୍‌ଯାପନୀ ଉତ୍ସବ

- ୧୬୭ ଗୋଟି ମଣ୍ଡପରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ସଫଳତା ପ୍ରଦର୍ଶନ।
- ବ୍ୟାଙ୍କ ପ୍ରାଧିକର୍ତ୍ତା ଓ ସଂପୃକ୍ତ ଭାଗୀଦାରଙ୍କ ମଧ୍ୟରେ କୃଷି ବ୍ୟବସାୟର ବିକାଶ ସମ୍ବନ୍ଧରେ ସଫଳ ଆଲୋଚନା।
- କୃଷକ ଓ ବୈଜ୍ଞାନିକଙ୍କ ମଧରେ ୧୧ ଗୋଟି ବିଷୟଭିତ୍ତିକ ଆଲୋଚନାଚକ୍ରରେ ୩୦୦୦ ରୁ ଉର୍ଦ୍ଧ୍ୱ କୃଷକମାନଙ୍କ ସକ୍ରିୟ ଅଂଶଗ୍ରହଣ।
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ୧୨୦ ଜଣ ଅଗ୍ରଣୀ କୃଷକ, ୩୦ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ, ୩୦ ଗୋଟି ଜଳବିଭାଜିକା ମିଶନ ଗୋଷ୍ଠୀ ଓ ୪୫ଜଣ ଦକ୍ଷ କ୍ଷେତ୍ର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।
- କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମଧ୍ୟରେ ମିଲେଟ୍ ଶସ୍ୟ (କ୍ଷୁଦ୍ର ଶସ୍ୟ)ର ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ ଉଦ୍ଦେଶ୍ୟରେ ବୁଝାମଣା ପତ୍ର ସାକ୍ଷରିତ ହୋଇଛି । କୃଷି ଓଡ଼ିଶା ସ୍ମରଣିକା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ମାର୍ଗଦର୍ଶିକା ଆଦି ଉନ୍ମୋଚିତ ହୋଇଛି।
- କୃଷି ଓଡ଼ିଶାର ସମସ୍ତ କାର୍ଯ୍ୟକ୍ରମରେ ରାଜ୍ୟର କୃଷକ ସମୁଦାୟଙ୍କ ଅନ୍ତର୍ଭୁକ୍ତି ନିମନ୍ତେ ୩୦ଗୋଟି ଜିଲ୍ଲାକୁ ସିଧାପ୍ରସାରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ଲକ୍ଷାଧିକ ଜନସାଧାରଣ ଯୋଡ଼ି ହୋଇଛନ୍ତି।



ଓଡ଼ିଶାର ମହାମହିମ ରାଜ୍ୟପାଳ
ପ୍ରଫେସର ଗଣେଶୀ ଲାଲ୍‌ଙ୍କ
କରକମଳରେ
ଉଦ୍‌ଯାପନୀ ସମାରୋହ

୧୯ ମାର୍ଚ୍ଚ ୨୦୨୧
ସନ୍ଧ୍ୟା ୬:୩୦

ବିଜୁ ପଟ୍ଟନାୟକ ଖେଳ ପଡ଼ିଆ
ବରମୁଣ୍ଡା, ଭୁବନେଶ୍ୱର

OIPR-01034/13/0039/2021

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### କେତେ ସଫେଇ...

ସଭ୍ୟ ମୋହନ ଚରଣ ମାଝି ଅଣତାରକା ପ୍ରଶ୍ନ ନଂ.୨୦୭୪ରେ ପଚାରିଥିଲେ ଯେ, ପୁରୀ ଶ୍ରୀମନ୍ଦିରର ସୁପରିଚାଳନା କରିବା ସକାଶେ ଗଠିତ କମିଶନ ଓ କମିଟି ମଧ୍ୟରୁ କେଉଁ କମିଶନ ଓ କମିଟି ଦ୍ୱାର କେଉଁ ଗୁରତ୍ୱପୂର୍ଣ୍ଣ ପ୍ରସ୍ତାବ ତଥା ମୂଲ୍ୟାୟନ ସୁପାରିସ ମଧ୍ୟରୁ କେଉଁ ପ୍ରସ୍ତାବ ବା ସୁପାରିସଗୁଡିକ କେବେ ଠାରୁ କାର୍ଯ୍ୟକାରୀ କରିଛନ୍ତି। କେଉଁଗୁଡିକ କାର୍ଯ୍ୟକାରୀ କରି ନାହାନ୍ତି ତା'ର ଏକ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିବେ କି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଶ୍ରୀମନ୍ଦିର ସମ୍ପର୍କିତ ସମୁଦାୟ ଗଠିତ କେତୋଟି ତଦନ୍ତ କମିଶନ ମଧ୍ୟରୁ କେଉଁ କେଉଁ ତଦନ୍ତ କମିଶନ ରିପୋର୍ଟକୁ ଆନୁଷ୍ଠାନିକ ଭାବେ ସରକାର ଗ୍ରହଣ କରିଛନ୍ତି, ତାହା ପ୍ରକାଶ କରିବେ କି ବୋଲି ପଚାରିଥିଲେ।

ଆଇନ ମନ୍ତ୍ରୀ ଏହାର ଜବାବରେ କହିଛନ୍ତି ଯେ ଶ୍ରୀ ମନ୍ଦିର ପରିଚାଳନାରେ ଉନ୍ନୀତକରଣ ଓ ସଂସ୍କାର ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସମୟରେ ୪ଟି ତଦନ୍ତ କମିଶନ ନିଯୁକ୍ତି କରିଛନ୍ତି। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ସୁପାରିସଗୁଡିକୁ କାର୍ଯ୍ୟକାରୀ କରାଯାଇଛି। ରାଜ୍ୟର ୨୪ଟି ଜିଲାରେ ଥିବା ୬୦,୪୨୬ ଏକର ଶ୍ରୀଜଗନ୍ନାଥ ଜମିକୁ ସରକାର ଚିହ୍ନଟ କରିଛନ୍ତି। ସେଥିରୁ ୩୪,୮୭୬.୯୮୩ଏକର ଜମି ସଂଶୋଧିତ ସତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଛି। କମିଶନଙ୍କ ସୁପାରିସ ଅନୁଯାୟୀ ଏହି ଜମିକୁ ବିକ୍ରୟ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ଅନୁମୋଦିତ 'ସମାନ ନୀତି'ରେ ବର୍ଣ୍ଣିତ ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଉଛି। ଇତିମଧ୍ୟରେ କଟକ ସହରସ୍ଥିତ ଭାରତୀମଠ କୋଠା ବ୍ୟତୀତ ଅନ୍ୟ ଜିଲାରରେ ଥିବା ଜମି ମଧ୍ୟରୁ ୩୧୫.୩୩୭ ଏକର ଜମିକୁ ୧୧,୨୦,୭୭,୯୯୧ ଟଙ୍କାରେ ବିକ୍ରି କରାଯାଇ ଉକ୍ତ ଅର୍ଥକୁ ଶ୍ରୀମନ୍ଦିର ସ୍ଥାୟୀ ପାଣ୍ଠିରେ ବିନିଯୋଗ କରାଯାଇଛି। ଏହାଛଡା ଓଡିଶା ବାହାରେ ଅନ୍ୟ ୬ ଗୋଟି ରାଜ୍ୟରେ ଥିବା ଶ୍ରୀଜୀଉଙ୍କ ଏ ୩୯୫.୨୫୨ ଡିସମିଲ ଜମିକୁ ଚିହ୍ନଟ କରାଯାଇ ସେଗୁଡିକୁ ବିକ୍ରୟ କରାଯିବା ନିମନ୍ତେ ସମ୍ପୃକ୍ତ ଜିଲାର ଜିଲାମାନଙ୍କୁ ଚିଠି ଲେଖାଯାଇଛି ବୋଲି ମନ୍ତ୍ରୀ ତାଙ୍କ ଲିଖିତ ଉତ୍ତରରେ କହିଛନ୍ତି।

ଜମି ବିକ୍ରି ନିଷ୍ପତ୍ତିକୁ ନେଇ ବିଭିନ୍ନ ମହଲରୁ କଡା ସମାଲୋଚନାର ଶିକାର ହେବା ପରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ୧୬ ରେ ଆଇନ ମନ୍ତ୍ରୀ ବିଧାନସଭାରେ ଦେଇଥିବା ଉତ୍ତରକୁ ବିରୋଧ କରି ଏକ ପ୍ରତିବାଦ ଦେଇଛନ୍ତି। ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଓ ଅସତ୍ୟ ବୋଲି କୁହାଯାଇଛି। ଦୀର୍ଘ ବର୍ଷ ଧରି ବିଭିନ୍ନ ବ୍ୟକ୍ତି ମହାପ୍ରଭୁଙ୍କ ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି। ସେଗୁଡିକ ୟୁନିଫାଏଡ୍ ପଲିସ ଅନୁଯାୟୀ ମନ୍ଦିର କମିଟି ଦ୍ୱାରା ୨୦୦୩ରେ ସ୍ଥିର କରାଯାଇଥିଲା। ତେବେ ୨୦୦୧ରୁ ୨୦୧୦ ମଧ୍ୟରେ ୨୯୧ ଏକର ଏବଂ ୨୦୧୧ରୁ ୨୦୨୧ ମଧ୍ୟରେ ୯୬ ଏକର ଜମି ସର୍ବସାଧାରଣଙ୍କ ଉପକାର ପାଇଁ ସ୍କୁଲ, ମେଡିକାଲ କଲେଜ, ରାସ୍ତା ଇତ୍ୟାଦି ନିର୍ମାଣ ସକାଶେ ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ଏ ନେଇ ଆଇନ ବିଭାଗ ନା ଶ୍ରୀମନ୍ଦିର ପ୍ରଶାସନ କିଏ ଅସତ୍ୟ କହୁଛନ୍ତି, ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି।

ଅନ୍ୟ ପକ୍ଷରେ ମହାପ୍ରଭୁଙ୍କ ଜମି ବିକ୍ରି ଯୋଜନାକୁ ବିଭିନ୍ନ ମହଲରୁ କଡା ବିରୋଧ କରାଯାଇଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ରାଜ୍ୟ ସରକାରଙ୍କର ଏଭଳି ଯୋଜନାକୁ କଡା ବିରୋଧ କରିଛନ୍ତି। ସେ ଟୁଇଟ କରି କହିଛନ୍ତି ଯେ ଏହା ଅତ୍ୟନ୍ତ ଆପତ୍ତିଜନକ, ବେଆଇନ ଏବଂ କୋଟି କୋଟି ହିନ୍ଦୁମାନଙ୍କ ଭାବାବେଗକୁ ବିରୁଦ୍ଧାଚରଣ କରୁଛି। ସେହି ଜମି ଶ୍ରୀ ଜଗନ୍ନାଥଙ୍କର, ତାହା ରାଜ୍ୟ ସରକାରଙ୍କର ନୁହେଁ। ରାଜ୍ୟ ସରକାର କଟକରେ ଥିବା ମନ୍ଦିରର ୩୧୫ ଏକର ଜମିକୁ ମାତ୍ର ୧୧.୨୦ କୋଟି ଟଙ୍କାରେ ବିକ୍ରି କରିଛନ୍ତି। ଏହାର ଅର୍ଥ ହେଉଛି ଏକର ପିଛା ମାତ୍ର ୪ ଲକ୍ଷ ୫୫ ହାଜର ଟଙ୍କାରେ ବିକ୍ରି କରାଯାଇଛି। ଏହି ମୂଲ୍ୟ ବଜାର ମୂଲ୍ୟ ଠାରୁ ବହୁ କମ। ଏଥିରେ ଦୁର୍ନୀତିର ଗନ୍ଧ ଆସୁଛି। ଜଗନ୍ନାଥଙ୍କ ବିରୋଧରେ ଏହା ଏକ ଷଡଯନ୍ତ୍ର ବୋଲି ପ୍ରଦୀପ୍ତ କହିଛନ୍ତି। ସେହିପରି ଜଗନ୍ନାଥ ସଂସ୍କୃତି ସୁରକ୍ଷା ମଞ୍ଚ ଆବାହକ ଲକ୍ଷ୍ମୀକାନ୍ତ ଦାଶ କହିଛନ୍ତି ଯେ ଜଗନ୍ନାଥଙ୍କର ସମ୍ପତ୍ତି ସରକାର କିମ୍ବା ମନ୍ଦିର ପ୍ରଶାସନର ନୁହେଁ। ବହୁ ଆଗରୁ ମହାପ୍ରଭୁଙ୍କର ଜମିକୁ ସେମାନେ ଘରୋଇ ସଂସ୍ଥାକୁ ଦେଇଛନ୍ତି। ଏହା ବଦଳରେ ମନ୍ଦିରକୁ କ'ଣ ମିଳିଛି। ଜମି ବିକିବା ବଦଳରେ ୫ କିମ୍ବା ୧୦ ବର୍ଷ ପାଇଁ ଲିଜ୍ ଦେବା ଉଚିତ। ଟଙ୍କାର ମୂଲ୍ୟ କମି ଯାଇ ପାରେ, ମାତ୍ର ଜମିର ମୂଲ୍ୟ ପ୍ରତ୍ୟେକ ବର୍ଷ ବଢିବ ବୋଲି ସେ କହିଛନ୍ତି।

16.03.2021

**କାର୍ଯ୍ୟକାରୀ ହୋଇଥିବା ପ୍ରସ୍ତାବ**

UDAQ No.2074 . ଶ୍ରୀ ମୋହନ ଚରଣ ମାଝୀ : ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ପୁରୀ ଶ୍ରୀ ମନ୍ଦିରର ସୁପରିଚାଳନା କରିବା ସକାଶେ ଗଠିତ କମିଶନ ଓ କମିଟି ମଧ୍ୟରୁ କେଉଁ କମିଶନ ଓ କମିଟି ଦ୍ୱାରା କେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ତଥା ମୂଲ୍ୟାୟନ ସୁପାରିଶ ମଧ୍ୟରୁ କେଉଁ ପ୍ରସ୍ତାବ ବା ସୁପାରିଶ ଗୁଡିକ କେବେ ଠାରୁ କାର୍ଯ୍ୟକାରୀ କରିଛନ୍ତି ଓ କେଉଁ ଗୁଡିକ କାର୍ଯ୍ୟକାରୀ କରିନାହାନ୍ତି ତାର ଏକ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିବେ କି, (ଖ) ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଶ୍ରୀମନ୍ଦିର ସମ୍ପର୍କୀତ ସମୁଦାୟ ଗଠିତ କେତେଗୋଟି ତଦନ୍ତ କମିଶନ ମଧ୍ୟରୁ କେଉଁ କେଉଁ ତଦନ୍ତ କମିଶନ ରିପୋର୍ଟକୁ କେବେ ଆନୁଷ୍ଠାନିକ ଭାବେ ସରକାର ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିବେ କି ?

ଉତ୍ତର

ଶ୍ରୀ ପ୍ରତାପ ଜେନା, ଆଇନ ମନ୍ତ୍ରୀ

(କ) ପୁରୀ ଶ୍ରୀମନ୍ଦିର ପରିଚାଳନାରେ ଉନ୍ନତିକରଣ ଓ ସଂସ୍କାର ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ସମୟରେ ୪ ଗୋଟି ତଦନ୍ତ କମିସନ ନିଯୁକ୍ତି କରିଥିଲେ ଯଥା: ୧) ମାନ୍ୟବର ବିଚାରପତି, ଶ୍ରୀ ବି.କେ.ପାତ୍ର କମିଶନ ୨) ରାଜ୍ୟପାଳ ବି.ଡି. ଶର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନାର ଉନ୍ନତି ନିମନ୍ତେ ଗଠିତ କମିଟି,୩) ମାନ୍ୟବର ବିଚାରପତି, ଶ୍ରୀ ପି.କେ. ମହାନ୍ତି କମିଶନ ଓ ୪) ମାନ୍ୟବର ବିଚାରପତି, ଶ୍ରୀ ବି.ପି. ଦାସ କମିଶନ । ସେମାନଙ୍କର କେତେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶଗୁଡିକୁ ନିମ୍ନମତେ କାର୍ଯ୍ୟକାରୀ କରାଯାଇଅଛି ।

କ୍ର.ସଂ ୩- ଶ୍ରୀଜୀଉଙ୍କର ଖୋର୍ଦ୍ଧା ଅଞ୍ଚଳରେ ଥିବା ଜମି ମଧ୍ୟରୁ ୧୦ ମୌଜାରେ ଅବସ୍ଥିତ ଏ.୫୮୨.୨୫୫ଡି. ପରିମିତ ଜମିକୁ ଓଡିଶା କାଜୁ ଉନ୍ନୟନ ନିଗମ ଲିଙ୍କୁ ଲିଜ୍ ସୂତ୍ର ଦିଆଯାଇ ସେ ବାବଦକୁ ବାର୍ଷିକ ଟ.୩,୦୦,୦୦୦/- ଆୟ ହେଉଅଛି ।

**କ୍ର.ସଂ ୫ ଓ ୬-** ଓଡିଶା ରାଜ୍ୟର ୨୪ ଗୋଟି ଜିଲ୍ଲାରେ ଥିବା ଏ.୬୦,୪୨୬.୯୪୩ଡ଼ି ପରିମିତ ଶ୍ରୀଜୀଉଙ୍କ ଜମି ଚିହ୍ନଟ କରାଯାଇଅଛି । ତନ୍ମଧ୍ୟରୁ ଏ.୩୪,୮୭୬.୯୮୩ଡି. ପରିମିତ ଜମି ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଅଛି । ମାନ୍ୟବର କମିଶନଙ୍କ ସୁପାରିଶ ଅନୁଯାୟୀ ଏହି ଜମିକୁ ବିକ୍ରୟ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ଅନୁମୋଦିତ 'ସମାନ ନୀତି' ରେ ବର୍ଣ୍ଣିତ ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଉଅଛି । ଇତି ମଧ୍ୟରେ କଟକ ସହର ସ୍ଥିତ ଭାରତୀ ମଠ କୋଠା ବ୍ୟତୀତ ଅନ୍ୟ ଜିଲ୍ଲାରେ ଥିବା ଜମି ମଧ୍ୟରୁ ଏ.୩୧୫.୩୩୭ଡି. ପରିମିତ ଜମିକୁ ସଂପୃକ୍ତ ଜମି କ୍ରୟ ଦରଖାସ୍ତକାରୀଙ୍କୁ ରେଜିଷ୍ଟ୍ରି ଦଲିଲ ମାଧ୍ୟମରେ ବିକ୍ରୟ କରାଯାଇ ବିକ୍ରୟ ଲବ୍ଧ ଟ.୧୧,୨୦,୭୭, ୯୯୧/- ଶ୍ରୀମନ୍ଦିର ସ୍ଥାୟୀ ପାଣ୍ଠି ରେ ବିନିଯୋଗ କରାଯାଇଅଛି ।

ଏତଦ୍‌ଭିନ୍ନ ଓଡିଶା ବାହାରେ ଅନ୍ୟ ୬ ଗୋଟି ରାଜ୍ୟରେ ଥିବା ଶ୍ରୀଜୀଉଙ୍କ ଏ.୩୯୫.୨୫୨ ଡି. ପରିମିତ ଜମି ଚିହ୍ନଟ କରାଯାଇ ଏବଂ ଏହାକୁ ବିକ୍ରୟ କରାଯିବା ନିମନ୍ତେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ରାଳାପ କରାଯାଇଅଛି ।

**କ୍ର ସଂ- ୧୦.** ଶ୍ରୀଜୀଉଙ୍କର ବିଭିନ୍ନ ବେଶର ଫଟୋ ମୁଦ୍ରଣ କରାଯାଇ ତାହା ବିକ୍ରୟ କରାଯାଉଛି ।
**କ୍ର.ସଂ-୧୧.** ଗର୍ଭଗୃହରେ ପରିମାଣିକ ଟିକେଟ ବିକ୍ରୟ କରାଯାଇ ଦର୍ଶନାର୍ଥୀଙ୍କ ଗର୍ଭଗୃହରେ ଦର୍ଶନ ବ୍ୟବସ୍ଥା କରାଯାଇଥିଲା, ସେହିପରି ଭିତରକାଠ ନିକଟରେ ଦର୍ଶନ ପାଇଁ ଭିତରକାଠ ଦର୍ଶନୀ ଟିକେଟ ମଧ୍ୟ ବିକ୍ରୟ କରାଯାଉଥିଲା । ୨୦୧୬ ମସିହାରେ ଜଗମୋହନ ମରାମତି ପାଇଁ ଏହି ଦର୍ଶନ ବନ୍ଦ କରାଯାଇଛି । ଏ ପର୍ଯ୍ୟନ୍ତ ଏହାର ପୁନଃ ପ୍ରଚଳନ କରାଯାଇନାହିଁ ।
**କ୍ର.ସଂ- ୧୨.** ଶ୍ରୀମନ୍ଦିର ନାଟ ମଣ୍ଡପରେ ଗୋଟିଏ ହୁଣ୍ଡି ସ୍ଥାପନ କରାଯାଇଅଛି ।
**କ୍ର.ସଂ- ୧୬.** ଶ୍ରୀଜୀଉଙ୍କ ପାଇଁ ଦାତାମାନେ ଦେଉଥିବା ଅଳଙ୍କାରମାନ ଶ୍ରୀଅଙ୍ଗରେ ଲାଗି ପାଇଁ ସଂପୃକ୍ତ ଦାତାଙ୍କ ଠାରୁ ଆବଶ୍ୟକୀୟ ଫିସ୍ ଆଦାୟ କରାଯାଉଅଛି ।

### ବଢ଼ିବ ବିଦ୍ୟୁତ୍...

ଟ୫.୨୫ଙ୍କା କରିଥିଲା। ଏବେ ବଣ୍ଟନ କମ୍ପାନୀ ଦେଇଥିବା ପ୍ରସ୍ତାବକୁ ଯଦି ରାଜ୍ୟ ସରକାର ମଞ୍ଜୁର କରନ୍ତି ତେବେ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ଟ୬.୭୫ଙ୍କା ଦେବାକୁ ପଡ଼ିବ। ଅପରପକ୍ଷରେ ବଣ୍ଟନ କମ୍ପାନୀର ଏହି ପ୍ରସ୍ତାବକୁ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ସଂଘ ବିରୋଧ କରିଛି। ଯଦି ରାଜ୍ୟ ସରକାର ବିଦ୍ୟୁତ୍ ଦର ବୃଦ୍ଧି ପ୍ରସ୍ତାବକୁ ଗ୍ରହଣ କରିବେ, ତେବେ ଉପଭୋକ୍ତ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ସଭାପତି ରମେଶ ଶତପଥୀ ଚେତାବନୀ ଦେଇଛନ୍ତି। ରାଜ୍ୟ ସରକାର ଉପଭୋକ୍ତାଙ୍କୁ ଶୋଷଣ କରି ଶକ୍ତି ବିଭାଗ ମାଧ୍ୟମରେ ବାର୍ଷିକ ୩ହଜାରରୁ ୪ହଜାର କୋଟି ଟଙ୍କା ରାଜସ୍ୱ ମାଧ୍ୟମରେ ସଂଗ୍ରହ କରୁଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ କମ୍ ଦରରେ ଉପଭୋକ୍ତାଙ୍କୁ ବିଜୁଳି ଦେଉଛନ୍ତି ବୋଲି ଶତପଥୀ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଦୋଷେ ଖାଉଛି ମାଟି**
**ବାପ ପୁଅ ମଲୁ ମଜୁରି ଖଟି ।**

ନିଜେ କରିଥିବା ଭଲ ମନ୍ଦ ପାଇଁ ବ୍ୟକ୍ତି ନିଜେ ଦାୟୀ ରହିଥାଏ। ମଣିଷ ନିଜ କର୍ମର ଫଳ ଭୋଗିବାକୁ ବାଧ୍ୟ। ନିଜ ଦୋଷ ବା କୁକର୍ମର ଫଳ ଆଉ କେହି ଭୋଗ କରି ନ ଥାନ୍ତି। ନିଜକୁ ହିଁ ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆକଟ ନ କଲା ପୋଇଲା**
**ଯେଣେ ଇଚ୍ଛା ତେଣେ ଶୋଇଲା।**

ପୋଇଲାର ଅର୍ଥ ଦାସୀ ପୁତ୍ର। ପିଲାକୁ ଶାସନ ନ କଲେ ନିଜ ଆୟତ୍ତରେ ନ ରଖିଲେ ତାଙ୍କ ମୁହଁ ବଢ଼ିଯାଏ। ଫଳ ସ୍ୱରୂପ ସେମାନେ ଉପରମୁହାଁ ବା ବେମୁରୁବା ହୋଇଯାଇଥାନ୍ତି। ପରିଶେଷରେ ଅବାଟରେ ଯାଇ ନିଜର ମନ୍ଦ ସ୍ୱଭାବ ବା ଆଚରଣ ଦ୍ୱାରା ଘର ଓ ପରିବାର ସମ୍ମାନ ପଦାରେ ପକାଇ ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# classifieds Everyday
0674-2580101, 2549302




## SALE

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed gharabari boundary** ଥାଇ ପ୍ଲଟ୍ କିଣନ୍ତୁ। **7008492511.** D-69386

Fully furnished 2BHK Flat Sale, Puri Bypass road at Krupajal College near Hyundai Showroom, Bhubaneswar. Contact- 9861037729, 9040337729. D-20245

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି **plot boundarywall, road, electricity** ସହିତ **NH** ଠାରୁ **500'** ଦୂରତାରେ ବିକ୍ରିହେବ। **9861428475.** D-70814

Gharabari boundary plot at Aiginia Square just 100 meters from N.H. Contact: 9439778849. D-67784

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Sum Hospitalରୁ ୪କି.ମି. ଘଂଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

**Bhubaneswar AIIMS and Sum Hospital ନିକଟରେ ଘରବାରି plot sale. 7847882596.** D-70815

50acres plotting township project @ Bhubaneswar, Contact Shree Krishna developer. 8984366148. D-70561

ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ କୋର୍ଟ ନିକଟ, ତରଡ଼ାପଡ଼ା ମୌଜା ମେନ୍ ରୋଡ୍ ପାଖରେ ପ୍ରତ୍ୟେକ ପ୍ଲଟ୍‌କୁ ବିଦ୍ୟୁତ୍ ସଂଯୋଗ ଓ **20** ରାସ୍ତା ଥାଇ ଘରବାରି ଜାଗା ବିକ୍ରିହେବ। ଯୋଗାଯୋଗ- **7325800846.** D-70556

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୁପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। **8249776268, 8327774136.** D-69387

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA- 9853150290. D-70812

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

ଭୁବନେଶ୍ୱର ପଟିଆ ରେଲୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

2BHK simplex 28,00,000/-, finishing Hanspal, gharabari plot Atala, Bhingarpur. 8093465134. D-70902

## GENERAL
## SALE

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo- 8458080690. D-20205




**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997




Shivam logistic packers movers. Household/ car relocation countrywide. 9777044177, 9338461133. D-20160




Get good massage for your health the best therapy. 7749997224. D-70438

Zen SPA positively health benefits with experts therapeutic genuinely massage. 7205084157. D-70560

Swarna SPA newly open positively health benefits with expert therapist. 9556978408. D-70559

New opening Saikrupa Panchakarma and SPA jointpain, fullbody massage, 8984068077. D-65913




ରୋଜଗାର ରୋଜଗାର:- **AEPS & Mobile recharge portal ନିଅନ୍ତୁ। Daily 1000/- ରୁ 1500/- income କରନ୍ତୁ। Contact: 7852932323.** D-20271

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Design your website. Website designing, E-commerce solutions, digital marketing, Logo & Graphics design. Contact: 08093333447.** D-20264

## LOST

This is for information of all concerned that, "Y" form Book No.- 18846 vide Sl. No.- 0942251 to Sl. No.- 0942300 of Krushnachandrapur Stone Quarry No.- 6., Banarpal Tahasil, Dist.- Angul, Odisha has been lost. Anyone having received the same, may please contact Sri Pradeep Kumar Sarangi, At- Gadapadasahi, Khalari, Po/Dist.- Angul- 759122, Odisha, Mob- 7894444403. D-20270

Myoriginal BPUT, MCA Degree Certificate bearing Regd. No.- 0705206016 has been lost. I shall not be responsible for its misuse. Rajesh Kumar Behera, Surya Vihar, Link road, Cuttack- 753012. D-20273

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ରାହୁଙ୍କ ସହ ମଙ୍ଗଳ ଓ ଚନ୍ଦ୍ର ଥିବାରୁ କୌଣସି ସିଦ୍ଧାନ୍ତ ନେବାରେ ଅସ୍ଥିରତା ଅନୁଭବ କରିବେ। ସାମାଜିକ ସ୍ତରରେ ନିଜ ଲୋକମାନେ ମଧ୍ୟ ଅନ୍ୟମାନଙ୍କ ସହ ମିଶି ବିରୁଦ୍ଧାଚରଣ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ସଭାସମିତି ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**

ସୁଯୋଗ ଆପଣା ଛାଏଁ ଆସିବ, ସାବଧାନତା ସହକାରେ ତାହାର ଉପଯୋଗ କରି ପାରିଲେ ହେଲା। ମୃଗଶିରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଭଲ ରୂପେ ଭାବି ଚିନ୍ତି କାମ କରିବା ଭଲ ହେବ। ପ୍ରସ୍ତୁତି ପଥରେ ଥିବା କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ**

ଉପରିସ୍ଥଙ୍କ ଭୁଲ୍ ବୁଝାମଣାରୁ କର୍ମ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। କିନ୍ତୁ ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ**

ଆଜି ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରକ୍ଷାରେ ସମର୍ଥ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ। ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗରୁ ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**ସିଂହ**

ଆଜି ଅସାବଧାନତା ବଶତଃ ଧନ ହାନି ଯୋଗ ରହିଛି। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ। ପ୍ରତ୍ୟେକ କଥାରେ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡ଼ିବ।

**କନ୍ୟା**

ଦୀର୍ଘ ଦିନରୁ ଲାଗି ରହିଥିବା ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହିବ ନାହିଁ। ହାତକୁ ନେଇଥିବା କାମ ବିଷୟରେ ଯାହା କରିବା କଥା ଶୀଘ୍ର ଶେଷ କରିବା ଭଲ। ଅବଶ୍ୟ କିଛି ଅସୁବିଧା ହେବନି, ଆପଣ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ସତ୍‌ସଙ୍ଗ କିମ୍ବା ନାମ ସଙ୍କୀର୍ତ୍ତନରେ ନିଜକୁ ହଜାଇ ଦେଇପାରନ୍ତି।

**ତୁଳା**

ଆଜି ମନ ଅନୁଯାୟୀ କାମ କରିବାରେ ଅସୁବିଧା ନାହିଁ। ପ୍ରତ୍ୟେକ କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଅନୁଷ୍ଠାନ, ସଭା ସମିତି, କଚେରି ମାମଲା ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ମୂଲ୍ୟବାନ ଜିନିଷ କିଣିବା, ଗୃହ ନିର୍ମାଣ, ଯାନ ବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି।

**ବିଛା**

ବହୁ ବିଚାରବିମର୍ଶ ପରେ ପୂର୍ବ କଳ୍ପିତ କାମ ସାମାନ୍ୟ ବ୍ୟତିକ୍ରମ ଭିତରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ଘଟିବ। କିନ୍ତୁ ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ଧନୁ**

ଆଜି ଦିନ ମଧ୍ୟରେ ଯେତିକି ପାଇବେ, ସେତିକିରେ ସନ୍ତୁଷ୍ଟ ରହିବା ଭଲ ହେବ। ଶିକ୍ଷା, ସନ୍ତାନ, ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମକର**

ଦୀର୍ଘ ଦିନରୁ ପଡ଼ି ରହିଥିବା କାମ ସକାଶେ ଚିନ୍ତା କରି ପାରନ୍ତି। ପଡ଼ୋଶୀ କିମ୍ବା ସହକର୍ମୀମାନେ ଫାଇଦା ହାସଲ ସକାଶେ ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ଅସମ୍ଭବ ହୋଇପଡ଼ିବ। ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ସମସ୍ୟା ସମାଧାନର ରାସ୍ତା ବାହାର କରିପାରିବେ ନାହିଁ।

**କୁମ୍ଭ**

ପୂର୍ବ ଯୋଜନା ଅନୁଯାୟୀ କର୍ମରେ ଆଗୁଁସାର ହୋଇ ସଫଳତା ହାସଲ କରିବେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। କିନ୍ତୁ ଆତ୍ମୀୟମାନେ ଶତ୍ରୁତା କରିବେ। ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିପାରେ।

**ମୀନ**

ଆଜିର ପ୍ରତ୍ୟୁଷ ଯାତ୍ରା ଆପଣଙ୍କ ପାଇଁ ସଫଳତା ଆଣିଦେବ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଓ ଗୌରବାର୍ଜନ ନିଶ୍ଚିତ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ ହେବ।

ଆଜି ଫାଲଗୁନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ମାର୍ଚ୍ଚ ୧୯ ତାରିଖ, ରାଶି ନକ୍ଷତ୍ର-ଦିବା, ଘ.୦୧.୪୩ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୫ମି. ଗତେ ଘ.୦୬.୪୩ମି. ମଧ୍ୟେ, ଘ.୦୭.୩୧ମି. ଗତେ ଘ.୦୯.୫୪ମି. ମଧ୍ୟେ, ଘ.୧୨.୧୮ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୪.୧୮ମି. ଗତେ ଘ.୦୫.୫୩ମି. ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୯.୦୬ମି. ଗତେ ଘ.୦୯.୫୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୨୪ମି. ଗତେ ଘ.୧୧.୫୪ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୨୧,୧୭,୨୧୪ | ୨୬,୯୬,୬୭୯ | ୯,୮୩,୭୦,୬୩୧ |
| ଭାରତ | ୧,୧୫,୧୧,୯୩୬ | ୧,୫୯,୩୯୪ | ୧,୧୦,୮୦,୯୨୦ |
| ଓଡ଼ିଶା | ୩,୩୮,୪୮୯ | ୧୯୧୮(+୫୩) | ୩,୩୫,୯୨୩ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ଏମ୍‌ପି

**ବକେୟା ୬୪୯ କୋଟି ପୈଠ ପାଇଁ ଦାବି**

ନୂଆଦିଲ୍ଲୀ,୧୮।୩

ବିଜୁ ଜନତା ଦଳ (ବିଜେଡି)ର ସଂସଦୀୟ ପ୍ରତିନିଧି ଦଳ ଗୁରୁବାର କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଭେଟି ୨୦୨୦-୨୧ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟରେ ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦକୁ ବକେୟା ଥିବା ୬୪୯.୭୧ କୋଟି ଟଙ୍କା ପୈଠ ପାଇଁ ଅନୁରୋଧ କରିଛନ୍ତି। ଏନେଇ ବିଜେଡିର ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟମାନେ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍)ରେ ରାଜ୍ୟ ସରକାର ୫୬୦.୯୧ କୋଟି ଟଙ୍କା ପାଇବାକୁ ରହିଛି। ଯୋଜନାର ୬୦ ପ୍ରତିଶତ କେନ୍ଦ୍ର ସରକାର ଦେଉଥିବାବେଳେ ଅବଶିଷ୍ଟ ୪୦ ପ୍ରତିଶତ ରାଜ୍ୟ ସରକାର ବହନ କରିଥାନ୍ତି। ଯୋଜନା ବାବଦ ମୋଟ ୧୨୯୧.୦୩ କୋଟିରୁ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ୭୩୦.୧୨ କୋଟି ପାଇଥିବାବେଳେ ୫୬୦.୯୧ କୋଟି ଟଙ୍କା ବାକି ରହିଛି। ସେହିପରି ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ୧୯.୯୧ କୋଟି, ଇନ୍ଦିରା ଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନାରେ ୪.୦୬ କୋଟି, ପୋଷଣ ଯୋଜନାରେ ୬୭.୮୪ କୋଟି ଏବଂ କିଶୋରୀ ଯୋଜନା ବାବଦକୁ ୫.୧୨ କୋଟି ଟଙ୍କା ବକେୟା ରହିଛି। ଏସବୁକୁ ମିଶାଇ ମୋଟ ୬୪୯.୭୧ କୋଟି ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

# ‘ନିଜ ଦାୟିତ୍ୱରୁ ପଳାୟନ କରୁଛନ୍ତି ସରକାର’

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁନ୍ଦରଗଡର ୩ ଭାଜପା ବିଧାୟକ**

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦି ଦେଇ ରାଜ୍ୟ ସରକାର ନିଜ ଦାୟିତ୍ୱରୁ ଖସି ଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ସୁନ୍ଦରଗଡର ୩ ଭାଜପା ବିଧାୟକ ଅଭିଯୋଗ କରିଛନ୍ତି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଏବଂ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗତ ୧୬ ତାରିଖରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ରାଉରକେଲା ସ୍ଥିତ ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ସମ୍ପର୍କିତ ପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଠାଇଛନ୍ତି। ଏହି ପତ୍ରରୁ ମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କ ନିକଟରେ ସବିଶେଷ ତଥ୍ୟ ନ ଥିବା ଭଳି ଲାଗୁଛି। ବାସ୍ତବରେ ରାଉରକେଲା ଇସ୍ପାତ୍ କାରଖାନା ନିଜର ମୁଖ୍ୟ କାର୍ଯ୍ୟ ଇସ୍ପାତ୍ ଉତ୍ପାଦନ ସହ ଅନ୍ୟାନ୍ୟ ସାମାଜିକ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରି ନିଜର ଏକ ସ୍ୱତନ୍ତ୍ର ସ୍ଥାନ କେବଳ ସୁନ୍ଦରଗଡରେ ନୁହେଁ ବରଂ ସାରା ଦେଶରେ ମଧ୍ୟ ବଜାୟ ରଖିଥିବା ଉଲ୍ଲେଖ କରିଛନ୍ତି।




# ଆର୍ଯ୍ୟପଲ୍ଲୀ ସରପଞ୍ଚଙ୍କ ପଦବୀ ଅସିଦ୍ଧ

**ଓଡିଆ ନ ଜାଣିବା ମହଙ୍ଗା ପଡ଼ିଲା**

ଛତ୍ରପୁର,୧୮।୩(ଡି.ଏନ.ଏ)

ଓଡିଆ ଲେଖାପଢ଼ା ଜାଣି ନ ଥିବା କାରଣରୁ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସରପଞ୍ଚ ଏମ୍ .ଲକ୍ଷ୍ମୀଙ୍କ ପଦବୀ ଅସିଦ୍ଧ ଘୋଷଣା ହୋଇଛି। ଛତ୍ରପୁର ସିଭିଲ ଜଜ୍ ଜୁନିୟର ଡିଭିଜନ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ ଗୁରୁବାର ଏହି ରାୟ ପ୍ରକାଶ କରିଛନ୍ତି । ୨୦୧୭ ପଞ୍ଚାୟତ ନିର୍ବାଚନରେ ଏମ୍. ଲକ୍ଷ୍ମୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ହେଲେ ସେ ସମୟରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପି. ଦମୟନ୍ତୀଙ୍କ ପକ୍ଷରୁ ଲକ୍ଷ୍ମୀଙ୍କ ବିରୋଧରେ ୨୦୧୭ ମାର୍ଚ୍ଚ ୧ରେ ଛତ୍ରପୁର ସିଭିଲ କୋର୍ଟରେ ଏକ ପିଟିଶନ (ନଂ.୧/୧୭) ଦାଖଲ କରାଯାଇଥିଲା। ଲକ୍ଷ୍ମୀ ଆନ୍ଧ୍ରର ଝିଅ, ସେ ଓଡିଆ ଲେଖିପଢି ଜାଣି ନାହାନ୍ତି ଏବଂ ନାମାଙ୍କନ ଦାଖଲ ବେଳେ ଜାଲ୍ ଓବିସି ପ୍ରମାଣପତ୍ର ଦେଇଥିବା ନେଇ ଉକ୍ତ ପିଟିଶନରେ ଦର୍ଶାଯାଇଥିଲା। ଏହି ମାମଲାର ଶୁଣାଣି କରି ଲକ୍ଷ୍ମୀ ଓଡିଆ ଲେଖିପଢି ଜାଣି ନ ଥିବା ଏବଂ ଜାଲ ପ୍ରମାଣପତ୍ର ଦାଖଲ କରିଥିବାରୁ ତାଙ୍କ ସରପଞ୍ଚ ପଦବୀକୁ ବିଚାରପତି ଅସିଦ୍ଧ ଘୋଷଣା କରିଛନ୍ତି। ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦମୟନ୍ତୀଙ୍କ ପକ୍ଷରୁ ଓକିଲ ପଦ୍ମଚରଣ ସାହୁ, ସରକାରଙ୍କ ପକ୍ଷରୁ ମନୋଜ ପାଢୀ ମାମଲା ପରିଚାଳନା କରୁଥିଲେ । ସୂଚନାଯୋଗ୍ୟ, ଗତ ୫ ତାରିଖରେ ମଧ୍ୟ ଓଡିଆ ଲେଖାପଢା ଜାଣି ନ ଥିବା ନେଇ ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ସରପଞ୍ଚ ପି. ସୀମାଦ୍ରିଙ୍କ ପଦବୀ ରଦ୍ଦ ହୋଇଥିଲା ।



ଏମ୍ .ଲକ୍ଷ୍ମୀ






ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ। -ଶ୍ରୀମା



# ଧାନକିଣାରେ ରାଜନୀତି

ଆମ ରାଜ୍ୟରେ ଧାନକିଣା ପ୍ରକ୍ରିୟା ସବୁବେଳେ ଏକ ସମସ୍ୟା ହୋଇ ରହିଆସିଛି। ପ୍ରତିବର୍ଷ ଏହି ପ୍ରକ୍ରିୟା ସଞ୍ଚାଳନ କରିବାରେ ଦେଖାଯାଉଥିବା ଅସଙ୍ଗତି ବା ଅବ୍ୟବସ୍ଥା ଯୋଗୁ ସରକାର କଡ଼ା ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟର ୧୨,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଧାନ କିଣାରେ ପ୍ରମୁଖ ଭୂମିକା ନେଉଥିବା ଓଡ଼ିଶା ଷ୍ଟେଟ୍ ସିଭିଲ ସପ୍ଲାଇଜ୍ କର୍ପୋରେଶନ (ଓଏସ୍‌ସିଏସ୍‌ସି) ଅତୀତର ଭୁଲରୁ କିଛି ବି ଶିକ୍ଷା କରିନାହିଁ। ଯୋଗାଣ ବିଭାଗ ଅଧିକାରୀ ଏବଂ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ଗୁଡ଼ିକ ବିରୋଧରେ ଅଭିଯୋଗ ଏକ ସାଧାରଣ କଥା ହୋଇଗଲାଣି। ବହୁ ସମୟରେ ରାଇସ୍ ମିଲରମାନଙ୍କର ଅନୈତିକ କାର୍ଯ୍ୟ ଉପରେ ଅଭିଯୋଗ କରାଯାଉଛି। ନିକଟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଡବ୍ଲ୍ୟୁଏସ୍‌ଏଚ୍‌ଜି)ଗୁଡ଼ିକ ଏବଂ ପାଣି ପଞ୍ଚାୟତ (ପିପି) ଗୁଡ଼ିକୁ ଶୀଘ୍ର ଧାନ ସଂଗ୍ରହ ଭୂମିକାରେ ଲଗାଯାଇଥିଲା। ତଥାପି ସରକାର ଏହି ସମସ୍ୟା ସୁଧାରିବାରେ ସକ୍ଷମ ହୋଇପାରିନାହାନ୍ତି। ପୂର୍ବ ଭଳି ଚଳିତବର୍ଷ ମଧ୍ୟ ଧାନ କିଣାରେ ସମସ୍ୟା ଦେଖାଦେଇଛି। ରାଜ୍ୟରେ ଧାନକିଣା ପ୍ରକ୍ରିୟା ବିକେନ୍ଦ୍ରୀକରଣ ହେବା ଏବଂ ଓଏସ୍‌ସିଏସ୍‌ସିକୁ ଧାନକିଣା ଦାୟିତ୍ୱ ଦେବା ଦିନରୁ କିଣା ପ୍ରକ୍ରିୟା ସବୁବେଳେ ବିବାଦରେ ଫସି ଆସିଛି। ୨୦୦୫-୦୬ରେ କେନ୍ଦ୍ର ଖାଦ୍ୟ ନିଗମ ତରଫରୁ ଧାନ କିଣିବାରେ ଘରୋଇ ବ୍ୟବସାୟୀମାନଙ୍କୁ କାର୍ଯ୍ୟରେ ରାଜ୍ୟ ସରକାର ଲଗାଇବାର ଅଭିଜ୍ଞତା ହାସଲ କରିଥିଲେ। କିନ୍ତୁ ତାହା ଦୁଇ ତିନି ବର୍ଷ ପରେ ବନ୍ଦ ହୋଇଗଲା। ସେତେବେଳେ ମଣ୍ଡିରୁ ଧାନ ନ ଉଠିଲେ ବି ଏତେ ଅଭିଯୋଗ ଆସୁ ନ ଥିଲା। ଧାନ କିଣୁଥିବା ଘରୋଇ ବ୍ୟବସାୟୀମାନେ ବେଶି ଲାଭ ପାଇବା ଲାଗି ଅଗ୍ରିମ ଟଙ୍କା ଦେଇ ଅଧିକ ଧାନ କିଣିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ବର୍ତ୍ତମାନ କୃଷକମାନଙ୍କୁ ଟଙ୍କା ନ ଦେବା କିମ୍ବା ଦେବାରେ ବିଳମ୍ବ ହେବା,ମଣ୍ଡି ନ ଖୋଲିବା ଏବଂ ଟୋକନ ସମସ୍ୟା ପୁରା ପ୍ରକ୍ରିୟାକୁ ଠପ୍ କରିଦେଉଛି। ଏହିସବୁ ସମସ୍ୟା ଗୋଟିଏ ପରେ ଗୋଟିଏ ପରକୁ ପର ଘଟୁଛି। ଏହା ନୁହେଁ ଯେ,ଏବେ ଆମ ପାଖରେ ଚଳିତବର୍ଷ କିଛି ନୂଆ ସମସ୍ୟା ସାମ୍ନା କରିବାକୁ ପଡ଼ିଛି। ତଥାପି ଏକ ସ୍ଥାୟୀ ସମାଧାନର ବାଟ ପାଇବାକୁ ସରକାର ବିଫଳ ହୋଇଛନ୍ତି।

ଓଡ଼ିଶାର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଏହାର ୪ ଭାଗରୁ ୩ ଭାଗ ଲୋକଙ୍କର ମୁଖ୍ୟ ଜୀବିକା କୃଷି। ଧାନ ହିଁ ଏକମାତ୍ର ଶସ୍ୟ, ଯାହା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ରେ ବିକ୍ରି ହୋଇଥାଏ। ଏଣୁ କୃଷକମାନେ ଅଧିକ ପରିମାଣରେ ଧାନ ଚାଷ କରୁଛନ୍ତି। ଧାନ ପାଇଁ ଏକ ମୁକ୍ତ ବଜାର କି ଧାନରୁ ଉତ୍ପାଦ ପ୍ରସ୍ତୁତ କରିବା ଲାଗି କୌଣସି ବ୍ୟବସ୍ଥା ନଥିବାରୁ କୃଷକମାନେ ସରକାରଙ୍କୁ ସେମାନଙ୍କ ଧାନ ବିକ୍ରି କରିବାକୁ ଚାହିଁଥାଆନ୍ତି।

## ଆଜିର ଅର୍ଥନୀତି

ଧାନ କିଣା ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ହୋଇଥାଏ। ପ୍ରଥମ ନଭେମ୍ବରରୁ ଫେବ୍ରୁଆରୀ ଏବଂ ଆଉ ଥରେ ଗ୍ରୀଷ୍ମକାଳୀନ ଧାନ ପାଇଁ ମେ'ରୁ ଜୁନ ମଧ୍ୟରେ କରାଯାଇଥାଏ। ରାଜ୍ୟ ଖାଦ୍ୟ ଏବଂ ଉପଭୋକ୍ତା ବ୍ୟାପାର ବିଭାଗ ଅଧୀନରେ ଓଏସ୍‌ସିଏସ୍‌ସି ରହିଛି ଓ ଉକ୍ତ ବିଭାଗ ଏହାର କାର୍ଯ୍ୟକୁ ନିୟନ୍ତ୍ରଣ କରେ। ଏଣୁ ସମ୍ପୃକ୍ତ ବିଭାଗକୁ ଏହି ସମସ୍ୟାର ସମାଧାନ କରିବାର ବାଟ ବାହାର କରିବା ଦରକାର। ଧାନ ବିକି ନ ପାରି ନିରାଶ ହୋଇ ମଣ୍ଡିରେ କୃଷକମାନେ ବିଷ ଖାଉଛନ୍ତି। ଧାନ ବିକ୍ରି କରିବାକୁ ମଣ୍ଡିରେ ଅନେକ ଦିନ ପଡ଼ି ରହୁଛନ୍ତି। ଏହାବ୍ୟତୀତ ସବୁଠୁ ଖରାପ ଟୋକନ ସିଷ୍ଟମ ବି ଏକ ସମସ୍ୟା ହୋଇ ଉଭାହୋଇଛି। ଧାନକିଣା ପ୍ରକ୍ରିୟାର ସମସ୍ୟାଗୁଡ଼ିକୁ କେନ୍ଦ୍ର କରି ବିରୋଧୀମାନେ ବିଧାନସଭା ଚଳାଇ ଦେଉନାହାନ୍ତି। ଜଣେ ଭାଜପା ବିଧାୟକ ମଧ୍ୟ ଗୃହରେ ସାନିଟାଇଜର ପିଇ ଆତ୍ମହତ୍ୟା କରିବାର ଉଦ୍ୟମ କରିଛନ୍ତି। ଏହି ଘଟଣା ଧାନକିଣା ସମସ୍ୟାର ଗୁରୁତ୍ୱକୁ ଆହୁରି ବଢ଼ାଇ ଦେଇଛି। ଗୃହରେ ଭାଜପା ବିଧାୟକ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବାରୁ ସେ କ୍ଷମା ମାଗନ୍ତୁ ବୋଲି ବିଜେଡି ଚାହୁଁଥିବାବେଳେ ବିରୋଧୀ କିନ୍ତୁ ଧାନ କିଣା ପ୍ରସଙ୍ଗକୁ ନେଇ ସରକାରଙ୍କ ଉପରେ ଲଗାତର ତାଙ୍କର ଆକ୍ରମଣ ଜାରି ରଖିଛନ୍ତି। ଧାନକିଣାକୁ କେନ୍ଦ୍ର କରି ଗୁରୁବାରକୁ ନେଇ ୬ ଦିନ ଧରି ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ଉଭୟ ଶାସକ ଦଳ ଏବଂ ବିରୋଧୀ ଏହି ସମସ୍ୟାକୁ ନେଇ ଯେଉଁ ବାଟରେ ଯାଉଛନ୍ତି,ଏହି ଅଧିବେଶନ ପୂରା ନଷ୍ଟ ହେବାକୁ ଯାଉଥିବା ଜଣାପଡୁଛି।

ଧାନକିଣାରେ ବାରମ୍ବାର ଘଟୁଥିବା ଏହି ସମସ୍ୟା ଦୂର କରିବାକୁ କ'ଣ ବାଟ ନାହିଁ? ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ସମୀକ୍ଷା କରିବାର ଏହା କ'ଣ ଉପଯୁକ୍ତ ସମୟ ନୁହେଁ? ଧାନକିଣା କାର୍ଯ୍ୟର ଅଧିକ ଦାୟିତ୍ୱ ମୁଣ୍ଡାଇ ଚାପରେ ଥିବା ଓଏସ୍‌ସିଏସ୍‌ସିକୁ ଏଥିରୁ କ୍ଷାନ୍ତ କରିବା ପାଇଁ ଏହା କ'ଣ ସମୟ ନୁହେଁ? ଏହି କର୍ପୋରେଶନ କେବଳ ଧାନ କିଣୁନାହିଁ, ବରଂ ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ଚାଉଳ ବାଣ୍ଟୁଛି ଏବଂ ଏହା ସହ ଅନ୍ୟ ଅସଂଖ୍ୟ ଦାୟିତ୍ୱରେ ଛନ୍ଦି ହୋଇଛି। ରାଜ୍ୟ ସରକାର କ'ଣ ଧାନକିଣାକୁ ସୁରୁଖୁରୁରେ ଚଳାଇବା ଲାଗି ସ୍ପେଶିଆଲ ପର୍ପସ ଭେହିକିଲ(ଏସ୍‌ପିଭି) ଭଳି କିଛି ବ୍ୟବସ୍ଥା କରିପାରିବେ ନାହିଁ? ସରକାର ମଧ୍ୟ ତାଙ୍କ ତରଫରୁ ଏହି ପ୍ରକ୍ରିୟାରେ ମଧ୍ୟସ୍ଥି ଭାବେ କାର୍ଯ୍ୟରେ ଲଗାଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପାଣି ପଞ୍ଚାୟତ ଗୁଡ଼ିକୁ ବନ୍ଦ କରିବା ଉଚିତ। ଭୋଟ ହାସଲ କରିବା ପାଇଁ ରାଜ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ସରକାରଙ୍କର ବଡ଼ ଅସ୍ତ୍ର। କିନ୍ତୁ ଧାନକିଣା ପ୍ରକ୍ରିୟା ଏକ ବୃହତ୍ ଲାଭଦାୟକ ଯୋଜନା। ଯଦି ଜଣେ କେନ୍ଦ୍ରର ମୂଲ୍ୟ ତାଲିକାକୁ ଅନୁଧ୍ୟାନ କରିବେ, ତେବେ ଏହି କାର୍ଯ୍ୟରେ ସାମିଲ ପ୍ରତ୍ୟେକ ଅଂଶୀଦାରଙ୍କ ପାଇଁ ମୋଟା ଅଙ୍କର କମିଶନ ନିଶ୍ଚିତ କରାଯାଇଛି। ଏହା ହିଁ କାରଣ, ଯେଉଁଥିପାଇଁ ଓଏସ୍‌ସିଏସ୍‌ସି ଏଥିରେ ସମ୍ପୃକ୍ତ ରହିବାକୁ ଚେଷ୍ଟା କରୁଛି ଏବଂ ସରକାର ସେମାନଙ୍କ ଇଚ୍ଛା ପୂରଣ କରିବାକୁ ବି ସହଯୋଗ କରୁଛନ୍ତି। ସମୁଦାୟ ପ୍ରକ୍ରିୟାରେ ପ୍ରତ୍ୟେକ ଯେତେବେଳେ ଲାଭ ପାଉଛନ୍ତି, ସେତେବେଳେ କୃଷକ କାହିଁକି କ୍ଷତି ସହିବ?

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 9 | | | | | 3 | | 7 | | |
| | | 0 | 2 | | | E | | | 4 | | A | | 3 | |
| 2 | 5 | | 7 | | D | B | | | 9 | 8 | | | | |
| | D | | | 6 | | | 2 | | | | | | A | |
| | | 8 | | | | 6 | C | | | | | 0 | | |
| | 6 | | | 4 | | | | | D | | | | 2 | |
| | | | B | 7 | | C | | 4 | | A | 1 | 6 | 5 | 0 |
| | 4 | 1 | | A | | 5 | | | | | | | | B |
| | | | 1 | | | | | | | 6 | 0 | | | |
| 0 | 2 | | 9 | | | | | 6 | | | 8 | | 7 | |
| | 0 | | 5 | | C | | | 7 | A | | | | | |
| | 9 | | E | | | | | | | 5 | | 4 | | 3 |
| | | A | 6 | 0 | 1 | | B | | | 2 | | | | |
| | | | 4 | | | | | 5 | 3 | | E | A | 8 | |
| 5 | B | C | A | | | 8 | | | 0 | | 6 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | C | E | 7 | B | 3 | 6 | 9 | 4 | 0 | 1 | 5 | A | D | 2 |
| 7 | 9 | 5 | D | 1 | C | 0 | E | B | 3 | A | 2 | 6 | 4 | 8 |
| 1 | B | 2 | E | 4 | 5 | 3 | D | A | 7 | 8 | 6 | C | 9 | 0 |
| D | 0 | A | 6 | 2 | 8 | 1 | C | 5 | B | 9 | 4 | 7 | E | 3 |
| 3 | 6 | 4 | A | 9 | 0 | 7 | 2 | 8 | C | E | D | 5 | B | 1 |
| A | D | 0 | 4 | 8 | 1 | 9 | 5 | 3 | 6 | C | E | 2 | 7 | B |
| 5 | 3 | B | C | D | 6 | A | 7 | E | 9 | 2 | 8 | 0 | 1 | 4 |
| 9 | 1 | C | B | 0 | 7 | 2 | 4 | 6 | D | 5 | 3 | E | 8 | A |
| 4 | E | 8 | 9 | 5 | 2 | C | B | 1 | A | 7 | 0 | D | 3 | 6 |
| 6 | 2 | 7 | 3 | E | A | D | 8 | 0 | 1 | 4 | B | 9 | C | 5 |
| 2 | 4 | D | 5 | 6 | 9 | E | 0 | 7 | 8 | 3 | 1 | B | A | C |
| E | 7 | 1 | 0 | A | 4 | 5 | 3 | C | 2 | B | 9 | 8 | 6 | D |
| 0 | A | 3 | 8 | 7 | D | B | 1 | 2 | E | 6 | C | 4 | 5 | 9 |
| C | 5 | 6 | 2 | 3 | B | 8 | A | 9 | 4 | D | 7 | 1 | 0 | E |
| B | 8 | 9 | 1 | C | E | 4 | 6 | D | 5 | 0 | A | 3 | 2 | 7 |

ଗତକାଲିର ଉତ୍ତର

# ବ୍ୟସ୍ତ ଜୀବନ ଓ ନିଦ୍ରା ସମସ୍ୟା



ଈପ୍ସିତା ମହାନ୍ତି

## ବିଶ୍ୱ ନିଦ୍ରା ଦିବସ ଉପଲକ୍ଷେ

ନିଦ୍ରା ହେଉଛି ପ୍ରକୃତିର ଏକ ଅନୁପମ ବରଦାନ। ନିଦରେ ଶୋଇବାକୁ ଅବା ନିଦ୍ରାରେ ଯିବାକୁ କିଏବା ନ ଚାହେଁ! ନିଦ୍ରା ଆଜି ଏକ ବିଳାସପ୍ରିୟ ଭୂମିକାରେ ଅବତୀର୍ଣ୍ଣ। ଆଜିର ଦୁନିଆରେ ଦୈନିକ ସମ୍ପୂର୍ଣ୍ଣ ୮ରୁ ୯ଘଣ୍ଟା ନିରବଚ୍ଛିନ୍ନ ଭାବେ ଶୋଇବାକୁ ପାଉଥିବା ବ୍ୟକ୍ତି ହିଁ ବଡ଼ ଭାଗ୍ୟବାନ୍। ହେଲେ, ସାରା ଦୁନିଆ ଆଜି ନିଦ ଲାଗି ସଂଗ୍ରାମରତ। ଏକଥା ଅନେକଙ୍କୁ ବିଚଳିତ କରୁଥିବ। ଆଶ୍ଚର୍ଯ୍ୟ ହେଲେ ମଧ ସତ ଏୟା ଯେ; ଦୁନିଆର ଅଧିକାଂଶ ଲୋକ ଆଜି ଭଲଭାବେ ଶୋଇ ପାରୁନାହାନ୍ତି। ଗୋଟିଏ ପଟରେ ଅନେକଙ୍କୁ ଏଠି ନିଦ୍ରା ପାଇଁ ସମୟ ମିଳୁନାହିଁ ତ ଅନ୍ୟପଟେ ଯାହାକୁ ସମୟ ମିଳୁଛି ତାକୁ ଠିକ୍ ଭାବେ ନିଦ ହେଉନାହିଁ। ନିଦ୍ରାର ଆବଶ୍ୟକତାକୁ ଉପଲବ୍ଧି କରି ତଥା ଏଥିପ୍ରତି ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ୨୦୦୭ରୁ ପ୍ରତିବର୍ଷ ମାର୍ଚ୍ଚ ୧୯ରେ ପାଳିତ ହୋଇଆସୁଛି ବିଶ୍ୱ ନିଦ୍ରା ଦିବସ।

ସାରା ଦୁନିଆର ଲୋକେ ପର୍ଯ୍ୟାପ୍ତ ପରିମାଣରେ ଶୋଇ ପାରୁଛନ୍ତି ନା ନାହିଁ; ଏହା ଜାଣିବା ପାଇଁ ବୈଜ୍ଞାନିକମାନେ ଏକ ମୋବାଇଲ୍ ଆପ୍‌ର ସହଯୋଗରେ ପୃଥିବୀର ୧୦୦ ଭିନ୍ନ ଭିନ୍ନ ଦେଶର ପାଖାପାଖି ୬ ହଜାର ଅଧିବାସୀଙ୍କୁ ନେଇ ଏକ ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନ ସମୟରେ ଲୋକଙ୍କ ନିଦ୍ରାଭ୍ୟାସଜନିତ ସବିଶେଷ ତଥ୍ୟକୁ ଯାଞ୍ଚ କରିବାରୁ ଜଣାପଡିଥିଲା ଯେ, ସାରା ଦୁନିଆର ଲୋକ ବର୍ତ୍ତମାନ ପୂର୍ବ ତୁଳନାରେ କମ୍ ସମୟ ଶୋଉଛନ୍ତି। ଉକ୍ତ ଅଧ୍ୟୟନ ଅନୁସାରେ ବିଶ୍ୱରେ ସ୍ପେନ୍ ଦେଶର ଲୋକେ ସବୁଠାରୁ ବିଳମ୍ବରେ ଶୋଇବାକୁ ଯାଆନ୍ତି। ଏଠାରେ ଲୋକଙ୍କ ହାରାହାରି ଶୋଇବା ସମୟ ହେଉଛି ରାତ୍ର ୧୧ଟା ୪୫ ମିନିଟ୍। ସେହିଭଳି ସାରା ଦୁନିଆରେ ଅଷ୍ଟ୍ରେଲିଆର ଲୋକେ ସବୁଠାରୁ ଶୀଘ୍ର ଶୋଇଥାନ୍ତି। ଏଠାକାର ଲୋକେ ରାତ୍ର ୧୦ଟା ୪୫ ମିନିଟ୍ ମଧ୍ୟରେ ଶୋଇପଡ଼ନ୍ତି। ସାରା ଦୁନିଆରେ ନେଦରଲାଣ୍ଡର ଲୋକେ ସର୍ବାଧିକ ସମୟ ଶୟନ କରିଥାଆନ୍ତି। ଏଠାରେ ଲୋକଙ୍କ ହାରାହାରି ଶୋଇବା ସମୟ ହେଉଛି ୮ଘଣ୍ଟା ୧୨ ମିନିଟ୍। ଜାପାନ ଓ ସିଙ୍ଗାପୁରବାସୀଙ୍କ ହାରାହାରି ଶୋଇବା ସମୟ କିନ୍ତୁ ଦୁନିଆରେ ସବୁଠାରୁ କମ୍। ଏମାନେ ମାତ୍ର ୭ ଘଣ୍ଟା ୨୪ ମିନିଟ୍ ଶୋଇଥାନ୍ତି। ସେହିଭଳି ଦୁନିଆରେ ସାଉଦିଆରବର ଲୋକେ ଖୁବ୍ ବିଳମ୍ବରେ ଶଯ୍ୟାତ୍ୟାଗ କରିଥାନ୍ତି। ଏମାନେ ହାରାହାରି ସକାଳ ୭ଟା ୪୫ ମିନିଟରେ ନିଦରୁ ଉଠିଥାଆନ୍ତି। ସାରା ଦୁନିଆରେ ଆମେରିକୀୟମାନେ ସବୁଠାରୁ ଶୀଘ୍ର ଉଠିଥା'ନ୍ତି। ଏମାନଙ୍କ ହାରାହାରି ଉଠିବା ସମୟ ହେଉଛି ସକାଳ ୬ଟା ୪୫ ମିନିଟ୍।

ଆମ ଦେଶ ଭାରତରେ ମଧ୍ୟ ନିଦ୍ରାର ସ୍ଥିତି ଠିକ୍‌ଠାକ୍ ନାହିଁ। ଏଠାରେ ଅଧିକାଂଶ ଲୋକଙ୍କ ନିଦ୍ରା ସମୟ ୬ ଘଣ୍ଟାରୁ ବି କମ୍। ୨୦୧୫ରେ ଭାରତୀୟଙ୍କ ନିଦ୍ରାଭ୍ୟାସ ସମ୍ପର୍କରେ ହୋଇଥିବା ଏକ ସର୍ବେକ୍ଷଣରେ ଦେଶର ୨୫ଟି ସହରର ୫,୬୦୦ ଲୋକ ଅଂଶ ଗ୍ରହଣ କରିଥିଲେ। ଏହି ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ପ୍ରାୟ ୯୩% ଭାରତୀୟ ସଠିକ୍ ମାତ୍ରାରେ ଶୋଇ ପାରୁନାହାନ୍ତି। ପୁଣି ଠିକ୍ ମାତ୍ରାରେ ଶୋଇବାକୁ ପାଉ ନ ଥିବା ଲୋକେ ନାନାପ୍ରକାର ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ, ପ୍ରାୟ ୭ କୋଟି ଭାରତୀୟ ନିଦ୍ରାହୀନତା କାରଣରୁ ଆଜି ଭିନ୍ନଭିନ୍ନ ରୋଗରେ ଆକ୍ରାନ୍ତ। ଏହି ସର୍ବେକ୍ଷଣ ଅନୁସାରେ, ୭୨% ଭାରତୀୟ ରାତିରେ ଶୋଇବା ସମୟରେ ୩ରୁ ୪ଥର ନିଦରୁ ଉଠିଥାନ୍ତି। ଏଥିସହ ୮୭% ଭାରତୀୟ ନିଦ୍ରାହୀନତା କାରଣରୁ ନିଜ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡୁଥିବା ସ୍ୱୀକାର କରିଛନ୍ତି। ଏଥିଯୋଗୁଁ ନିଜ ଦପ୍ତର କାର୍ଯ୍ୟରେ କୁପ୍ରଭାବ ପଡୁଛି ବୋଲି ୫୭% ଭାରତୀୟ ସ୍ୱୀକାର କରିଛନ୍ତି। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି; କେବଳ ୨% ଭାରତୀୟ ନିଦ୍ରା ଠିକ୍ ହେଉ ନ ଥିବା କାରଣ ଦର୍ଶାଇ ଡାକ୍ତରଙ୍କ ଦ୍ୱାରସ୍ଥ ହୋଇଥାନ୍ତି।

ବୈଜ୍ଞାନିକଙ୍କ ମତରେ ଦୈନିକ ୨୪ ଘଣ୍ଟିଆ କାର୍ଯ୍ୟବ୍ୟସ୍ତ ଜୀବନଶୈଳୀ, ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମୋବାଇଲ୍ ଫୋନର ବ୍ୟବହାର, ଭିନ୍ନଭିନ୍ନ ସିଫ୍ଟ ବା ପର୍ଯ୍ୟାୟରେ କାମ କରିବାର ବାଧ୍ୟବାଧକତା ସହ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଜୀବନରେ ଅନ୍ୟକୁ ପଛରେ ପକାଇ ଆଗକୁ ଯିବାର ଆକାଂକ୍ଷା ଯୋଗୁ ହିଁ ଆଜି ସାରା ଦୁନିଆରେ ନିଦ୍ରା ପାଇଁ ବିରାଟ ସଂକଟ ସୃଷ୍ଟି ହୋଇଛି। ୧୯୫୦ରେ ସାରା ଦୁନିଆର ଲୋକେ ହାରାହାରି ୮ଘଣ୍ଟା ଶୋଉଥିଲେ। ୨୦୧୩ ବେଳକୁ ତାହା ହ୍ରାସ ପାଇ ସାଢ଼େ ୬ ଘଣ୍ଟାରେ ପହଞ୍ଚିଗଲା। ଦୈନିକ ୮ଘଣ୍ଟାର ନିଦକୁ ଯଦି ଆଧାର ରୂପେ ଧରାଯିବ, ତେବେ ୯୦ବର୍ଷ ଜୀବିତ ଥିବା ଜଣେ ବ୍ୟକ୍ତି ନିଜ ବୟସର ପ୍ରାୟ ୩୨ ବର୍ଷ ଶୋଇବାରେ ହିଁ କଟାଇଥାଏ। କେତେକ ଏହାକୁ ସମୟର ଅପଚୟ ବୋଲି କହିଥାନ୍ତି। କିନ୍ତୁ ବାସ୍ତବରେ ଏହା ସେଭଳି କଥା ନୁହେଁ। କାରଣ ସୁସ୍ଥ ଶରୀର ପାଇଁ ସଠିକ୍ ମାତ୍ରାର ନିଦ୍ରା ନିହାତି ଅପରିହାର୍ଯ୍ୟ।

ବୈଜ୍ଞାନିକଙ୍କ କହିବା ଅନୁସାରେ, ଅତୀତରେ ମନୁଷ୍ୟଙ୍କ ପୂର୍ବଜ ଗଛ ଉପରେ ରହୁଥିଲେ। ତେଣୁ ସେତେବେଳେ ତଳେ ପଡ଼ିଯିବା ଭୟରେ ଲୋକଙ୍କ ନିଦ୍ରା ଅତି ପତଳା ରହୁଥିଲା। ଆଜକୁ ୨୦ ଲକ୍ଷ ବର୍ଷ ପୂର୍ବେ ମନୁଷ୍ୟ ଭୂମି ଉପରେ ବସବାସ କରିବା ଆରମ୍ଭ କରିବା ପରଠାରୁ ବିଛଣାରେ ଶୋଇବା ପରମ୍ପରା ଆରମ୍ଭ ହୋଇଛି। ଏହି ପରିସ୍ଥିତିରେ ତଳେ ପଡ଼ିଯିବା ଭୟ ରହିଲା ନାହିଁ। ଫଳସ୍ୱରୂପ ମନୁଷ୍ୟର ନିଦ୍ରା ଗାଢ଼ ଓ ଲମ୍ବା ହୋଇଚାଲିଲା। ଏସବୁ ହେଉଛି ମାନବର କ୍ରମ ବିବର୍ତ୍ତନ ପ୍ରକ୍ରିୟାର କଥା। ବୈଜ୍ଞାନିକଙ୍କ ମତରେ; ନିଦ୍ରା ସମୟରେ ମନୁଷ୍ୟର ମସ୍ତିଷ୍କ କାମ କରିବା ବନ୍ଦ କରେ ନାହିଁ ବରଂ ଅଧିକ କ୍ରିୟାଶୀଳ ହୋଇଉଠେ। ଏତିକିବେଳେ ମନୁଷ୍ୟର ମସ୍ତିଷ୍କ ବିଶୋଧନ ପ୍ରକ୍ରିୟାରେ ଅବତୀର୍ଣ୍ଣ ହୋଇଥାଏ। ସାରାଦିନ କାର୍ଯ୍ୟଭାର ଯୋଗୁ ମନୁଷ୍ୟର ଶରୀର ଓ ମସ୍ତିଷ୍କରେ ବିଭିନ୍ନ ପ୍ରକାରର ଅଦରକାରୀ ପଦାର୍ଥ ସୃଷ୍ଟି ହୋଇଥାଏ, ଯାହାକୁ ନିଷ୍କାସନ କରିବା ପାଇଁ ନିଦ୍ରା ସମୟରେ ମସ୍ତିଷ୍କ ସୁଯୋଗ ପାଏ।

ଜଣେ ବ୍ୟକ୍ତି ସାରାରାତି ମଧ୍ୟରେ ୩ରୁ ୪ଥର ଏପ୍ରକାର ନିଦ୍ରା ଯାଇଥାନ୍ତ। ଯାହାର ସମୟ ଘଣ୍ଟାଏରୁ ଦେଢ଼ ଘଣ୍ଟା ହୋଇଥାଏ। ନିକଟରେ ଚାଇନା ବୈଜ୍ଞାନିକଗଣ ଏକ ଅଧ୍ୟୟନ ମାଧ୍ୟମରେ ଦାବି କରିଛନ୍ତି ଯେ, ବୟସ ସହିତ ସ୍ମୃତିଶକ୍ତି ଲୋପକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ଦ୍ୱିପ୍ରହରରେ ମାତ୍ର ୫ ମିନିଟ୍ ପାଇଁ ଶୋଇବା ଆବଶ୍ୟକ। ଏତିକିବେଳେ ଅଧିକ ସମୟ ଶୋଇବା ଅପେକ୍ଷା କିଛି ମିନିଟର ନିଦ ଶରୀର ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଏହା ମସ୍ତିଷ୍କ ପାଇଁ ଖୁବ୍ ହିତକର। ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବି ବଢ଼େ। ଏହା ଉପରେ ଏକାଧିକ ଗବେଷଣା ତଥା ଅଧ୍ୟୟନ ମଧ୍ୟ ହୋଇଛି। ସାମରିକ ପାଇଲଟ୍ ଏବଂ ମହାକାଶଚାରୀଙ୍କ ଉପରେ ନାସାର ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦିନବେଳା ୪୦ ମିନିଟର ନିଦ୍ରାରେ ୩୪% କାର୍ଯ୍ୟଦକ୍ଷତା ଏବଂ ଶତ ପ୍ରତିଶତ ସତର୍କତା ବୃଦ୍ଧି ହୋଇଥାଏ। ସେହିପରି ୨୦୧୯ର ଏକ ଅଧ୍ୟୟନ ମୁତାବକ ସପ୍ତାହରେ ଥରେ କିମ୍ବା ଦୁଇଥର ଦିନବେଳା ଶୋଇବା ଦ୍ୱାରା ହୃଦ୍‌ଘାତର ଆଶଙ୍କା ହ୍ରାସ ପାଇଥାଏ।

ବ୍ରିଟେନ୍‌ର ପ୍ରସିଦ୍ଧ ଲେଖକ ଥୋମାସ୍ ଡେକର୍ ୩୦୦ ବର୍ଷ ପୂର୍ବେ ଥରେ କହିଥିଲେ, ନିଦ୍ରା ଏପରି ଏକ ସ୍ୱର୍ଣ୍ଣିମ ରଜ୍ଜୁ, ଯାହା ଆମ ସ୍ୱାସ୍ଥ୍ୟ ଓ ଶରୀରକୁ ପରସ୍ପର ସହ ବାନ୍ଧିରଖେ। ମାତ୍ର ପ୍ରସିଦ୍ଧ ବୈଜ୍ଞାନିକ ଥୋମାସ୍ ଏଡିସନ୍‌ଙ୍କ ଅନୁସାରେ ନିଦ୍ରା ଯିବା ଅର୍ଥ ସମୟର ଅପଚୟ। ଅତଏବ ଏଡିସନ୍‌ଙ୍କ ଦୃଷ୍ଟିରେ ନିଦ୍ରା ଏକ ଅପରାଧ। ଦୁଇ ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କ ଦ୍ୱାରା ନିଦ୍ରା ସମ୍ବନ୍ଧୀୟ ପ୍ରଦତ୍ତ ଦୁଇ ଭିନ୍ନ ମତ ପ୍ରମାଣ କରିବାକୁ ସମର୍ଥ ଯେ, ସମୟ ସହ ମନୁଷ୍ୟ ଠିକ୍ ନିଦ୍ରାକୁ ପ୍ରାଧାନ୍ୟ ଦେବାରେ ହେଳା କରିଛି, ଯାହାର ପ୍ରଭାବ ମନୁଷ୍ୟର ମନ ଓ ଶରୀର ଉପରେ ପଡୁଛି। ଏଭଳି ସମୟରେ ଭାରତ ସମେତ ସମଗ୍ର ବିଶ୍ୱ ନିଦ୍ରାର ଗୁରୁତ୍ୱକୁ ବୁଝିବା ଦରକାର। ଜାଣିରଖିବା ଉଚିତ ଯେ; ରାତିରେ ଭଲ ନିଦ୍ରା ହେଉ ନ ଥିଲେ, ତାହା ଆମ ଶରୀରପକ୍ଷେ ଖରାପ। ଯଦି କେହି କମ୍ ସମୟ ଶୋଇବାକୁ ନିଜ ବାହାଦୂରି ବୋଲି ବିଚାରୁଥା'ନ୍ତି; ତାହାର ଅର୍ଥ ସେ ନିଜ ସ୍ୱାସ୍ଥ୍ୟର ହାନି ଘଟାଉଛନ୍ତି। ଏହି ଦୃଷ୍ଟିରୁ ନିଦ୍ରା ପାଇଁ ପ୍ରତ୍ୟେକ ମନୁଷ୍ୟଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଆବଶ୍ୟକ। ନିଦ୍ରାର ଅଭାବ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ହରମୋନ୍‌ର ସନ୍ତୁଳନ ବିଗିଡିଯାଏ। ଫଳରେ ମନୁଷ୍ୟ ଅସୁସ୍ଥ ଅନୁଭବ କରେ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞଙ୍କ ଗବେଷଣା ଲବ୍ଧ ତଥ୍ୟ ଅନୁଯାୟୀ, ଆବଶ୍ୟକ ମୁତାବକ ନିଦ୍ରା ଯିବା ଦ୍ୱାରା ତାହାର ସୁପ୍ରଭାବ ବ୍ୟକ୍ତିର ବୁଦ୍ଧିମତ୍ତା ଉପରେ ପଡ଼ିଥାଏ। କେବଳ ଶୋଇବା ପୂର୍ବରୁ ହାଲୁକା ଖାଦ୍ୟ ଖାଇବା ସହ ଶୟନକକ୍ଷର ପରିବେଶ ଶାନ୍ତ ରହିବା ଆବଶ୍ୟକ। ସୁଖ ନିଦ୍ରା ଚାହୁଁଥିଲେ ଚା', କଫି, ମାଦକଦ୍ରବ୍ୟ ଓ ଧୂମପାନ ସହ ମୋବାଇଲ ଫୋନ ଏବଂ ଟେଲିଭିଜନଠାରୁ ଦୂରେଇ ରହିବା ଲାଭପ୍ରଦ ହୋଇଥାଏ। ଶାରୀରିକ ପରିଶ୍ରମ, ବ୍ୟାୟାମ, ଖେଳକୁଦ ଓ ଯୋଗାଭ୍ୟାସ ମଧ୍ୟ ନିଦ ପାଇଁ ସହାୟକ ହୋଇଥାଏ। ଜଣେ ବ୍ୟକ୍ତିଙ୍କୁ ପ୍ରତିଦିନ ୭ରୁ ୯ଘଣ୍ଟା ଶୋଇବା ଆବଶ୍ୟକ। କ୍ରମାଗତ ନିଦ୍ରାହୀନତା ଯୋଗୁ ମନୁଷ୍ୟଙ୍କୁ କେବଳ ମଧୁମେହ, ଉଚ୍ଚ ରକ୍ତଚାପ ଓ କର୍କଟ ଭଳି ରୋଗ ଗ୍ରାସ କରିନଥାଏ, ବରଂ ଅସମୟରେ ଜୀବନ ବି ନେଇଯାଏ।

ବୈପାରୀଗୁଡ଼ା, କୋରାପୁଟ
ମୋ- ୬୩୭୦୬୭୯୪୦୫

# ପିତୃପୁରୁଷଗଣ ଅନୁଶରଣ୍ୟ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ପୂର୍ବ ପ୍ରବନ୍ଧ (୧୭।୩।୨୦)ରେ ଆମେ ଆର୍ଯ୍ୟ 'ପଞ୍ଚବର୍ହିଃ'ର ଦ୍ୱିତୀୟ ଶ୍ଳୋକଟି ଆଲୋଚନା କରିଛୁ। ପଞ୍ଚବର୍ହିଃର ତୃତୀୟ ଶ୍ଳୋକଟି ହେଲା- 'ତଦ୍‌ବର୍ତ୍ମାନୁବର୍ତ୍ତିନଃ ପିତରଃ ଶରଣମ୍'। ଅର୍ଥାତ୍ ସେମାନଙ୍କ (ପ୍ରବୁଦ୍ଧ ଋଷିମାନଙ୍କ)ର ପନ୍ଥା ଅନୁସରଣକାରୀ ପିତୃଗଣଙ୍କର ଶରଣ ନେଉଅଛି। ଋଷି ଏବଂ ମହାପୁରୁଷମାନେ ସର୍ବଭୂତର ମଙ୍ଗଳ ନିମନ୍ତେ ଯେଉଁ ଜୀବନୀୟ ଜ୍ଞାନ ସମାଜରେ ପରିବେଷଣ କରନ୍ତି ତାହାକୁ ବାସ୍ତବ ଜୀବନରେ ଆଚରଣ ମାଧ୍ୟମରେ ରୂପାୟିତ କରିବା ଦ୍ୱାରା ହିଁ ମଣିଷ ତାହାର ସୁଫଳ ଲାଭ କରି ଧନ୍ୟ ହୁଏ ଏବଂ ଏହି ଭାବରେ ପୁରୁଷାନୁକ୍ରମେ ମଣିଷ ସମାଜ ବ୍ରାହ୍ମୀବିବର୍ତ୍ତନ ପଥରେ ଅଗ୍ରସର ହୁଏ। ଆମର ପୂର୍ବ ପୁରୁଷଗଣ, ପିତୃ-ମାତୃଗଣ ସେହି ଋଷିପ୍ରଦତ୍ତ ଧର୍ମଜ୍ଞାନକୁ ସ୍ୱୀୟ ଜୀବନରେ ଆଚରଣକରି, ତାହାର ଉପାଦେୟତା ଉପଲବ୍ଧି କରି ସେଗୁଡ଼ିକୁ ନିଜର ଭବିଷ୍ୟତ ବଂଶଧରମାନଙ୍କ ମଧ୍ୟରେ ସଞ୍ଚାରିତ କରି ଦେଇଛନ୍ତି। ସେହି ସମସ୍ତ ଜୀବନୀୟ ଜ୍ଞାନର କର୍ଷଣ ମଧ୍ୟ ଦେଇ ଗଢ଼ିଉଠିଛି ଆମର କୃଷ୍ଟି, ସଂସ୍କୃତି ଏବଂ ଐତିହ୍ୟ। ସେହି ଜୀବନୀୟ କୃଷ୍ଟି ଏବଂ ପରମ୍ପରା ମଧ୍ୟରେ ଜନ୍ମଗ୍ରହଣ କରି, ଆଶୈଶବ ସେସବୁର ଆଚରଣ କରି ଆମେ ମଣିଷ ହୋଇ ଛିଡା ହୋଇଛୁ। ତେଣୁ ଆମର ପିତୃପୁରୁଷଗଣ ସର୍ବଥା ଶରଣୀୟ, ସର୍ବଥା ବନ୍ଦନୀୟ, ସର୍ବଥା ପୂଜନୀୟ। ଥରେ ଚିନ୍ତା କରି ଦେଖନ୍ତୁ- ଜଣେ ମଣିଷର ଉପଯୋଗୀ ଖାଦ୍ୟ-ପାନୀୟ, ବେଶ-ପୋଷାକ, ଆଚାର-ବ୍ୟବହାର, ଚିନ୍ତା-ଚେତନା ଇତ୍ୟାଦି ସବୁକିଛି ଆମେ ପୁରୁଷ ପରମ୍ପରାଗତ କୌଳିକ ସଂସ୍କାର ମଧ୍ୟରୁ ଅନାୟାସରେ ପ୍ରାପ୍ତ ହୋଇଥାଉ। ଆମକୁ ଆଉ ଏଥିପାଇଁ ନୂତନ ଭାବେ ପରୀକ୍ଷା ନିରୀକ୍ଷା କରି ଭଲ-ମନ୍ଦ,ଉଚିତ-ଅନୁଚିତ ବିଚାର କରିବାକୁ ପଡ଼େନାହିଁ।

ଆମର ପୂର୍ବ ପିଢ଼ିର ମାତାପିତାମାନେ ନିଜ ଜୀବନର ଅଭିଜ୍ଞତା ଭିତର ଦେଇ ତିଳ ତିଳ କରି ଏହି ସମସ୍ତ ଜୀବନୀୟ ସଂସ୍କାର ସୃଷ୍ଟି କରିଛନ୍ତି, ଯାହାର ଆମେ ଫଳଭାଗୀ ହୋଇଥାଉ। ଏପରି କି ଯେଉଁ ମାନବୀୟ ଗୁଣଗୁଡ଼ିକ ଯଥା ଶ୍ରଦ୍ଧା-ବିଶ୍ୱାସ, ନିଷ୍ଠା, ସ୍ନେହ-ପ୍ରୀତି, କର୍ମପଟୁତା, କର୍ତ୍ତବ୍ୟପରାୟଣତା, ସହ୍ୟ-ଧୈର୍ଯ୍ୟ, ଉଦ୍ୟମ-ଅଧ୍ୟବସାୟ ଇତ୍ୟାଦି ସବୁକିଛି ଆମେ ସେହି ଋଷି-କୃଷ୍ଟି-ବାହୀ ମାତାପିତାଙ୍କଠାରୁ ହିଁ ଉତ୍ତରାଧିକାର ସୂତ୍ରରେ ଲାଭ କରିଛୁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି- 'ମାତାଙ୍କର ଦାନ ନିଷ୍ଠା-କୃତି/ପିତୃ-ତପରେ ବୋଧ-ଦୀପ୍ତି', ଅର୍ଥାତ୍ ମାତୃଭକ୍ତିର ପ୍ରସାଦ ସ୍ୱରୂପ ଆମେ ଜୀବନରେ ନିଷ୍ଠା ଏବଂ କୃତିତ୍ୱ ପ୍ରାପ୍ତ ହୋଇଥାଉ ଏବଂ ପିତାଙ୍କୁ ଶ୍ରଦ୍ଧାର ସହିତ ଅନୁସରଣ ଭିତର ଦେଇ ଆସେ ଜ୍ଞାନଦୀପ୍ତି। ତେଣୁ 'ପିତା ଠୁଁ ଶ୍ରଦ୍ଧା ମା' ଠିଁ ଟାଣ/ସେହି ପିଲା ହୁଏ ସାମ୍ୟ-ପ୍ରାଣୀ।'(ଅନୁଶ୍ରୁତି)। ପ୍ରତିଟି ମାତା-ପିତା ସର୍ବଦା ଚେଷ୍ଟା କରନ୍ତି ସେମାନଙ୍କର ସନ୍ତାନସନ୍ତତିଙ୍କୁ ନିଜ ଅପେକ୍ଷା ଅଧିକ ଯୋଗ୍ୟ, ସମୃଦ୍ଧ, ପାରଙ୍ଗମ ଏବଂ ଉନ୍ନତ କରି ଗଢ଼ିତୋଳିବାକୁ। ଏହିପରି ଭାବରେ ପୁରୁଷାନୁକ୍ରମେ ମାନବ ସଭ୍ୟତା କ୍ରମାଗତ ଉତ୍କର୍ଷ ଏବଂ ବିବର୍ତ୍ତନ ପଥରେ ଅଗ୍ରଗତି କରିଚାଲିଛି।

ମାତା-ପିତା ଙ୍କୁ ଶ୍ରଦ୍ଧାର ସହିତ ଅନୁସରଣ କରି ସେବାରେ ସେମାନଙ୍କୁ ତୃପ୍ତ କରିପାରିଲେ ତାଙ୍କର ସଦ୍‌ଗୁଣଗୁଡ଼ିକ ଆମେ ଅଧିଗତ କରିପାରୁ,ଏହାର ବ୍ୟତ୍ୟୟରେ ଆସେ ଅଧଃପତନ। ତେଣୁ ମାତା-ପିତାଙ୍କ ପ୍ରତି ଅକୃତଜ୍ଞ ହେବାର ଅର୍ଥ ନିଜେ ହିଁ ନିଜ ଜୀବନର ଶତ୍ରୁ ହୋଇ ଉଠିବା। ତେଣୁ ଆମର ଶାସ୍ତ୍ର ମୌଳିକ ମାନବ ଧର୍ମ ଭାବରେ କମ୍ବୁକଣ୍ଠରେ ଘୋଷଣା କରିଛନ୍ତି- 'ପିତୃ ଦେବ ଭବ/ ମାତୃ ଦେବ ଭବ'। କହିବା ବାହୁଲ୍ୟ ଆମର ନୈତିକ ଅଧଃପତନର ପ୍ରଧାନ କାରଣ ହେଲା ପିତୃନିଷ୍ଠା ଏବଂ ମାତୃଭକ୍ତିର ଅଭାବ, ଯେଉଁ ଦୋଷରୁ ଆମର ଜାତୀୟ ଚରିତ୍ର କ୍ରମାଗତ ଭାବରେ ନିମ୍ନଗାମୀ ହୋଇ ଚାଲିଛି। ଆଜି ଆମକୁ ଦେଖି କିଏ ବିଶ୍ୱାସ କରିବ ଯେ ଆମେ ସବୁ ବ୍ୟାସ, ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ, ଭରଦ୍ୱାଜଙ୍କ ଭଳି ମହାନ୍ ଋଷିଙ୍କର ଅମର ସୃଷ୍ଟିର ଦାୟାଦ ବୋଲି? ଭାରତବର୍ଷର ପ୍ରାଚୀନ ଇତିହାସ କହେ- ଭଗବାନ ବୁଦ୍ଧଙ୍କ ଆବିର୍ଭାବ ପୂର୍ବରୁ ମଧ୍ୟ ଭାରତୀୟମାନଙ୍କର ଚରିତ୍ର ଏବଂ ବୀର୍ଯ୍ୟବତ୍ତା ଏତେ ଉନ୍ନତ ଥିଲା ଯେ ବିଦେଶୀ ସଭ୍ୟଜାତିମାନେ ସେମାନଙ୍କୁ ଶ୍ରଦ୍ଧା ଏବଂ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ। ଭାରତବର୍ଷକୁ ପୂଜା କରିବା ଛଡ଼ା ଆକ୍ରମଣ କରିବାର ପରିକଳ୍ପନା ସେମାନଙ୍କ ମନରେ ସ୍ଥାନ ପାଉ ନ ଥିଲା। ମାତ୍ର ଭାରତୀୟମାନେ ଯେତେବେଳେ ଯୁଗାଦର୍ଶ(ଯୁଗ ପୁରୁଷୋତ୍ତମ)ଙ୍କ ପ୍ରଭାବରେ ବିସ୍ମିତ ହୋଇ ସଂକୀର୍ଣ୍ଣ ବୃତ୍ତିମାଫିକ ଚଳନରେ ଚାଲିବାକୁ ଲାଗିଲେ ସେତେବେଳେ ହିଁ ଆସିଲା ଅଧଃପତନ ଏବଂ ଆତ୍ମ-କଳହ। ଅନ୍ୟ ସଭ୍ୟଜାତିମାନେ ଭାରତୀୟ ସମାଜ ପ୍ରତି ଶ୍ରଦ୍ଧା-ଭକ୍ତି ହରାଇ ଭାରତକୁ ଆକ୍ରମଣ କରିବାକୁ ଆରମ୍ଭ କଲେ। ଆମର ପ୍ରାଚୀନ ଋଷିମାନେ ଆବିଷ୍କାର କରିଥିଲେ ଯେ, ପିତୃକୃଷ୍ଟି ବା ପ୍ରତିଟି ବ୍ୟକ୍ତିର କୁଳ-କୃଷ୍ଟି ହିଁ ତାହାର ବୈଶିଷ୍ଟ୍ୟ ବା ଜଗତରେ ତାହାର ବିଶେଷ ସ୍ଥିତିର ଉତ୍ସ ହୋଇଥାଏ। ପିତୃ କୃଷ୍ଟି ହିଁ ତାହାର ଦେହ-ମନ-ପ୍ରାଣକୁ ପ୍ରଭାବିତ କରି ଜଗତରେ ତାହାକୁ ଏକ ବିଶେଷ ପରିଚୟ ପ୍ରଦାନ କରେ। ତେଣୁ ଆର୍ଯ୍ୟଋଷିଗଣ ଭାରତବର୍ଷରେ ପିତୃକୃଷ୍ଟିକୁ ସୁସଂଗଠିତ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ଚିରନ୍ତନ କରି ରଖିବାର ବ୍ୟବସ୍ଥା କରିଛନ୍ତି।

ଆମ ସମାଜର ଗୋତ୍ର ବା ବଂଶ ପରିଚୟ ଏହାର ସୁସ୍ପଷ୍ଟ ପ୍ରମାଣ। ଅନେକ ପରିବାରରେ ପୁରୁଷାନୁକ୍ରମେ ବଂଶ ପରିଚୟ ବା ବଂଶପଞ୍ଜି ଲେଖିବାର ପରମ୍ପରା ରହିଛି। ଏଭଳି ସୁବିନ୍ୟସ୍ତ ପିତୃକୃଷ୍ଟି ସଂରକ୍ଷଣର ପରମ୍ପରା ପୃଥିବୀର ଅନ୍ୟ କୌଣସି ଦେଶରେ ନାହିଁ। ଏ ଦେଶରେ ଜଣେ ସାଧାରଣ ମଣିଷ ମଧ୍ୟ ପୁରୀ, ଗୟା ପ୍ରଭୃତି ତୀର୍ଥସ୍ଥାନକୁ ଯାଇ ନିଜର ଦଶପୁରୁଷର ବଂଶ ପରିଚୟ ଜାଣିପାରେ, ଯାହା କି ଇଂଲଣ୍ଡର ରାଜପରିବାରରେ ମଧ୍ୟ ନାହିଁ। ଖାଲି ସେତିକି ନୁହେଁ ପରଲୋକରେ ଥିବା ପିତୃପୁରୁଷଙ୍କୁ (ପିତୃଲୋକ) ଶ୍ରଦ୍ଧା-ଭକ୍ତି ନିବେଦନର ମଧ୍ୟ ପରମ୍ପରା ରହିଛି ଆମର। ପିତୃକୃଷ୍ଟି ବା ପିତୃପରିଚୟ ହିଁ ମଣିଷର ଚରିତ୍ରରେ ଗୌରବବୋଧ ଏବଂ ଦୃଢ଼ତା ଆଣିଦିଏ, କିନ୍ତୁ ଆଜିକାଲି ଅନେକ ଉଚ୍ଚଶିକ୍ଷିତ ଯୁବକ ନିଜର ନାମ ସହିତ ପିତୃ ପରିଚୟ ବା ସାଙ୍ଗିଆ ଲେଖିବାକୁ ମଧ୍ୟ ଲଜ୍ଜାବୋଧ କରୁଛନ୍ତି। ମାତାପିତାଙ୍କୁ ଶ୍ରଦ୍ଧାର ସହିତ ଭରଣପୋଷଣ କରିବା ଯେ ପୁତ୍ରର ପ୍ରଥମ ଦାୟିତ୍ୱ ତାହା ସମସ୍ତେ ଭୁଲି ଗଲେଣି। ଶ୍ରୀ ଶ୍ରୀ ଠାକୁର କହନ୍ତି, ''ଜନକ-ଜନନୀ ଜନ୍ମଭୂମିରେ ନିଷ୍ଠା-ଶ୍ରଦ୍ଧା ନାହିଁ, ଯାହାର/ଦୁଷ୍ଟକ୍ରମୀ ହୋଇ ଚାଲେ ଅନ୍ତର ବାହାର ପ୍ରାୟ ହିଁ ତାହାର।'' ସମ୍ପ୍ରତି ଭାରତ ସରକାର ଏକ ନୂତନ ଆଇନ ପ୍ରଣୟନ କରିଛନ୍ତି, ଯାହାଦ୍ୱାରା ମାତାପିତାଙ୍କ ଭରଣପୋଷଣରେ ଅବହେଳା କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା କରାଯାଇଛି। ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ। କାରଣ ପିତୃକୃଷ୍ଟିର ପୁନର୍ଜାଗରଣ ନ ହେଲେ, ଆଦର୍ଶ ପିତୃଭକ୍ତ, ଆଦର୍ଶ ମାତୃଭକ୍ତ ସୃଷ୍ଟି ନ ହେଲେ ଭାରତବର୍ଷ ତାହାର ପୂର୍ବ ଗୌରବ ଫେରିପାଇବ ନାହିଁ।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର
ମୋ- ୯୪୩୭୨୮୭୯୬୪

## ଏଇ ଭାରତରେ

ଜମ୍ମୁ-କଶ୍ମୀରର ସାହସିନୀ ମହିଳା ଆଲିଆ ମୀର। ସେ ଶିକ୍ଷକତା ଛାଡ଼ି ପ୍ରାଣୀ ସୁରକ୍ଷାରେ ଲାଗିଛନ୍ତି। ରହନ୍ତି ଶ୍ରୀନଗରରେ। ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ଓ ବି.ଏଡ୍. ଶେଷ କରିବା ପରେ ଗଣିତ ଶିକ୍ଷୟିତ୍ରୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ଜଣେ ପ୍ରାଣୀ ଚିକିତ୍ସକଙ୍କୁ ବିବାହ କରିବା ପରେ ୨୦୦୨ରେ ଶିକ୍ଷକ ଚାକିରି ଛାଡ଼ି ସେ ଆହତ ତଥା ଅସୁରକ୍ଷିତ ପ୍ରାଣୀମାନଙ୍କୁ ଉଦ୍ଧାର କରିଆସୁଛନ୍ତି। ଲୋକମାନଙ୍କ ଘରୁ ବିଷାକ୍ତ ସାପ ଉଦ୍ଧାର କରୁଛନ୍ତି। ଏହାସହ ପରିତ୍ୟକ୍ତ ଭାଲୁ ଛୁଆମାନଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଯତ୍ନ ନେଉଛନ୍ତି ଓ ପରେ ପୁଣି ସେମାନଙ୍କ ମା' ପଖରେ ଛାଡୁଛନ୍ତି। ବିପଦରେ ପଡୁଥିବା ଚିତାବାଘମାନଙ୍କୁ ଉଦ୍ଧାର କରି ଜଙ୍ଗଲରେ ଛାଡୁଛନ୍ତି ଆଲିଆ। ଏହି କାର୍ଯ୍ୟ ଲାଗି ସେ ଏକ ଟିମ୍ ଗଢ଼ିଛନ୍ତି। ପ୍ରାଣୀମାନଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କର ଚିକିତ୍ସା ଓ ଥଇଥାନର ବ୍ୟବସ୍ଥା ୱାଇଲ୍ଡଲାଇଫ ଏସ୍‌ଓଏସ୍ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ କରୁଛନ୍ତି। ଗତ ୩ ବର୍ଷ ମଧ୍ୟରେ ଆଲିଆ ଏବଂ ତାଙ୍କ ଟିମ୍ ୨ଟି ଚିତାବାଘ, ୨ଟି କଇଁଛ, ୩ଟି ଭାଲୁ, ୬ଟି ମାଙ୍କଡ଼, ୧୬ଟି ଶିକାରୀ ପକ୍ଷୀ ଏବଂ ୮୮ଟି ସାପ ଉଦ୍ଧାର କରିଛନ୍ତି। ସେ ମଧ୍ୟ ଶାଗୁଣା ସୁରକ୍ଷାରେ ଲାଗିଛନ୍ତି। ସ୍ଥାନୀୟ ବନ ବିଭାଗ ସହଯୋଗରେ ପ୍ରାଣୀ ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ମାର୍ଚ୍ଚ ୧୯୯୬

- ବରିଷ୍ଠ ନେତା ଅଟଳ ବିହାରୀ ବାଜପେୟୀ ଦଳର ସ୍ୱାର୍ଥ ପାଇଁ ତାଙ୍କୁ ପ୍ରତାରିତ କରିଥିବା ଓ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ବିରୋଧରେ ତାଙ୍କୁ ବ୍ୟବହାର କରାଯାଇଥିବା ଅଭିଯୋଗ କରି ଭାଜପା ନେତା ଶୈଳେନ୍ଦ୍ର ମାହାତୋ ଦଳରୁ ଇସ୍ତଫା ଦେଇଛନ୍ତି।
- ପାରାଦୀପରେ ୭୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କୋଇଲା ପ୍ରକଳ୍ପ ଖନନ ନିମନ୍ତେ ଇଣ୍ଡୋନେସିଆର ବୋସ୍କାଲିନ୍ କମ୍ପାନୀକୁ ଦାୟିତ୍ୱ ପ୍ରଦାନ।

## ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର।
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅପବ୍ୟୟରୁ ଦୂରେଇ ରୁହନ୍ତୁ

ମହାଶୟ,

ନିଜର ମୌଳିକ ଆବଶ୍ୟକତାକୁ ପୂରଣ କରିବା ସହ ସମାଜରେ ସମ୍ମାନର ସହିତ ବଞ୍ଚିବା ପାଇଁ ଆୟକୁ ଦେଖି ବ୍ୟୟ କରିବା ଉଚିତ। ଆୟ ଓ ଆବଶ୍ୟକତାର ସୀମାକୁ ଅତିକ୍ରମ କରି ଅଧିକ ବ୍ୟୟ କରାଗଲେ ତାହା ଅପବ୍ୟୟରେ ପରିଣତ ହୁଏ। ଅପବ୍ୟୟର ମୁଖ୍ୟ କାରଣ ହେଉଛି ନିଜର ବାହ୍ୟାଡ଼ମ୍ବର ସ୍ଥିତି ଅନ୍ୟ ପାଖରେ ପ୍ରଦର୍ଶନ କରିବାର ଇଚ୍ଛା ଓ ଅନାବଶ୍ୟକ ଖର୍ଚ୍ଚ କରିବାର ଅଭ୍ୟାସ। ଅର୍ଥ, ସମୟ, ଶ୍ରମ, ଜଳ, ଖାଦ୍ୟପଦାର୍ଥ, ବିଦ୍ୟୁତ୍ ଓ ଇନ୍ଧନ ପ୍ରଭୃତିର ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରିବାକୁ ଅପବ୍ୟୟ ବୋଲି ବୁଝାଏ। ଯେଉଁମାନେ ଏସବୁର ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରିବା ପାଇଁ ଅପବ୍ୟୟ କରନ୍ତି, ସେମାନଙ୍କ ପାଇଁ ନିଜର ପରିବାରର ପ୍ରଭୂତ କ୍ଷତି ହୁଏ। ଯେତେବେଳେ ସେମାନଙ୍କର ଆୟ ସଙ୍କୁଚିତ ହୁଏ କିମ୍ବା ବନ୍ଦ ହୋଇଯାଏ, ସେତେବେଳେ ସେମାନେ ଦୁଃଖ ପାଆନ୍ତି। ଅପବ୍ୟୟରୁ ଦୂରେଇ ରହିଲେ ସମସ୍ତଙ୍କର ମଙ୍ଗଳ ସାଧିତ ହେବ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷା ହିଁ ସମାଜର ମେରୁଦଣ୍ଡ



**ଏକ ଗରିବ ପରିବାରରେ ଜନ୍ମିତ ଅଚ୍ୟୁତ ସାମନ୍ତ ନିଜ ଦୂରଦୃଷ୍ଟି ଓ ଅଧ୍ୟବସାୟ ବଳରେ ଏବେ ଜଣେ ବିଶ୍ୱସ୍ତରୀୟ ସାମାଜିକ ଉଦ୍ୟୋକ୍ତା। ସେ ଗରିବମାନଙ୍କ ଉତ୍ଥାନ ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ଦାରିଦ୍ର୍ୟ, କ୍ଷୁଧା ଓ ନିରକ୍ଷରତାର ମୂଳୋତ୍ପାଟନ ପାଇଁ ଅକ୍ଳାନ୍ତ ପ୍ରୟାସରତ ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଜୀବନ ଇତିହାସ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ଧରିତ୍ରୀକୁ ସାକ୍ଷାତ୍କାର ଦେଇ ନିଜ ସଫଳ ଯାତ୍ରାର ଦୀର୍ଘ ଅନୁଭୂତି ବାଣ୍ଟିଛନ୍ତି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ।**

**▶ ଜୀବନରେ ଶିକ୍ଷାର ଭୂମିକାକୁ କିଭଳି ଦେଖୁଛନ୍ତି?**
ଶିକ୍ଷା ସମସ୍ତଙ୍କ ପାଇଁ ସବୁକିଛି କହିଲେ ଅତ୍ୟୁକ୍ତି ହେବନି। ବ୍ୟକ୍ତି ପାଇଁ ଶିକ୍ଷାର ଭୂମିକା ଏତେ ଗୁରୁତ୍ୱପୂର୍ଣ୍ଣ ଯେ ତାକୁ କଥାରେ ବର୍ଣ୍ଣନା କରାଯାଇ ନ ପାରେ। ଜଣେ ଶିଶୁ ଲାଗି ଶିକ୍ଷା ତୃତୀୟ ନୟନ। ଜଣେ ଶିକ୍ଷିତ ହେଲେ ହିଁ ସାରା ବିଶ୍ୱକୁ ଠିକ୍ ଭାବେ ଦେଖିପାରିବ। ଆଖି ଥିଲେ ମଧ୍ୟ ଶିକ୍ଷିତ ହୋଇ ନ ପାରିଲେ ଜୀବନ ଅନ୍ଧକାର ହୋଇଥାଏ। ମୁଁ ଗରିବ ପରିବାରରୁ ଆସି ମଧ୍ୟ ଶିକ୍ଷା ଯୋଗୁ ସମାଜକୁ କିଛି ଭଲ ଅବଦାନ ଦେଇପାରିଛି।

**▶ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ନେଇ ଆପଣଙ୍କ ମତ?**
ଶିକ୍ଷା ସମାଜର ମେରୁଦଣ୍ଡ। ଯେଉଁ ଜାତି ଯେତେ ଉନ୍ନତି କରିଛି ସେ ଦେଶର ଶିକ୍ଷା ସେତେ ଉନ୍ନତ। ଆମେରିକା ଏବଂ ୟୁରୋପକୁ ଅନେକେ ଉଦାହରଣ ଭାବେ ନେଇଥାନ୍ତି। ସେଠାକାର ବିଶ୍ୱବିଦ୍ୟାଳୟଗୁଡ଼ିକ ଶହ ଶହ ବର୍ଷ ପୁରୁଣା। ଭାରତୀୟ ବିଶ୍ୱବିଦ୍ୟାଳୟଗଡ଼ିକ ପ୍ରାୟ ୧୫୦ ବର୍ଷ ତଳେ ପ୍ରତିଷ୍ଠା ହୋଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶିକ୍ଷା ବ୍ୟବସ୍ଥା ପୁରୁଣା ଓ ଉନ୍ନତ ହୋଇଥିବାରୁ ଗବେଷଣା ଏବଂ ଉଦ୍ଭାବନକୁ ସେମାନେ ପ୍ରାଥମିକତା ଦେଉଛନ୍ତି। ବର୍ତ୍ତମାନ ସରକାର ଏ ଦିଗଗୁଡ଼ିକୁ ଧ୍ୟାନ ଦେଉଥିବାରୁ ଭାରତର କିଛି ବିଶ୍ୱବିଦ୍ୟାଳୟ ଟପ୍ ୨୫୦ ବା ଟପ୍ ୫୦୦ ପ୍ରତିଷ୍ଠାନ ମଧ୍ୟରେ ଆସିପାରୁଛନ୍ତି।

**▶ କିଟ୍ ଏବଂ କିସ୍‌ର ଗୌରବମୟ ଯାତ୍ରାକୁ କେମିତି ଦେଖନ୍ତି?**
ଆଜି କିଟ୍, କିସ୍ ଯାହାବି ହୋଇଛି, କେବଳ ଭଗବାନଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇପାରିଛି। ସମସ୍ତଙ୍କ ଶୁଭେଚ୍ଛା, କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, ମୋ ପରିଶ୍ରମ, ସମର୍ପିତ ଜୀବନ ସବୁକିଛି ମିଶିବା ପରେ ଅନୁଷ୍ଠାନ ଏତେ ବଡ଼ ହୋଇପାରିଲା। କିଟ୍-କିସ୍ ଏତେ ବଡ଼ ବିଶ୍ୱସ୍ତରୀୟ ଅନୁଷ୍ଠାନ ହୋଇପାରିବା ମୋ ପରିକଳ୍ପନା ବାହାରେ ଥିଲା। କିଟ୍, କିସ୍ ଆରମ୍ଭ ୫ ହଜାର ଟଙ୍କା ଭଡ଼ାଘରେ ହୋଇଥିଲା। ସେ ସମୟରେ ଅଧ୍ୟାପନାରେ ଥିଲି। ମୋ ଆର୍ଥିକ ସ୍ଥିତି ଭଲ ନ ଥିଲା।

**▶ କିସ୍‌ରେ ୩୫ ହଜାର ଆଦିବାସୀ ଶିଶୁଙ୍କ ଭବିଷ୍ୟତ ଗଢୁଛନ୍ତି। ଆପଣ କେତେ ଖୁସି?**
ବହୁତ ଖୁସି ଲାଗୁଛି। ଯେଉଁ ୪ ବର୍ଷର ପିଲା ମୁଣ୍ଡ ଉପରେ ଦିନେ ହାତ ରଖିବାକୁ କେହି ନ ଥିଲେ, ଆଦରରେ କଥା ପଦେ କହି ନ ଥିଲେ, ଦିଗ୍‌ଦର୍ଶନ ମଧ୍ୟ ଦେଇ ନ ଥିଲେ, ସେହି ପିଲା ବଡ଼ ହେବା ପରେ ହଜାର ହଜାର ଗରିବ ଆଦିବାସୀ ପିଲାଙ୍କ ଲାଗି କିଛି କରିବା ପାଇଁ ଆଗକୁ ଆସିଛି। କିସ୍‌ର ଉଦ୍ୟମ ଯୋଗୁ ଆଦିବାସୀ ଛାତ୍ରୀଛାତ୍ର ଭଲ ମଣିଷ ହୋଇ ବାହାରୁଛନ୍ତି। ଯେଉଁ ଜିନିଷ ମୁଁ ପିଲାବେଳେ ପାଇ ନ ଥିଲି ତାହା ଆଜି ଅନ୍ୟକୁ ବାଣ୍ଟିବାକୁ ସକ୍ଷମ ହୋଇଛି।

**▶ କିସ୍‌ର ଶାଖା ସମ୍ପ୍ରସାରଣ ନେଇ ଆଗାମୀ ଯୋଜନା କ'ଣ?**
ଗରିବ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଶିକ୍ଷା ଏକ ମାଧ୍ୟମ। ୫ଟି ଜିଲାରେ କିସ୍ ଶାଖା ଖୋଲିଛି। ଚଳିତ ବର୍ଷ ପ୍ରାୟ ଆଉ ୭ ଜିଲାରେ କିସ୍ ଶାଖା ଖୋଲିବ। ୨୦ ଜିଲାରେ ଏହି ଶାଖା ଖୋଲିବା ନେଇ ଯୋଜନା ରଖାଯାଇଛି।

**▶ ଆପଣଙ୍କ ସଫଳତାର ମନ୍ତ୍ର କ'ଣ?**
ନିଷ୍ଠା, ସାଧୁତା, ସମର୍ପିତ ଜୀବନଯାପନ କଲେ ଜଣେ ନିଶ୍ଚିତ ଭାବେ ସଫଳ ହୋଇପାରିବ। ଭଗବାନଙ୍କ ଆଶୀର୍ବାଦ ଦ୍ୱାରା ଆମ କାମ ବହୁ ପ୍ରସାରିତ ହୋଇପାରିଛି। ସବୁ ଜିନିଷକୁ ସୁନ୍ଦର ଭାବେ ଗଢ଼ିବା ପାଇଁ ପ୍ରୟାସ ଜାରି ରଖିଛୁ।

**▶ ନିଯୁକ୍ତି ସଙ୍କୁଚିତ ହେଉଥିବାବେଳେ ଯୁବବର୍ଗଙ୍କୁ କି ପରାମର୍ଶ ଦେବେ?**
ଯୁବବର୍ଗ ବର୍ତ୍ତମାନ ନିଜେ କିଛି କରିବାକୁ ଚେଷ୍ଟା କରନ୍ତୁ। ନିଜେ ସ୍ୱାବଲମ୍ବୀ ହେବା ସହ ଲୋକଙ୍କୁ ନିଯୁକ୍ତି ଦେବାକୁ ସକ୍ଷମ ହେବେ। ଯେକୌଣସି କାମ କରିବେ ପ୍ରଥମ ପାଞ୍ଚ ବର୍ଷ କଷ୍ଟ ହେବ। ଏହି ସମୟକୁ ଧୈର୍ଯ୍ୟର ସହ ସହିଗଲେ ନିଶ୍ଚିତ ସଫଳତା ଆଡ଼କୁ ଅଗ୍ରସର ହେବେ।

**▶ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଶିକ୍ଷାର ଯୋଗଦାନକୁ କିଭଳି ବିଚାର କରୁଛନ୍ତି?**
ଗୁଣାତ୍ମକ ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ର ନିଯୁକ୍ତି ପାଇବା ଦ୍ୱାରା ତାଙ୍କ ପରିବାର ସ୍ୱଚ୍ଛଳ ହୋଇଥାଏ। ଲୋକଙ୍କର ରୋଜଗାର ବଢ଼ିଲେ କ୍ରୟଶକ୍ତି ବଢ଼ିବ। ଶିକ୍ଷାର ଉନ୍ନତି ହେଲେ ରାଜ୍ୟର ପ୍ରଗତି ହୋଇପାରିବ। ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଶିକ୍ଷାର ଅବଦାନ ଅନସ୍ୱୀକାର୍ଯ୍ୟ।

# ଟେଲିଫୋନ୍ ଆସିଲାଣି

- ରାଜ୍ୟ ବାହାରକୁ ଖସିଗଲେଣି ବଡ଼ ବଡ଼ିଆ
- ଚର୍ଚ୍ଚାରେ ସବୁ ରାଜନୈତିକ ଦଳର ନୀରବତା
- ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଥାନା ଅଧିକାରୀଙ୍କ ଦୃଢ଼ୋକ୍ତି


ଆଇଆରସି ଭିଲେଜର ପ୍ଲଟ ନମ୍ବର ଏନ ୩/୨୧୧ ଘରକୁ ନେଇ ସୃଷ୍ଟି ହୋଇଥିବା ବିବାଦ

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ଗତ ୧୬ ତାରିଖରେ ଘର ଜବର ଦଖଲକୁ ନେଇ ଘଟିଥିବା ଗଣ୍ଡଗୋଳ ଘଟଣା ବର୍ତ୍ତମାନ ବିଭିନ୍ନ ସ୍ତରରେ ହଟଚମଟ ଆରମ୍ଭ କରିଦେଲାଣି। ସବୁ ନେତାଙ୍କ ଘରେ ଏବେ ଏଇ ଗୋଟିଏ ଚର୍ଚ୍ଚା। କାରଣ ଘଟଣାରେ ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ଝିଅ ତଥା ଭାଜପା ନେତ୍ରୀ ଉପାସନା ମହାପାତ୍ର ତାଙ୍କ ସ୍ୱାମୀ ଶୁଭ୍ରାଂଶୁ ଶେଖର ବିଶ୍ୱାଳ, ବିଶିଷ୍ଟ ଶିଳ୍ପପତି ତଥା ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ଭିଣୋଇ ବିଜୟ ନାୟକ ଏବଂ ଉଉଣୀ ସଂଯୁକ୍ତା ନାୟକଙ୍କ ସମେତ ମାହାଙ୍ଗାରେ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସାରଦା ପ୍ରଧାନ ପ୍ରମୁଖ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏମାନେ ସମସ୍ତେ ପ୍ରାୟ ଓଡିଶାର ଜଣାଶୁଣା ଚେହେରା ହୋଇଥିବା ବେଳେ ସେମାନଙ୍କୁ ଏହି ଘଟଣାରୁ ଖସାଇ ଦେବାକୁ ସବୁଆଡୁ ଏବେ ବାରମ୍ବାର ଟେଲିଫୋନ ଆସିବା ଆରମ୍ଭ ହୋଇଗଲାଣି। ନିଜ ନିଜର ସମ୍ପର୍କୀୟଙ୍କୁ ଖସାଇ ଦେବା ଲାଗି ବଡ ବଡ ହସ୍ତୀମାନେ ସିଧାସଳଖ ନିଜକୁ ଏଥିରୁ ନିବୃତ ରଖି ଟେଲିଫୋନର ସହାୟତା ନେଉଛନ୍ତି। ଏହାଦ୍ୱାରା ନେତା, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ହସ୍ତକ୍ଷେପ କରିବାକୁ ଚାପ ପକାଉଥିବା ଶୁଣିବାକୁ ମିଳୁଛି। ଏହି ଘଟଣାରେ ନିର୍ଦ୍ଦିଷ୍ଟ କୌଣସି ଗୋଷ୍ଠୀ ନୁହେଁ ବରଂ ସବୁ ଦଳର ସମ୍ପୃକ୍ତି ରହିଥିବା ଜଣାପଡିଛି। ଏହାସହ ବିଗତ ଦିନରେ ଚିଟଫଣ୍ଡ ଦୁର୍ନୀତିରେ ବନ୍ଧା ହୋଇଥିବା ଅଭିଯୁକ୍ତଙ୍କ ସମେତ ନିର୍ଦ୍ଦିଷ୍ଟ କେତେଜଣ ଆଇନଜୀବୀଙ୍କ ସମ୍ପୃକ୍ତି ମଧ୍ୟ ରହିଛି।

ଘଟଣା ଏମିତି ଯେ, ବିଜୟ ନାୟକଙ୍କ ନୟାପଲ୍ଲୀ ଅଞ୍ଚଳର ଆଇଆରସି ଭିଲେଜରେ ଥିବା ଘରେ (ପ୍ଲଟ ନମ୍ବର ଏନ ୩/୨୧୧) ପ୍ରଣବ ରାୟ ନାମକ ଜଣେ ବ୍ୟକ୍ତି ଭଡାରେ ରୁହନ୍ତି। ପ୍ରଣବ ରାୟଙ୍କ ସହିତ ମଧ୍ୟ ବିଜେଡରି ଆଗ ଧାଡି ନେତାଙ୍କ ଭଲ ସମ୍ପର୍କ ଅଛି। ତାଙ୍କୁ ଘରୁ ବାହାର କରିବା ପାଇଁ ବିଜୟ, ତାଙ୍କ ସ୍ତ୍ରୀଙ୍କ ସମେତ ଲୁଲୁଙ୍କ ଝିଅ ଓ ଜ୍ୱାଇଁ ସାଙ୍ଗରେ ୪୦ରୁ ଅଧିକ ଯୁବକଙ୍କୁ ଧରି ମଙ୍ଗଳବାର ଅପରାହ୍ନ ୪.୨୦ରେ ନୟାପଲ୍ଲୀରେ ପହଞ୍ଚିଲେ। ମିଳିଥିବା ସୂଚନା ମୁତାବକ ସେମାନେ ଏକ ବିଳାସପୂର୍ଣ୍ଣ ହୋଟେଲରୁ ମଦ୍ୟପାନ କରି ସେଠାରେ ଆସି ପହଞ୍ଚିଥିଲେ। ଆଉ ଏହାପରେ ପ୍ରଣବ ରହୁଥିବା ଘରର ଆସବାବପତ୍ର ଭାଙ୍ଗିବା ସହ ତାଙ୍କୁ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଏପରିକି ତାଙ୍କ ଘରେ ବସି ସେମାନେ ମଦ୍ୟପାନ କରିବା ପରେ ସେଠାରୁ ବହୁ ଜିନିଷପତ୍ର ବୋହି ନେଇଥିଲେ। ଏହି ଘଟଣା ଘଟୁଥିବା ବେଳେ ଏକ ପିସିଆର୍ ଭ୍ୟାନ ରହି ସବୁ ଦେଖୁଥିଲା। ହେଲେ ଜବରଦଖଲ ଲାଗି ଆସିଥିବା ଯୁବକମାନେ ଏହା ବବି ଦାସ(ବିଧାୟକ ପ୍ରଣବ ପ୍ରକାଶ ଦାସ)ଙ୍କ ଇଙ୍ଗିତରେ ହେଉଛି ବୋଲି ମିଛ ପ୍ରଚାର କରି ବ୍ୟସ୍ତ ହେବା ଦରକାର ନାହିଁ କହୁଥିବା ଉପସ୍ଥିତ ଲୋକମାନେ କହିଛନ୍ତି। ଏହାର କିଛି ସମୟ ପରେ ପୋଲିସ ପହଞ୍ଚିଲା ବେଳକୁ ବଡ଼ବଡ଼ିଆ ଖସି ପଳାଇଥିବା ବେଳେ ସେମାନଙ୍କ ଇଙ୍ଗିତରେ ଆସିଥିବା ୧୭ଜଣ ପୋଲିସ ହାବୁଡରେ ପଡିଯାଇଥିଲେ। ଆଶ୍ଚର୍ଯ୍ୟର କଥା ଗିରଫ ହୋଇଥିବା ୧୭ଙ୍କ ମଧ୍ୟରୁ କଂଗ୍ରେସ ନେତା, ଜଣେ ବିଜେଡି ବିଧାୟକଙ୍କ କିଛି ସମର୍ଥକ ରହିଥିବା ଜଣାପଡିଛି। ଫଳରେ ଘଟଣାକୁ ନେଇ ସବୁଆଡେ ନେତାଙ୍କ ଅକଲ ଗୁଡୁମ ହୋଇଯାଇଛି। ଏଠାରେ ନୂତନ ଭାବେ ପୋଲିସ କମିଶନର ଭାବେ ଦାୟିତ୍ୱ ନେଇଥିବା ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଯେଉଁ ବଡ ବଡିଆଙ୍କ ନାମ ରହିଛି ସେମାନଙ୍କୁ ଏ ପର୍ଯ୍ୟନ୍ତ ପୋଲିସ ଧରୁ ନ ଥିବାରୁ ଏହି ଘଟଣାରେ ପୋଲିସର ସମ୍ପୃକ୍ତି ଉପରେ ସନ୍ଦେହ ସୃଷ୍ଟି ହେଉଛି। ଆଉ କେତେଜଣଙ୍କ କହିବା କଥା ସେହି ବଡ ବଡିଆଙ୍କୁ ଧରିବା ଲାଗି ପୋଲିସ ଚେଷ୍ଟା ମଧ୍ୟ କରି ନାହିଁ। କାରଣ ମିଳିଥିବା ସୂଚନା ମୁତାବକ, ଘଟଣା ଘଟିବାପରେ ଘଟଣାସ୍ଥଳରୁ ଲୁଲୁଙ୍କ ଝିଅ, ଜ୍ୱାଇଁ ସେଠାରୁ ଏକ ଘରୋଇ ହୋଟେଲକୁ ଯାଇଥିଲେ। ସେଠାରୁ କେଇ ଘଣ୍ଟା ପରେ ବାହାରି କୋଲକାତା ଯାଇ ସେଠାରୁ ଦେଶ ବାହାରକୁ ଚାଲିଯାଇଛନ୍ତି। ସେମାନଙ୍କ ସହ ସାରଦା ପ୍ରଧାନ ଥିବା ନେଇ କୁହାଯାଉଥିଲେ ମଧ୍ୟ ସେ ଓଡ଼ିଶାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦେଖିବାକୁ ମିଳିଛି। ଏକଥା ମଧ୍ୟ ଶାସକ ଦଳର ଟାଣୁଆ ଏବଂ ବରିଷ୍ଠ ନେତା, ମନ୍ତ୍ରୀଙ୍କ ନିକଟରୁ ଶୁଣିବାକୁ ମିଳୁଛି। ହେଲେ ସେମାନେ ଏହା ବିରୋଧରେ ସର୍ବ ସମ୍ମୁଖକୁ ଆସି କହୁନାହାନ୍ତି। ଅନ୍ୟପଟେ ଏ ପର୍ଯ୍ୟନ୍ତ ଘଟଣାର କାର୍ପଟଦାରଙ୍କୁ ନ ଧରି କାହିଁକି ସେମାନଙ୍କ ସହଯୋଗୀ କେବଳ ବନ୍ଧା ହୋଇଛନ୍ତି ବୋଲି ପ୍ରଶ୍ନ ଉଠୁଛି।

ଅନ୍ୟପଟେ ସବୁବେଳେ ଆଇନ ଶୃଙ୍ଖଳା ପରିସ୍ଥିତି କଥା କହି ଶାସକ ଦଳକୁ ଘେରୁଥିବା ଭାଜପା ଓ କଂଗ୍ରେସ ଏହି ଘଟଣାରେ ଏଯାବତ୍ ମୁହଁ ଖୋଲିନାହାନ୍ତି। ଏଥିରେ ଭାଜପାର ବହୁ ଆଗ ଧାଡିର ନେତା ସମ୍ପୃକ୍ତ ଥିବା ସତ୍ତ୍ୱେ ଶାସକ ଦଳର କୌଣସି ବିଧାୟକ, ମନ୍ତ୍ରୀ ଏବଂ ନେତା ସିଧାସଳଖ ପାଟି ଖୋଲୁନାହାନ୍ତି। କାହିଁକି ଏହି ଘଟଣାରେ ସବୁ ଦଳ ନୀରବ ଏବଂ ରାଜଧାନୀବାସୀଙ୍କ ସୁରକ୍ଷା ପାଇଁ ରାଜନୈତିକ ଦଳଗୁଡିକ କେତେ ଚିନ୍ତିତ ତାହା ସବୁଆଡେ ଆଲୋଚନା ହେବାରେ ଲାଗିଛି। ବଡ଼ବଡ଼ିଆଙ୍କୁ ଖସାଇବାକୁ ଆସୁଥିବା ଟେଲିଫୋନ ସମସ୍ତଙ୍କୁ ନୀରବ କରିଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ନୟାପଲ୍ଲୀ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି, ପୋଲିସ ଉକ୍ତ ମାରପିଟ୍ ଘଟଣାରେ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାରେ ସଂପୃକ୍ତ ୧୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସର ଚଢାଉ ଜାରି ରହିଛି। ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଶରତ କହିଛନ୍ତି।

# ଚାଷୀଙ୍କ କାମରେ ଲାଗୁନି ମନ୍ଦାକିନୀ ବ୍ୟାରେଜ୍

**ନିରାକାରପୁର, ୧୮।୩(ଡି.ଏନ୍.ଏ.)**

ଚାଷୀଙ୍କ ଉନ୍ନତି ପାଇଁ ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଗଡ଼ଠାରେ ମନ୍ଦାକିନୀ ନଦୀରେ ୧୯୮୧ ଡିସେମ୍ବର ୨୧ରେ ଏକ ବ୍ୟାରେଜ୍ ନିର୍ମାଣ କରାଯାଇଥିଲା। ଫଳରେ ଜିଲାର ଟାଙ୍ଗୀ ଓ ଖୋର୍ଦ୍ଧା ବ୍ଲକ ଏବଂ ପୁରୀ ଜିଲା କଣାସ ବ୍ଲକର ପ୍ରାୟ ୩୭ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ଚାଷୀମାନେ ଉପକୃତ ହୋଇପାରିବେ। ମାତ୍ର ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହି ବ୍ୟାରେଜ୍ ଏବେ ଚାଷୀଙ୍କ ସେବାରେ ଆସୁ ନ ଥିବା ଜଣାପଡ଼ୁଛି। ଖରିଫ ଋତୁରେ ବିଭାଗ ପକ୍ଷରୁ ନଦୀରେ ପାଣିକୁ ଠୁଳ କରି ନ ରଖାଯିବାରୁ ଖରିଫ ଋତୁରେ ୨୦୦୦ରୁ ଊର୍ଦ୍ଧ୍ୱ ଓ ରବି ଋତୁରେ ୪୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମି ଜଳସେଚିତ ହେବାରୁ ବଞ୍ଚିତ ହେଉଛି। ଅଧିକାରୀଙ୍କ ଅଣଦେଖା ଯୋଗୁ ଏହି ବ୍ୟାରେଜ୍ ସଂଲଗ୍ନ କେନାଲଗୁଡିକ ଅସ୍ତିତ୍ୱ ହରାଇବାକୁ ବସିଛି। କେନାଲ ବନ୍ଧର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବର୍ଷାଦିନେ କ୍ଷତି ହେଉଛି। ପ୍ରତିବର୍ଷ କେନାଲ ସଫେଇ ଏବଂ ଚେକ୍ ଡ୍ୟାମ ନାଁରେ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଏଥିରେ ଚାଷୀମାନେ ଉପକୃତ ହୋଇପାରୁ ନାହାନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଖରିଫ ଫସଲ ପରେ ଟାଇଚୁଙ୍ଗ୍ ଧାନ ସମେତ ବିଭିନ୍ନ କିସମର ପନିପରିବା ଉତ୍ପାଦନ ହେଉଥିଲା। ଫଳରେ ଚାଷୀମାନେ ସେମାନଙ୍କର ପରିବାର ପ୍ରତିପୋଷଣ କରୁଥିଲେ। କେନାଲର ଦୁରବସ୍ଥା ଯୋଗୁ ପ୍ରାୟ ୨୦/୨୫ବର୍ଷ ହେବ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀ ଚାଷ କାମ ଛାଡ଼ି ଶ୍ରମିକ ଭାବେ ଖଟୁଛନ୍ତି। ଏହାର ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସନ୍ତା ବୋଲି ଚାଷୀମାନେ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଓ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଉଲୁଣ୍ଡା ଅଞ୍ଚଳରେ ହାତୀ ଉପଦ୍ରବ

**ଉଲୁଣ୍ଡା, ୨।୩ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ଷେମାଲୋଏ ପଞ୍ଚାୟତର ପିପଲକଟା ଗ୍ରାମରେ ସୋମବାର ହାତୀ ପଲ ପଶି ଜଣେ ଚାଷୀଙ୍କ ପନିପରିବା ଦଳି ଚକଟି ନଷ୍ଟ କରିବା ସହ କୁକୁଡା ଫାର୍ମ ଭାଙ୍ଗି ଦେଇଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ଉକ୍ତ ଗ୍ରାମର ଚାଷୀ ନିତିନ ପଧାନ ଲଙ୍କା, ଟମାଟୋ, ପିଆଜ ଆଦି ଚାଷ କରିଥିଲେ। କିନ୍ତୁ ହାତୀପଲ ପଶି ଫସଲ ନଷ୍ଟ କରିଦେଇଥିଲେ ।

## ବ୍ଲକ ଅଫିସ ଆଗରେ ଭାଜପାର ଧାରଣା

**ଡୁଙ୍ଗୁରିପାଲି, ୧୮।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି । ଏହାର ପ୍ରତିବାଦରେ ଭାଜପା ଡୁଙ୍ଗୁରିପାଲି ଶାଖା ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା । ଏମ୍‌ପିଙ୍କ ପ୍ରତିନିଧି ନିତାଇ ପାଲ ଓ ବିକାଶ ଶତପଥୀ ଧାରଣାର ନେତୃତ୍ୱ ନେଇଥିଲେ। ନିମାଇଁ ସାହୁ, ଅବିନାଶ ମିଶ୍ର, ହେମନ୍ତ ବିଶ୍ୱାଳ, ଅଶୋକ ପୂଝାରୀ, କଳାକାହ୍ନୁ ମହାନନ୍ଦ, ଯୁଧିଷ୍ଠିର ଦଣ୍ଡସେନା, ପୂର୍ଣ୍ଣଚନ୍ଦ୍ର ମେହେର, ରୁଦ୍ର କିଶୋର ମହଲାଙ୍କ ସମେତ ଶାଧିକ କର୍ମୀ ଧାରଣାରେ ସାମିଲ ହୋଇଥିଲେ । ଅପରାହ୍ନରେ ବିଡିଓ ତ୍ରିପୁରା ମହାନନ୍ଦ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## କାର୍ଯ୍ୟାନୁଷ୍ଠାନ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ମାଡ଼ ଘଟଣା**

**ବୌଦ୍ଧ, ୧୮।୩(ସ୍ୱ.ପ୍ର.):** ବୌଦ୍ଧ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ(ସିଡିଭିଓ) ଅମିତାଭ ପଣ୍ଡାଙ୍କୁ ଗତ ବୁଧବାର ସନ୍ଧ୍ୟାରେ କାର୍ଯ୍ୟାଳୟ ପରିସରରେ ମାଡ ହୋଇଥିଲା । ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସିଡିଭିଓଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଶୁକ୍ରବାର ଠାରୁ ପ୍ରାଣୀ ଚିକିତ୍ସା ଅଫିସ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏକ ମୃତ ବାଛୁରୀ ଜନ୍ମ ହେବାକୁ କେନ୍ଦ୍ର କରି ସିଡିଭିଓଙ୍କୁ ମାଡ ହୋଇଥିଲା।

## ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ତାଲିମ

**ବାଉଁଶୁଣୀ, ୧୮।୩ (ଡି.ଏନ.ଏ.):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଶଗଡା ଗ୍ରାମ ପଞ୍ଚାୟତ ଶଗଡା ଗ୍ରାମରେ ୱାଇସିଡିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଗ୍ରାମର ବୃଦ୍ଧିଜୀବୀ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ନେଇ ଏକ କୈଶୋର ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକ୍ରମର ମୁଖ୍ୟ ସୁରେଶ ପ୍ରଧାନ, ବ୍ଲକ ସଂଯୋଜକ ରୋଜାଲିନ ପରିଡା ଓ ବ୍ୟାସଦେବ ନାଏକ ଉପସ୍ଥିତ ରହି ଗ୍ରାମରେ କିଶୋରୀ କିଶୋରମାନଙ୍କ ଦୈନନ୍ଦିନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ କିପରି ଏହାର ସମାଧାନ ପାଇଁ ଗ୍ରାମ୍ୟ ସ୍ତରରେ ପ୍ରୟାସ କରାଯିବ ସେ ନେଇ ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ୱାଇସିଡିଏ ଅନୁଷ୍ଠାନର ଶଗଡା କ୍ଷେତ୍ର କର୍ମୀ ଗିରିଶ ମେହେର ପରିଚାଳନା କରିଥିବା ବେଳେ ଉଡାନ କ୍ଲବର କର୍ମକର୍ତ୍ତା ସାମିଲ ଥିଲେ । ଅତିଥି ଭାବେ ଝାଡ଼ଖଣ୍ଡର ସର୍ଦନ ଫାଉଣ୍ଡେଶନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଚତୁର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀଙ୍କ ବୈଠକ


ଯୋଗେଶ୍ୱର ମନ୍ଦିରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

**ବିନିକା, ୧୮।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଜିଲାର ୪ର୍ଥ ଶ୍ରେଣୀ ମେଡିକାଲ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ଏକ ମାସ ମଧ୍ୟରେ ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ ଏକ ସଂଘ ଗଠନ କରାଯାଇଥିଲା । ସଭାପତି ଭାବେ କଳ୍ପତରୁ ମିଶ୍ର ଓ ସମ୍ପାଦକ ଭାବେ ଗୋବିନ୍ଦ ମିଶ୍ର ମନୋନୀତ ହୋଇଥିଲେ। ଗତ ୨୫ ବର୍ଷ ହେଲା ଜିଲା ମେଡିକାଲ ପଦୋନ୍ନତି କମିଟି ଗଠନ ହୋଇଥିଲେ ସୁଦ୍ଧା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦୋନ୍ନତି ହେଉନାହିଁ।

# ବିଷ ପିଇଦେଲେ ପ୍ରେମୀ ଯୁଗଳ

**ପ୍ରେମିକ ମୃତ, ପ୍ରେମିକା ଗୁରୁତର**

**ମନମୁଣ୍ଡା, ୧୮।୩(ଡି.ଏନ୍.ଏ.)**

ପ୍ରେମ ପାଇଁ ପ୍ରେମୀଯୁଗଳ ବିଷ ପିଇଦେଲେ । ଫଳରେ ଗୁରୁବାର ପ୍ରେମିକଙ୍କ ମୃତ୍ୟୁ ଘଟିଥିବା ବେଳେ ନବ ବିବାହିତା ପ୍ରେମିକା ଗୁରୁତର ଅବସ୍ଥାରେ ଏବେ ଜୀବନ ସହ ସଂଘର୍ଷ କରୁଛନ୍ତି । ଆଠମଙ୍ଗଳା ପାଇଁ ବାପଘରକୁ ବୁଲି ଆସିଥିବା ବେଳେ ଯୁବତୀ ଜଣକ ପ୍ରେମିକଙ୍କ ସହ ମିଶି ବିଷ ପିଇବା ସାଧାରଣରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି । ପ୍ରକାଶ ଯେ, ୨୫ ବର୍ଷୀୟ ଜଣେ ଯୁବକ ନିଜ ଗାଁର ସ୍ୱପ୍ନା (ଛଦ୍ମନାମ) ନାମ୍ନୀ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ । ଗତ ୭ ତାରିଖରେ ସ୍ୱପ୍ନାଙ୍କର ଅନ୍ୟ ଜଣେ ଯୁବକଙ୍କ ସହ ବିବାହ ହୋଇଥିଲା । ଆଠମଙ୍ଗଳା ପାଇଁ ସେ ବାପଘରକୁ ଆସିଥିଲେ । ଏହି ସୁଯୋଗରେ ଉଭୟ କଥାବାର୍ତ୍ତା ହୋଇଥିଲେ । ବୁଧବାର ସନ୍ଧ୍ୟାରେ ଯୁବକଙ୍କ ଭାଇ ଧାନ ଫସଲରେ ପକାଇବା ପାଇଁ ଏକ କୀଟନାଶକ କିଣିଥିଲେ। ଏହି ସମୟରେ ସେ ଭାଇଠାରୁ କୀଟନାଶକ ନେଇ ଠିକ୍ ଅଛି କି ନାହିଁ ଦୋକାନରେ ଦେଖାଇ ଆଣୁଛି କହି ଘରୁ ଚାଲି ଯାଇଥିଲେ । ସନ୍ଧ୍ୟା ସାଢେ ୭ଟା ପରଠାରୁ ସ୍ୱପ୍ନା ଓ ସେ ଗାଁରେ ନ ଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ଉଭୟ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଗୁରୁବାର ସକାଳେ ଗାଁ ଠାରୁ ଦେଢ କିଲୋମିଟର ଦୂର ଏକ ନିଛାଟିଆ ଜାଗାରେ ଦୁହେଁ ଗୁରୁତର ଅବସ୍ଥାରେ ଏକାଠି ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ବିଷ ପିଇ ଦେଇଥିବାରୁ ପରିବାରବର୍ଗ ଉଭୟଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏ ନେଇ ମୃତକଙ୍କ ମାମୁ ମନମୁଣ୍ଡା ଥାନାରେ ଜଣାଇବା ପରେ ପୋଲିସ ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ...

### ନବୀନ ନିବାସରେ....

ପ୍ରଥମ ପୃଷ୍ଠାରୁ...

ବୈଠକରେ ନିଷ୍ପତ୍ତି ହୋଇଛି। ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗ ସ୍ୱାଧିକାର ଭଙ୍ଗ କମିଟିକୁ ଯିବ। ସରକାରୀ ଦଳ ଆଣୁଥିବା ଅଭିଯୋଗ ଗୃହରେ ଉପସ୍ଥାପନ ହେବ ନାହିଁ ବୋଲି ସର୍ବଦଳୀୟ ବୈଠକ ଶେଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ଏହି ଘୋଷଣା ପରେ ବାଚସ୍ପତି ଗୃହକୁ ଶୁକ୍ରବାର ଯାଏ ମୁଲତବୀ ଘୋଷଣା କରିଛନ୍ତି।

ମଣ୍ଡି ଅବ୍ୟବସ୍ଥା, ଧାନକିଣା ଏବଂ ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ ହୋଇଥିଲେ। ନିଜ ନିଜ ଜିଦ୍‌ରେ ଅଟଳ ରହିବା ଯୋଗୁ ଗତ ୬ ଦିନ ଧରି ବିଧାନସଭା ଅଚଳ ହୋଇ ଯାଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଦୁଇ ଥର ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ଫେଲ୍ ମାରିଥିଲା। ଭାଜପା ଓ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବୁଧବାର ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଚିଠି ଲେଖି ସର୍ବଦଳୀୟ ବୈଠକ ଡାକିବାକୁ ଗୃହର ନେତାଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାର ଜବାବ ନ ଦେବାରୁ ଗୁରୁବାର କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିବା ବେଳେ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନବୀନ ନିବାସ ଯାଇଥିଲେ।

ଗତ ୫ ଦିନ ଭଳି ଗୁରୁବାର ବିଧାନସଭାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସଭା କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଧାନ ସମସ୍ୟାକୁ ନେଇ ଗୃହର ମଧ୍ୟଭାଗକୁ ଧସେଇ ପଶିଥିଲେ। ହାତରେ ବ୍ୟାନର ଧରି ନାରାବାଜି କରିଥିଲେ। ଶାସକ ଦଳର ସଦସ୍ୟମାନେ ନିଜ ଆସନରେ ଛିଡ଼ା ହୋଇ ହୋହାଲ୍ଲା କରିଥିଲେ। ପରିସ୍ଥିତି ବିଗୁଡୁଥିବା ଦେଖି ବାଚସ୍ପତି ମାତ୍ର ୧ ମିନିଟ୍ ପରେ ୧୦ଟା ୩୧ରୁ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ହାତରେ ବ୍ୟାନର ଧରି ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ବିଜେଡିର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଲୋକସେବା ଭବନ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଗୃହର ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ବିରୋଧୀ ଦଳ ଭାଜପା ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବା ପାଇଁ ପୂର୍ବରୁ କରିଥିବା ଘୋଷଣା ଅନୁଯାୟୀ ମଧ୍ୟାହ୍ନ ୧ଟାରେ ପଦଯାତ୍ରା କରି ବିଧାନସଭାରୁ ନବୀନ ନିବାସରେ ପହଞ୍ଚିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ଭାଜପାର ୨୨ ଜଣ ସଦସ୍ୟ ହାତରେ ପ୍ଲାକାର୍ଡ ଧରି ଚାଲି ଚାଲି ନବୀନ ନିବାସ ଯାଇଥିଲେ। ବିଜେଡି ସଦସ୍ୟମାନେ ମଧ୍ୟ ସେମାନଙ୍କ ପଛେ ପଛେ ଯାଇଥିଲେ। ବାଟରେ ଉଭୟ ଦଳ ସଦସ୍ୟଙ୍କ ମଧ୍ୟରେ ସାମାନ୍ୟ ଉଚ୍ଚବାଚ ହୋଇଥିଲା। ଭାଜପା ସଦସ୍ୟମାନେ ନବୀନ ନିବାସ ନିକଟରେ ପହଞ୍ଚିବା ପରେ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ। ତେବେ ସେଠାରେ ଥିବା ସୁରକ୍ଷା କର୍ମୀ ସେମାନଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇ ନ ଥିଲେ। ଭାଜପା ସଦସ୍ୟମାନେ ନବୀନ ନିବାସ ଫାଟକ ନିକଟରେ ଧାରଣାରେ ବସିଥିଲେ। ବିଜେଡି ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ନିମନ୍ତ୍ରଣ କରିଥିଲେ ମଧ୍ୟ ସେମାନେ ଯାଇ ନ ଥିଲେ। ମୁଖ୍ୟମନ୍ତ୍ରୀ ନିଜେ ଆସି ଡାକିଲେ ଯିବେ ବୋଲି ଜିଦ୍ ଧରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଭାଜପା ସଦସ୍ୟମାନଙ୍କୁ ଧାରଣାରୁ ନିବୃତ୍ତ ରହିବାକୁ ଅନୁରୋଧ କରିବା ସହ ଆଲୋଚନା କରିବାକୁ ନବୀନ ନିବାସକୁ ଡାକିଥିଲେ। ସେଠାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଲତିକା ପ୍ରଧାନ ପ୍ରମୁଖ ଭାଜପା ସଦସ୍ୟଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଅଧଘଣ୍ଟା ଆଲୋଚନା ପରେ ଭାଜପା ସଦସ୍ୟମାନେ ନବୀନ ନିବାସ ବାହାରକୁ ଆସିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଥିଲେ, ମୁଖ୍ୟମନ୍ତ୍ରୀ ଧାରଣା ସ୍ଥଳକୁ ଆସିବା ଏକ ଇତିହାସ। ସର୍ବଦଳୀୟ ବୈଠକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକ ଶେଷରେ କିଛି ନିଷ୍କର୍ଷ ବାହାରିବ ବୋଲି ଆଶା କରାଯାଉଛି ବୋଲି କହିଥିଲେ। ଭାଜପା ସଦସ୍ୟମାନେ ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିଛନ୍ତି। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଆଲୋଚନା ହୋଇଥିଲା। ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସହମତି ପ୍ରକାଶ ପାଇଛି। ସମାଧାନର ବାଟ ବାହାରିଛି। ଗୃହର ଅଚଳାବସ୍ଥା ଦୂର ହୋଇଛି। ଶୁକ୍ରବାରଠାରୁ ବିଧାନସଭା ସୁରୁଖୁରୁରେ ଚାଲିବ।

### ପୁଅ ଆଗରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଲେ ବାପା

ବ୍ରଜରାଜନଗର,(ଡି.ଏନ୍.ଏ.): ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ କୁଦୋପାଲି ଗ୍ରାମରେ ଗୁରୁବାର ପୁଅ ଆଗରେ ବାପା ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପ୍ରକାଶ ଯେ, ଅବସରପ୍ରାପ୍ତ ଏମ୍‌ସିଏଲ୍ କର୍ମଚାରୀ ପଦ୍ମ ମହାନନ୍ଦିଆ ମଧ୍ୟାହ୍ନରେ ପୁଅ ଚୈତନ୍ୟ ମହାନନ୍ଦିଆ (୨୬)ଙ୍କ ସହିତ କୁଦୋପାଲି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପୋଖରୀ ପାହାଚରେ ପୁଅ ଲୁଗା ସଫା କରୁଥିବା ସମୟରେ ବାପା କୂଳଠାରୁ ୨୦ ମିଟର ଦୂରରେ ବୁଡ଼ି ଯାଇଥିଲେ। ପୁଅ ଡାକ ପକାଇବାରୁ ଗାଁ ଲୋକେ ପହଞ୍ଚି ଖୋଜାଖୋଜି କରିଥିଲେ। ପ୍ରାୟ ଅଧଘଣ୍ଟା ପରେ ପଦ୍ମଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ରାମପୁର ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ସଂକ୍ଷେପରେ

### ଆହତ ହରିଣ ଉଦ୍ଧାର



ଝାରସୁଗୁଡ଼ା ଅଫିସ, ୧୮।୩: ବେଲପାହାଡ଼ ପୌରାଞ୍ଚଳ ୨ନଂ. ୱାର୍ଡ ଠୁଙ୍ଗିଆଡେରା ନିକଟରୁ ଗୁରୁବାର ସକାଳେ ଏକ ଆହତ ହରିଣକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ବନ ବିଭାଗ ଅଧିକାରୀ ହରିଣକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବେଲପାହାଡ଼ ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଛନ୍ତି। ହରିଣ ପ୍ରତି କୌଣସି ବିପଦ ନାହିଁ ବୋଲି ପ୍ରାଣୀ ଚିକିତ୍ସକ ଡାକ୍ତର ସୁଧାଂଶୁ ପଟେଲ କହିଛନ୍ତି। ଚିକିତ୍ସା ପରେ ଆହତ ହରିଣକୁ ସ୍ୱାସ୍ଥ୍ୟ ବିଭାଗ ଅନୁଧ୍ୟାନ ପାଇଁ ବନ ବିଭାଗ ବ୍ରଜରାଜନଗର ଫରେଷ୍ଟ ରେଞ୍ଜରେ ରଖାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଏହାକୁ ଜଙ୍ଗଲରେ ଛାଡିଦିଆଯିବ ବୋଲି ବ୍ରଜରାଜନଗର ରେଞ୍ଜର ଆରତୀ ନେଗୀ କହିଛନ୍ତି। ସୂଚନାଯୋଗ୍ୟ, ଠୁଙ୍ଗିଆଡେରା ଗ୍ରାମର ୨ ନାବାଳକ ଶୌଚ ପାଇଁ ଯାଇଥିବାବେଳେ ବୁଲା କୁକୁର ହରିଣକୁ ଗୋଡ଼ାଉଥିବା ଦେଖିଥିଲେ। ହରିଣଟି ତଳେପଡି ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ।

### ଏଲ୍‌ଆଇସି ବୀମା କର୍ମଚାରୀ ସଂଘର ଧର୍ମଘଟ

ସମ୍ବଲପୁର, ୧୮।୩ (ବ୍ୟୁରୋ): ବୀମା ଶିଳ୍ପରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଦାବିରେ ଗୁରୁବାର ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଗଠନ ପକ୍ଷରୁ ଦିନିକିଆ ଧର୍ମଘଟ କରାଯାଇଛି। ସମ୍ବଲପୁର ଭାରତୀୟ ଜୀବନ ବୀମା ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା। ଭାଜପା ସରକାର ନିଜ ଅପାରଗତାକୁ ଲୁଚାଇବା ଲାଗି ଶାଗ ମାଛ ଦରରେ ଜାତୀୟ ସମ୍ପତ୍ତି ବିକ୍ରି କରୁଛନ୍ତି। ଏପରି ଧାରାରୁ କେନ୍ଦ୍ର ସରକାର ବିରତ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ସଂଗଠନର ମୀନରଞ୍ଜନ ବିଶି, ସୁନୀଲ ତ୍ରିପାଠୀ, ପ୍ରେମାନନ୍ଦ ମହାପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଷ୍ଟେଶନ ବନ୍ଦ ନ କରି ବିକାଶ କରାଯାଉ

ସମ୍ବଲପୁର,୧୮।୩(ବ୍ୟୁରୋ): ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ନିଷ୍ପତ୍ତିକୁ ବିରୋଧ କରି ଗୁରୁବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟେଶନ ଉଚ୍ଛେଦ ନ କରି ବିକାଶ କରାଯାଉ ବୋଲି କର୍ମକର୍ତ୍ତା ଦାବି କରିଥିଲେ। ଏହାସହ ରେଳ ବିଭାଗର ଜବରଦଖଲ ଜମି ଉଚ୍ଛେଦ, ମାନେଶ୍ୱର ଷ୍ଟେଶନଠାରୁ ଗୋଡଭଗା ଷ୍ଟେଶନକୁ ଏକ ସ୍ୱତନ୍ତ୍ର ରେଳ ଲାଇନ ବିଛାଇବାକୁ ମତ ଦେଇଥିଲେ। ଏହି ରେଳ ଲାଇନରେ କେବଳ ମାଲ୍‌ବାହୀ ଟ୍ରେନ ସହରକୁ ପ୍ରବେଶ ନ କରି ଚଳାଚଳ କରିବ। ସରକାର ସକାରାତ୍ମକ ଭାବେ ନେଇ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ। ଆଇନଜୀବୀ ସୁରେଶ୍ୱର ମିଶ୍ର, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ସପନ ମିଶ୍ର, ଗୌରୀଶଙ୍କର ଦାଶ ଓ ଭୂପେନ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଛେଳି ଚୋରି ଅଭିଯୋଗରେ ୩ ଗିରଫ

ରେଢାଖୋଲ,୧୮।୩ (ଡି.ଏନ.ଏ.): ଛେଳି ଚୋରି ଅଭିଯୋଗରେ ଚାରମାଳ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଂଶାଜାଲ ଗ୍ରାମର ୨ ଭାଇ ଉମେଶ ପ୍ରଧାନ, ରମେଶ ପ୍ରଧାନ ଓ ମୁଗପାଳ ଗ୍ରାମର ଜେମ୍ସ ଖେସ। ପୋଲିସ ସୂଚନା ଅନୁଯାୟୀ ଗତ ୧୬ ତାରିଖରେ ବଂଶାଜାଲ ଗ୍ରାମର ସ୍ୱାଧୀନ ପ୍ରଧାନଙ୍କ ଘରୁ ଏକ ଛେଳି ଚୋରି ହୋଇଥିବା ନେଇ ଚାରମାଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଦଫା ୩୭୯ରେ ଏକ ମାମଲା ରୁଜୁ କରିଥିଲା। ତେବେ ତଦନ୍ତ ସମୟରେ ଉମେଶ ଓ ରମେଶ ସ୍ୱାଧୀନଙ୍କ ଘରୁ ଛେଳି ଚୋରି କରି ଜେମ୍ସଙ୍କ ଘରେ ଛେଳିକୁ ମାରି ରୋଷେଇ କରି ଖାଇଥିବା ଜଣାପଡିଥିଲା। ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କୃଷି ଆଇନ ଚାଷୀଙ୍କୁ ତଳିତଳାନ୍ତ କରିବ

■କୃଷକ ଅଧିକାର ଯାତ୍ରାକୁ ସ୍ୱାଗତ
■ବିଶ୍ୱଗୁରୁ କେବଳ ଫମ୍ପା ଘୋଷଣା

ସମ୍ବଲପୁର,୧୮।୩ (ବ୍ୟୁରୋ)

ଓଡ଼ିଶାରେ କୃଷକଙ୍କ ହକ୍ ପାଇଁ ମାର୍ଚ୍ଚ ୧୨ରୁ କୃଷକ ଅଧିକାର ଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୨୩ରେ ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସରେ ଏହା ଉଦ୍‌ଯାପିତ ହେବ। ସେହିଦିନ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ ଅନୁଷ୍ଠିତ ହେବ। ଏହି ଯାତ୍ରା ଗୁରୁବାର ସମ୍ବଲପୁରଠାରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସଙ୍ଗଠନ କର୍ମକର୍ତ୍ତା ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ବକ୍ତବ୍ୟରେ ନେତୃବୃନ୍ଦ ଦର୍ଶାଇଥିଲେ, କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ କୃଷକ ଓ କୃଷି ବିରୋଧୀ। ଏହା ଚାଷୀଙ୍କୁ ତଳିତଳାନ୍ତ କରିବ। ଏହାକୁ ବିରୋଧ କରି ସମଗ୍ର ଦେଶରେ ଚାଷୀ ଓ ବିଭିନ୍ନ ଅନୁଷ୍ଠାନ ଆନ୍ଦୋଳନ କରୁଛନ୍ତି। ଦିଲ୍ଲୀରେ ପ୍ରାୟ ୧୧୨ ଦିନରେ ଆନ୍ଦୋଳନ ପହଞ୍ଚିଛି। ଆନ୍ଦୋଳନସ୍ଥଳରେ ୨୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ମୃତ୍ୟୁ ଘଟିଲାଣି। ସେମାନେ ଆନ୍ଦୋଳନ କରି ଶହୀଦ ହୋଇଛନ୍ତି। ଅହଙ୍କାରୀ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏବେ ଦେଶରେ ପେଟ୍ରୋଲଠାରୁ ଆରମ୍ଭ କରି ସବୁ ସାମଗ୍ରୀର ଦର ବୃଦ୍ଧି ପାଇଛି। ଚାଷ ଉପକରଣ, ସାର, କୀଟନାଶକ ଦର ତୁଳନାରେ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଉ ନାହିଁ। ସରକାରଙ୍କ ବିଶ୍ୱଗୁରୁ ଘୋଷଣା କେବଳ ଫମ୍ପା ଆୱାଜ୍। ଅନ୍ୟପଟେ ରାଜ୍ୟ ସରକାର ପରୋକ୍ଷରେ କୃଷି ଆଇନକୁ ସମର୍ଥନ କରୁଥିବାରୁ ଚାଷୀଙ୍କ ପାଇଁ ବିପଦ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ନିରଞ୍ଜନ ମହାନ୍ତି, ଭାନୁଚନ୍ଦ୍ର ଷଡଙ୍ଗୀ, ଶଙ୍କର ସାହୁ, ଜମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ବିଭିନ୍ନ ସଂଗଠନ ସଦସ୍ୟ ଉପସ୍ଥିତ ଥିଲେ। ସେମାନେ ଆହୁରି କହିଥିଲେ, ଆସନ୍ତା ୨୬ ତାରିଖ ବନ୍ଦ ଡାକରାକୁ ଚାଷୀମାନେ ସମର୍ଥନ କରିବେ। କେନ୍ଦ୍ରୀୟ କୃଷକ ସଂଗଠନ ଡାକରାରେ ଅଖିଳ ଭାରତ ସଂଘର୍ଷ ସମନ୍ୱୟ ସମିତି/ସଂଯୁକ୍ତ କିଷାନ ମୋର୍ଚ୍ଚା ଓଡ଼ିଶା ପକ୍ଷରୁ ଏହା ସଂଗଠିତ ହେବ। ଏହି ସମାବେଶରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କୃଷକ ସଂଗଠନ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ନାକଟିଦେଉଳ,୧୮।୩(ଡି.ଏନ୍.ଏ.)

ନାକଟିଦେଉଳ ଥାନା କୁଡ଼ାନାଳୀ ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟାକରି ପୋଡ଼ିଦେବା ଅଭିଯୋଗରେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ରୋହିତ ସାହୁଙ୍କୁ ଅଟକ ରଖିଛି। ପୋଲିସ ସୂଚନା ଅନୁସାରେ ରୋହିତ ୯ବର୍ଷ ତଳେ କିସିଣ୍ଡା ଥାନା ବଳମ ଗ୍ରାମର ଡିଲେଶ୍ୱରୀ ସାହୁ(୨୮)ଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ବିବାହ କରିଥିଲେ। ତେବେ ବୁଧବାର ସକାଳୁ ଡିଲେଶ୍ୱରୀ କେଉଁଆଡେ ଚାଲିଯାଇଥିବା ନେଇ ରୋହିତ ଶଳା ସୁଶାନ୍ତଙ୍କୁ ଖବର ଦେଇଥିଲେ। ସୁଶାନ୍ତ ପରିବାର ସହ କୁଡ଼ାନାଳୀ ଗ୍ରାମରେ ପହଞ୍ଚିବା ପରେ ତାଙ୍କ ଭଉଣୀ ନିକଟସ୍ଥ କାଜୁ ବଗିଚାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କହିଥିଲେ। ମୃତଦେହ ଦେଖାଅ ବୋଲି କହିବାରୁ ଗ୍ରାମବାସୀଙ୍କ ସହ ମିଶି ଆମେ ପୋଡ଼ିଦେଇଛୁ ବୋଲି ରୋହିତ କହିଥିଲେ। ଏହା ପରେ ସୁଶାନ୍ତ ତାଙ୍କ ଭଉଣୀଙ୍କୁ ଜୀବନରେ ମାରି ପୋଡ଼ି ଦେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୨୮/୨୧ରେ ୩୦୨, ୨୦୧/୩୪ ଦଫାରେ ହତ୍ୟା ମାମଲା ରୁଜୁ କରଥିବା ରେଢାଖୋଲ ଏସ୍‌ଡିପିଓ ହାଡ଼ିବନ୍ଧୁ ସ୍ୱାଇଁ କହିଛନ୍ତି। ଗୁରୁବାର ଏସ୍‌ଡିପିଓ ଶ୍ରୀ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା ସାଇଣ୍ଟିଫିକ ଟିମ୍ ସହ ପୋଡ଼ାଯାଇଥିବା ସ୍ଥାନରେ ପହଞ୍ଚି ହାଡ଼, ପାଉଁଶ ଜବତ କରିଛନ୍ତି।

**ଜଙ୍ଗଲରୁ ପାଉଁଶ ଓ ହାଡ଼ ଜବତ**

# ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଚାଷୀ


ଚାଷୀମାନେ ସ୍ମାରକପତ୍ର ଦେବାକୁ ଜିଲାପାଳଙ୍କ ନିକଟକୁ ଆସିଛନ୍ତି।

ଦେବଗଡ଼,୧୮।୩(ଡି.ଏନ୍.ଏ.)

ଟାର୍ଗେଟ ଶେଷ ହୋଇଯାଇଥିବା ଦର୍ଶାଇ ହଠାତ ଧାନ କ୍ରୟ ବନ୍ଦ କରାଯିବା ଯୋଗୁ ଟୋକନ ପାଇ ମଧ ଧାନବିକ୍ରୀ କରି ନ ପାରି ଦେବଗଡ ଜିଲାର ହଜାର ହଜାର ଚାଷୀ ହତାଶ ହୋଇପଡିଛନ୍ତି । ଅନ୍ୟପକ୍ଷରେ ଟୋକନ ଅବଧି ଶେଷ ହୋଇଯାଉଥିବାରୁ ଧାନ ବିକ୍ରି ନେଇ ଚାଷୀମାନେ ଅନିଶ୍ଚିତତା ମଧଦେଇ ଗତି କରୁଛନ୍ତି। ଏନେଇ ସେମାନେ ଜିଲା ଯୋଗାଣ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ସହ ସମ୍ପୃକ୍ତ ଅଞ୍ଚଳର କୃଷି ସମବାୟ ସମିତିଗୁଡିକୁ ଅଧିକ ଟାର୍ଗେଟ ପାଇଁ ଦାବି କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଜିଲାର ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତାରୋକୋ ଓ ତାଲାବନ୍ଦ ଆନ୍ଦୋଳନ କରିବାକୁ ବାଧ ହେଉଛନ୍ତି । ଅନ୍ୟପକ୍ଷରେ ଧାନବିକ୍ରିର ଆଶା ହରାଇ ନ ଥିବା ବହୁ ଚାଷୀ ଅଧିକ ଟାର୍ଗେଟ ପ୍ରଦାନ କରିବା ସହ ଅବଧି ଶେଷ ହୋଇଥିବା ଟୋକନଗୁଡିକୁ ପୁଣି ଥରେ ଚଳନକ୍ଷମ କରିବା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଉଥିବା ଦେଖିବାକୁ ମିଳିଛି। ଗୁରୁବାର ବାରକୋଟ ବ୍ଲକ ଅନ୍ତର୍ଗତ ଖଜୁରୀଖମଣ ସେବା ସମବାୟ ସମିତିର ଶତାଧିକ ପଞ୍ଜିକୃତ ଚାଷୀ ଭୋଳେଶ୍ୱର ମାହାନ୍ତ, ପରୀକ୍ଷିତ ସାହୁ, ଯୋଗେଶ୍ୱର ପ୍ରଧାନ, ପ୍ରଶନ୍ନ କୁମାର ପ୍ରଦାନ, ତିଳୋତ୍ତମା ମାହାନ୍ତ, ପବନୀ ପ୍ରଧାନ, ଲାବଣ୍ୟ ମାହାନ୍ତ ଓ ପ୍ରମିଳା ପ୍ରଧାନଙ୍କ ନେତୃତ୍ୱରେ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାନକ୍ରୟ ପାଇଁ ଅଧିକ ଟାର୍ଗେଟ ପ୍ରଦାନ ସହ ଅଚଳ ଟୋକନଗୁଡିକୁ ଚଳନକ୍ଷମ କରିବା ନିମନ୍ତେ ଜିଲାପାଳଙ୍କୁ ଲିଖିତ ଭାବେ ଗୁହାରୀ କରିଥିଲେ ।

# ନିଫାର ବୈଠକ

ସମ୍ବଲପୁର, ୧୮।୩ (ବ୍ୟୁରୋ)

ନ୍ୟାଶନାଲ ଇଣ୍ଟିଗ୍ରେଟେଡ୍ ଫୋରମ୍ ଅଫ୍ ଆର୍ଟିସ ଆଣ୍ଡ ଆକ୍ଟିଭିଷ୍ଟ (ନିଫା) ସମ୍ବଲପୁର ଶାଖାର ବୈଠକ ସହଯୋଗ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅସୀମ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ରାଜ୍ୟ ସମ୍ପାଦକ ଶ୍ରବଣ କୁମାର ବାଗ, ଜିଲା ସମ୍ପାଦକ ରାମାଶିଷ ତ୍ରିପାଠୀ, ସଭ୍ୟା ସସ୍ମିତା ପଟ୍ଟନାୟକ ଓ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସମ୍ପାଦିକା ଅଲେଖିକା ପାଣି, ସ୍ୱାଧୀନ ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବିୟୁଟି କୁଇନ୍ ୨୦୨୦ ବିଜୟିନୀ ଅର୍ପିତା ପୂଜାରିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚହଟାପଦାରେ ଅଷ୍ଟପ୍ରହର ନାମଯଜ୍ଞ

ନାକଟିଦେଉଳ,୧୮।୩ (ଡି.ଏନ୍.ଏ.)

ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତର ବଡ଼ଚହଟାପଦା ପଞ୍ଚୁପାଣ୍ଡବ କ୍ରୀଡ଼ା ସ୍ଥଳଠାରେ ତିନିଦିନ ଧରି ଚାଲିଥିବା ଅଷ୍ଟପ୍ରହର ମହାବିଷ୍ଣୁ ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚରଡ଼ପଶି ଗ୍ରାମର ବିଜୟ କୁମାର ସାହୁ ଓ ଦୁଃଶଳା ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆଶ୍ରମର ମୁଖ୍ୟ ବାବା ତ୍ରିଲୋଚନ ଦାଶ (ଦହିବାବା)ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନାମଯଜ୍ଞରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ଚରଡ଼ପଶି, କାଉଁସୀପାଳ, ଶିମିଳିପାଳ, ବନ୍ଧୁପାଲି, ତିଲେଇମାଲ, କାଦୋବାହାଳ, ପାଇକମାଳ, ପେଣ୍ଠବାହାଲ ଆଦି ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ।

# ଜିଲା ସିନିୟର ଆନ୍ତଃ କ୍ଲବ୍ କ୍ରିକେଟ ଉଦ୍‌ଘାଟିତ


ଉଦ୍‌ଘାଟନୀ ମ୍ୟାଚ୍‌ର ଖେଳାଳିଙ୍କ ସହିତ ଅତିଥିମାନେ।

ଝାରସୁଗୁଡ଼ା ଅଫିସ,୧୮।୩

ଝାରସୁଗୁଡ଼ା ଜିଲା କ୍ରିକେଟ ଆସୋସିଏଶନ ତରଫରୁ ଗୁରୁବାର ସିନିୟର ବାଳକ ଆନ୍ତଃ କ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି ମ୍ୟାଚ୍ ଝାରସୁଗୁଡାର ବିଟିଏମ୍ ପଡିଆ ଓ ବ୍ରଜରାଜନଗର ଓରିଏଣ୍ଟ କୋଲିଆରୀ ପଡିଆରେ ଆରମ୍ଭ ହୋଇଛି। ବିଟିଏମ୍‌ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଶର୍ମା ମୁଖ୍ୟଅତିଥି, ଜିଲା କ୍ରୀଡାସଂଘ ସମ୍ପାଦକ ତାପସ ରାୟ ଚୌଧୁରୀ, କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି ଜୀବନ ମହାନ୍ତି, କୋଷାଧକ୍ଷ ଗଣେଶ ନାୟକ, ଓଡ଼ିଶା କ୍ରିକେଟ୍ ସଂଘ ସହସମ୍ପାଦକ ମେହେତାବ ଖାନ୍, ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉସାହିତ କରିଥିଲେ। ଏଠାରେ ବେଲପାହାଡ ଲିଓ କ୍ରିକେଟ କ୍ଲବ୍ ଓ ବ୍ରଜରାଜନଗର କ୍ରିକେଟ୍ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଲିଓ କ୍ଲବ୍ ବ୍ୟାଟିଂକରି ୪୩.୨ ଓଭରରେ ୧୦ଉଇକେଟ୍‌ରେ ୨୧୭ରନ୍ କରିଥିଲା। ଜବାବରେ ବ୍ରଜରାଜନଗର ଦଳ ୪୦.୩ଓଭରରେ ୫ଉଇକେଟ୍ ହରାଇ ୨୧୯ରନ୍ କରି ବିଜୟୀ ହୋଇଥିଲା। ଓରିଏଣ୍ଟ କୋଲିଆରୀ ପଡିଆରେ ଟାଇଗର କ୍ରିକେଟ୍ କ୍ଲବ୍ ଓ ସାଇନିଂ କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ସାଇନିଂ କ୍ଲବ୍ ପ୍ରଥମେ ବ୍ୟାଟିଂକରି ୩୫.୫ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୭ରନ୍ କରିଥିଲା। ଟାଇଗର କ୍ଲବ୍ ୨୧.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୦ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟର ଭାବେ ବିନୟ ପ୍ରସାଦ, ପି ଅଶୋକ, ଅନିରୁଦ୍ଧ କେଓ୍ୱାଟ, ରିତେଶ ସିହ୍ନା, ବିଭୂତିପାତ୍ର ଖେଳ ପରିଚାଳନା କରିଥିଲେ।

# ଜେଏମ୍‌ସି କପ୍ କ୍ରିକେଟ: ଟାଇଁସର ଚାମ୍ପିୟନ

ଦେବଗଡ଼,୧୮।୩(ଡି.ଏନ୍.ଏ.)

ତିଲେଇବଣି ବ୍ଲକ ଅନ୍ତର୍ଗତ ଟାଇଁସର ଗ୍ରାମ ପଞ୍ଚାୟତ ସଦର ମହକୁମାଠାରେ ଜେଏମ୍‌ସି କ୍ଲବ ଆନୁକୂଲ୍ୟରେ ମୋଟ ୧୨ଟି ଦଳକୁ ନେଇ ଚାଲିଥିବା ଜେଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛ। ଆଜିର ଫାଇନାଲ ମ୍ୟାଚ କୁରେଇଁବାହାଲର ମଧୁସୂଦନ କ୍ରିକେଟ କ୍ଲବ ଓ ଟାଇଁସରର ଲିପୁନ କ୍ରିକେଟ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ସୁପର ଓଭରରେ କୁରେଇଁବାହାଲର ମଧୁସୂଦନ କ୍ରିକେଟ କ୍ଲବକୁ ପରାସ୍ତ କରି ଟାଇଁସର ଲିପୁନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ତଥା ତିଲେଇବଣି ମଣ୍ଡଳ ଭାଜପା ସଭାପତି ଯେଗେଶ ଚନ୍ଦ୍ର ପ୍ରଧାନ, ବେଣୁଧର ପ୍ରଧାନ ଓ ନିଶାନ୍ତ ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ନଗଦ ୭ ହଜାର ଟଙ୍କା ଓ ରନର୍ସ ଅପ୍‌କୁ ଟ୍ରଫିସହ ନଗଦ ୫ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।


ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

ରାଜଗାଙ୍ଗପୁର, ୧୮।୩ (ଡି.ଏନ.ଏ)

ଗୁରୁବାର ଟ୍ରେନ୍‌ରେ କଟିଯାଇ ରାଜଗାଙ୍ଗପୁର ଷ୍ଟେସନପଡା ୱାର୍ଡ ନଂ. ୧୭ର ସୁରେନ୍ଦ୍ର ସାହା (୨୯)ଙ୍କ ମୃତ୍ୟୁ ଘଟିଛି। ଦିନ ପ୍ରାୟ ୧୧ଟାରେ ସେ ରେଳ ଧାରଣା ପାର ହୋଇ ଯାଉଥିବା ସମୟରେ ଡାଉନ ଲାଇନରେ ଏକ ମାଲବାହୀ ଟ୍ରେନ ଚଢ଼ିଯିବା ଦ୍ୱାରା ଘଟଣା ସ୍ଥଳରେ ସୁରେନ୍ଦ୍ର ମୃତ୍ୟୁବରଣ କରିଥିଲେ। ରାଜଗାଙ୍ଗପୁର ରେଳବାଇ ପୋଲିସ ମୃତଦେହ ଜବତକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ୬ମାସ ମଧ୍ୟରେ ସରିବ ପ୍ରକଳ୍ପ

ରେଢାଖୋଲ,୧୮।୩(ଡି.ଏନ.ଏ.)

**ମହାନଦୀରୁ ପାନୀୟଜଳ ଯୋଗାଣ**

ରେଢାଖୋଲ ସହରକୁ ମହାନଦୀରୁ ପାନୀୟଜଳ ଯୋଗାଣ ନିମନ୍ତେ ନିର୍ମାଣ ହେଉଥିବା ପ୍ରକଳ୍ପ ଖୁବ୍‌ଶୀଘ୍ର ଶେଷହେବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ନନ୍ଦ କହିଛନ୍ତି। ଗୁରୁବାର ରେଢାଖୋଲ ଏନ୍‌ଏସି କାର୍ଯ୍ୟାଳୟଠାରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସଂକଟ ନେଇ ଅନୁଷ୍ଠିତ ବୈଠକରେ ଏହା ପ୍ରକାଶ କରିଛନ୍ତି। ଚଳିତ ଖରାଦିନରେ ବିଭିନ୍ନ ୱାର୍ଡରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ସ୍ଥିର କରାଯାଇଥିଲା। ଏଥି ସହିତ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜୀବ ପାତ୍ର, ବିଦ୍ୟୁତ୍ ବିଭାଗୀୟ ସହକାରୀ ଯନ୍ତ୍ରୀ ଦୀପକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରେଢାଖୋଲ ସହରକୁ ମହାନଦୀରୁ ପାନୀୟଜଳ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ୨୦୦୧ ମସିହା ଉପନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ।

# ଜିଲାରେ ଡବ୍ଲ୍ୟୁଓଡିସି ଅଫିସ ଖୋଲିଲା

ସମ୍ବଲପୁର,୧୮।୩ (ବ୍ୟୁରୋ)

ସମ୍ବଲପୁର ଜିଲାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଫିସ ଗୁରୁବାର ଉଦ୍‌ଘାଟନ କରାଯାଇଛି। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପରିସରରେ ଏହି ଅଫିସ ଖୋଲାଯାଇଛି। ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ସୋମନାଥ କଣ୍ଡେୟାଁ ମୁଖ୍ୟ ଭାବେ କାର୍ଯ୍ୟ କରିବେ। ଅନ୍ୟମାନଙ୍କ ମଧ୍ୟରେ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକ ଅକ୍ଷୟ ରାଉତଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ରାଜପଥ ଅବରୋଧ କଲେ ଚାଷୀ

■ଧାନକ୍ରୟ ପାଇଁ ଅଧିକ ଟାର୍ଗେଟ ଦାବି
■ଟୋକନର ପୁନଃ ନବୀକରଣ କରାଯାଉ

ଦେବଗଡ଼,୧୮।୩(ଡି.ଏନ୍.ଏ.)

ଚାଷୀଙ୍କଠାରୁ ଧାନ କ୍ରୟ ନିମନ୍ତେ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର ଓ କେନ୍ଦେଇଜୁରୀ ପ୍ରାଥମିକ କୃଷି ସମବାୟ ସମିତିକୁ ଅଧିକ ଟାର୍ଗେଟ ପ୍ରଦାନ ଓ ଲ୍ୟାପ୍ସ ଟୋକନଗୁଡିକର ପୁନଃ ନବୀକରଣ ଦାବିରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ଉକ୍ତ କୃଷି ସମବାୟ ସମିତି ଅଧିନସ୍ଥ ୪ଟି ପଞ୍ଚାୟତର ଚାଷୀମାନେ ଗୁଣ୍ଡେଇମରା ଛକଠାରେ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଧାନ, ଟ୍ରାକ୍ଟର, ପାୱାରଟିଲର ରଖି ଅବରୋଧ କରିଛନ୍ତି। ସେହିପରି ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ ଶେଷ ହୋଇଯାଇଥିବାରୁ ଉକ୍ତ କଂସର ଓ କେନ୍ଦେଇଜୁରୀ କୃଷି ସମବାୟ ସମିତି ଅଧିନସ୍ଥ କଂସର, କେନ୍ଦେଇଜୁରୀ, ପାଳକୁଦର, ସଡୋ ଓ ଢୋଲପଡା ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ଧାନ ବିକ୍ରି କରି ନ ପାରି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଅନ୍ୟପକ୍ଷରେ ଧାନ ବିକ୍ରି ପାଇଁ ସେମାନେ ପାଇଥିବା ଟୋକନଗୁଡିକର ଅବଧି ଶେଷ ହୋଇଯାଉଥିବାରୁ ସେମାନଙ୍କ ମଧ୍ୟରେ ଘୋର ନୈରାଶ୍ୟଭାବ ପ୍ରକାଶ ପାଇଛି। ଅଧିକ ଟାର୍ଗେଟ ପ୍ରଦାନ ଓ ଲ୍ୟାପ୍ସ ଟୋକନ ଗୁଡିକର ପୁନଃ ନବୀକରଣ ପାଇଁ ଜିଲା ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ନିକଟରେ ଚାଷୀମାନେ ବାରମ୍ବାର ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଚାଷୀମାନେ ଗତ ୧୨ ତାରିଖ ପୁଣିଥରେ ଦେବଗଡ ଜିଲାପାଳଙ୍କୁ ଏନେଇ ଲିଖିତ ଗୁହାରୀ କରିବା ସହ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ସେମାନେ ଗୁଣ୍ଡେଇମରାଠାରେ ୫୩ନମ୍ବର ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଲିଖିତ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ସେମାନଙ୍କର ଦାବି ପୂରଣ ନ ହେବାରୁ ଗୁରୁବାର ପୂର୍ବାହ୍ନରୁ ସେମାନେ ଗୁଣ୍ଡେଇମରା ଛକଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।


ଚାଷୀମାନେ ଗୁଣ୍ଡେଇମରା ଛକଠାରେ ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେଦବ୍ୟାସ,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଳ ଛକ ନିକଟରେ ଗୁରୁବାର ଅପରାହ୍ନ ୩ଟା ବେଳେ ଏକ ଅଜଣା ଗାଡି ଧକ୍କାରେ ରାହୁଲ ଠାକୁର (୨୨) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗାନ୍ଧୀରୋଡ ନିବାସୀ ବୋଲି ଜଣାପଡିଛି। କରତକଳଛକ ସ୍ଥିତ ଏକ ଘରୋଇ ଡିଜେଲ ଦୋକାନରେ କାର୍ଯ୍ୟ କରୁଥିବା ରାହୁଲ ରାସ୍ତା ଅତିକ୍ରମ କରି ଯାଉଥିବାବେଳେ ବେଦବ୍ୟାସ ପାର୍ଶ୍ୱରୁ କାଂଶବାହାଲ ଆଡକୁ ଭୁଲ ରାସ୍ତା ଦେଇ ଯାଉଥିବା ଗାଡି ଧକ୍କା ଦେଇ ଫେରାର୍ ହୋଇ ଯାଇଥିଲା। ଫେରାର ଗାଡିକୁ ଧରିବା ପାଇଁ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

**ସଂକ୍ଷେପରେ**

## ରିଆମାଳରେ ବିଜେଡିର ଘରଚିହ୍ନା କାର୍ଯ୍ୟକ୍ରମ

ରିଆମାଳ,୧୮।୩(ଡି.ଏନ୍.ଏ.): ଦେବଗଡ ଜିଲା ବିଜୁ ଜନତାଦଳ ପକ୍ଷରୁ ରିଆମାଳ ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଘରଚିହ୍ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଘରଚିହ୍ନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ବିନୟ କୁମାର ପ୍ରଧାନ, ତରଣୀସେନ ପ୍ରଧାନ ଓ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ପ୍ରଧାନ ମଞ୍ଚାସୀନ ଥିଲେ।

# ଚାଷୀଙ୍କୁ ଭ୍ରମିତ କରୁଛନ୍ତି ବିଜେଡି, ଭାଜପା

ଝାରସୁଗୁଡ଼ା ଅଫିସ,୧୮।୩

**ଝାରସୁଗୁଡ଼ାରେ କୃଷକ ଅଧିକାର ଯାତ୍ରାକୁ ସମ୍ବର୍ଦ୍ଧନା**

ଅଖିଳ ଭାରତୀୟ କିଷାନ ସଂଘର୍ଷ ସମନ୍ୱୟ ସମିତି ତରଫରୁ ଗତ ୧୨ତାରିଖରୁ ଭୁବନେଶ୍ୱରରୁ ବାହାରିଥିବା ରାଜ୍ୟସ୍ତରୀୟ କୃଷକ ଅଧିକାର ଯାତ୍ରା ଗୁରୁବାର ଝାରସୁଗୁଡ଼ାରେ ପହଞ୍ଚିଥିଲା। ଏହି ଯାତ୍ରାକୁ ବଡ଼ମାଳ ବିଜୁ ପଟ୍ଟନାୟକ ଛକରେ ଜିଲା କୃଷକ ସଙ୍ଗଠନ ଓ ଜିଲାର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ପ୍ରଗତିଶୀଳ ଶ୍ରମିକ ସଙ୍ଗଠନ, ଲୋକମୁକ୍ତି ସଙ୍ଗଠନ ଆଦି ଯୋଗ ଦେଇଥିଲେ। ଯାତ୍ରାରେ ସାମିଲ ହୋଇଥିବା ନେତୃବୃନ୍ଦ ସୁନାରୀ ମୁଣ୍ଡାସ୍ଥିତ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଓ ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାପୁମାଲଠାରେ ଜିଲା କୃଷକ ସଙ୍ଗଠନ ଉପଦେଷ୍ଟା ବୁନ୍ଦେ ଧୁରୁଆଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା କୃଷକ ସଙ୍ଗଠନ ଆବାହକ ବିଜୟ ଦାସ ପରିଚାଳନା କରିଥିଲେ। ଏଥିରେ କୃଷକ ନେତା ଲିଙ୍ଗରାଜ, ଭାରତ କୃଷକ ସଭାର କ୍ଷୀରୋଦ ସିଂହଦେଓ, ଓଡ଼ିଶା କୃଷକ ସଭାର ଯୋଗେଶ୍ୱର ସାମନ୍ତରାୟ, କ୍ରାନ୍ତିକାରୀ କୃଷକ ସଙ୍ଗଠନର ଶଙ୍କର ସାହୁ, ଅଖିଳ ଭାରତୀୟ କିଷାନ ମଜଦୁର ସଭାର ବି.ସି. ଷଡ଼ଙ୍ଗୀ, ଅଖିଳ ଭାରତୀୟ କୃଷକ କ୍ଷେତ ମଜଦୁର ସଙ୍ଗଠନର ନିରଞ୍ଜନ ମହାନ୍ତି, ଜନଶକ୍ତି ଅଭିଯାନ ଆବାହକ ପ୍ରଫୁଲ୍ଲ ସାମନ୍ତରା, ଇନ୍‌ସାଫ୍ ଓଡ଼ିଶାର ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ କୃଷକ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ କଳା କୃଷି ଆଇନକୁ କଡ଼ା ସମାଲୋଚନା କରି କହିଥିଲେ, ଏ ସରକାର କୃଷକଙ୍କର ନୁହେଁ, ପୁଞ୍ଜିପତିଙ୍କର। ଓଡ଼ିଶା ବିଧାସଭାରେ ଧାନକିଣାକୁ ନେଇ ବିଜେଡି ଓ ଭାଜପା ସରକାର ଚାଷୀଙ୍କୁ ଭ୍ରମିତ କରୁଛନ୍ତି ବୋଲି କୃଷକ ନେତା ଲିଙ୍ଗରାଜ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା କୃଷକ ସଙ୍ଗଠନ ପ୍ରବକ୍ତା ବିରଞ୍ଚି ସାହୁ, ସୁରେନ୍ଦ୍ର ସାହୁ, ଗୋପୀନାଥ ମାଝି, ଅନନ୍ତ ପଣ୍ଡା, ରକ୍ଷାକର ଅନୁପମ, ବାସୁଦେବ ଭୋଇ, ସୁରେଶ ତ୍ରିପାଠୀ, ପ୍ରଭାକର ଓରାମ, ପ୍ରଶାନ୍ତ ତ୍ରିପାଠୀ, ରତ୍ନାକର ପ୍ରଧାନ, ରମେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବକ୍ତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଯାତ୍ରା କୋଲାବିରା ଓ ଲଇକେରା ବ୍ଲକ ଦେଇ ସୁନ୍ଦରଗଡ ଜିଲା ବାମରା ବ୍ଲକ୍‌ରେ ପହଞ୍ଚିବ।



ମଞ୍ଚରେ କୃଷକ ନେତା ଲିଙ୍ଗରାଜ ବକ୍ତବ୍ୟ ରଖୁଛନ୍ତି।

# ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ କାଦୁଅଫିଙ୍ଗା ରାଜନୀତି

ରାଉରକେଲା ଅଫିସ,୧୮।୩

ଆସନ୍ତା ୨୧ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଉରକେଲା ଗସ୍ତରେ ଆସୁଛନ୍ତି। ଏନେଇ ଇସ୍ପାତ ସହର ରିଂ ରୋଡକୁ ଚକାଚକ କରାଯିବା ସହ ଅନ୍ୟ ପ୍ରକ୍ରିୟା ମଧ୍ୟ ଜୋରଦାର ଆଗେଇ ଚାଲିଛି। ରାଷ୍ଟ୍ରପତି ଇସ୍ପାତ ଜେନେରାଲ ହସ୍ପିଟାଲ ପରିସରରେ ନିର୍ମାଣ କରାଯାଇଥିବା ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଉକ୍ତ ହସ୍ପିଟାଲକୁ ନେଇ ଆରମ୍ଭ ହୋଇଛି ବିପକ୍ଷ ଓ ସପକ୍ଷବାଦୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା ରାଜନୀତି। ଆନୁସଙ୍ଗୀକ ବିଧି ବ୍ୟବସ୍ଥା ନ ଥାଇ ଏହାକୁ ଉଦ୍‌ଘାଟନ କରାଯିବା ଘଟଣା ଉପରେ ଜିଲା କଂଗ୍ରେସ ପ୍ରଶ୍ନ ଉଠାଇଥିବା ବେଳେ ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶାସକ ବିଜେଡ଼ି ଏହି ସୁପର ସ୍ପେଶିଆଲିଟି ହସ୍ପିଟାଲ ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛି। ଡାକ୍ତର, ପାରାମେଡିକାଲ ଷ୍ଟାଫ ଓ ଆନୁସଙ୍ଗୀକ ବ୍ୟବସ୍ଥା ନ ଥାଇ ଏହାକୁ ତରବରିଆ ଉଦଘାଟନ ପଛରେ କି କାରଣ ରହିଛି ବୋଲି ଦଳ ପ୍ରଶ୍ନ ଉଠାଇଛି। ସେଲ ନିଜସ୍ୱ ପରିଚାଳନାଧିନ ଆଇଜିଏଚକୁ ଠିକ ଢଙ୍ଗରେ ପରିଚାଳନା କରି ପାରୁନି। ଆର୍‌ଏସ୍‌ପି କର୍ମଚାରୀ ଉପଯୁକ୍ତ ଚିକିତ୍ସା ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏପରି ଅବସ୍ଥାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ କେମିତି ସେଲ ପରିଚାଳନା କରିବ ବୋଲି ଦଳ ପ୍ରଶ୍ନ ଉଠାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ସହରବାସୀଙ୍କୁ ପ୍ରତିଶ୍ରୁତି ଦେଇ ଏଠାରେ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରତିଶ୍ରୁତିରୁ ଓହରିଯାଇ କେବଳ ହସ୍ପିଟାଲ ନାଁକୁ ମାତ୍ର କରାଯାଇଛି ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ଅନୁରୂପ ଭାବେ ସହରର ନାଗରିକ କମିଟି ମଧ୍ୟ ଉଦଘାଟନର ବହୁ ପୂର୍ବରୁ ଏହି ହସ୍ପିଟାଲକୁ ଏମ୍ସ ହାତକୁ ନେଉ ବୋଲି ଦାବି କରିଛି। ଏମ୍ସର ଦ୍ୱିତୀୟ ଶାଖା ଭାବେ ଏହି ମେଡିକାଲକୁ ମାନ୍ୟତା ଦେବାକୁ ସହରବାସୀ ଦାବିକରି ଆସୁଛନ୍ତି। ଏସବୁ ଅଭିଯୋଗକୁ ଭାଜପା ଖଣ୍ଡନ କରି କହିଛି ଯେ, ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି। ସୁପର ସ୍ପେଶିଆଲିଟି ମେଡିକାଲ ଦ୍ୱାରା ସମଗ୍ର ପଶ୍ଚିମ ଓଡିଶାବାସୀ ଉପକୃତ ହେବେ। କେନ୍ଦ୍ର ସରକାର ନିଶ୍ଚିତଭାବେ ଲୋକାଭିମୁଖୀ ନିଷ୍ପତି ଗ୍ରହଣ କରିବେ ବୋଲି ଭାଜପା ଆଶା ବ୍ୟକ୍ତ କରିଛି। ଏଣୁ ଏହାକୁ ନେଇ ରାଜନୀତି ଅନାବଶ୍ୟକ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# କନାକୁଣ୍ଡ ଘାଟକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ପଦକ୍ଷେପ

ବାଲିଶଙ୍କରା, ୧୮।୩ (ଡି.ଏନ୍.ଏ)

- ଜିଲାପାଳଙ୍କ ବାଲିଶଙ୍କରା ବ୍ଲକ ଗସ୍ତ
- ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଗୁରୁବାର ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ବିଶେଷକରି ପାନୀୟ ଜଳ ବ୍ୟବସ୍ଥା ଓ ପାର୍ବତୀ ଗିରି ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ବାଲିଶଙ୍କରା ବ୍ଲକର ଘୋଘର ଗ୍ରାମ ଇବ୍ ନଦୀ କନାକୁଣ୍ଡ ଘାଟକୁ ଜିଲାପାଳ ପରିଦର୍ଶନ କରି ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହା ସହିତ ବନ୍ଧବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କିଞ୍ଜିରିକେଲା କୁଳମଣି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରି ଏହାର ନବୀକରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ। ଏଥିସହ ୧୧କୋଟି ଟଙ୍କା ବ୍ୟୟ ଅଟକଳରେ ଘୋଘର ପାର୍ବତୀଗିରି ମେଗା ପ୍ରକଳ୍ପ ଓ କୁସୁମମରା ମେଗା ପ୍ରକଳ୍ପର କାର୍ଯ୍ୟ ତଦାରଖ କରିଥିଲେ। ଅଞ୍ଚଳର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଶ ମଧ୍ୟରେ ଥିବା ଇବ୍ ନଦୀର କନାକୁଣ୍ଡକୁ ବିଭିନ୍ନ ସମୟରେ ପିକ୍‌ନିକ୍ ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ଭିଡ ହେଉଥିବାରୁ ଏହି ସ୍ଥାନର ବିକାଶ ପାଇଁ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବାଲିଶଙ୍କରା ବିଡିଓ ବାସନ୍ତୀ ଲାକ୍ରା, ସହକାରୀ ଯନ୍ତ୍ରୀ ରାଧେଶ୍ୟାମ ଦାଶ, ବାଲିଶଙ୍କରା ସରପଞ୍ଚ ଦୀନବନ୍ଧୁ ସାଏ, ସ୍ଥାନୀୟ ନାଗରିକ ବୈରାଗୀ ତନ୍ତୀ, ଲବଣୀଧର ଦାନୀ, ପୂର୍ବତନ ସରପଞ୍ଚ ଯମୁନା ପ୍ରଧାନ, ଉଗ୍ରସେନ ପ୍ରଧାନ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସକାଶେ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ।



ଜିଲାପାଳ ବାଲିଶଙ୍କରା ବ୍ଲକ ଗସ୍ତ କରୁଛନ୍ତି।

## ଷ୍ଟିଲ୍ ସିଟିରେ ପ୍ରଦୂଷଣ ନିୟନ୍ତ୍ରଣ ନେଇ ବିକ୍ଷୋଭ

ରାଉରକେଲା ଅଫିସ, ୧୮। ୩: ଷ୍ଟିଲ ସିଟି ରାଉରକେଲା ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ସାଂଘାତିକ ଭାବେ ବୃଦ୍ଧି ପାଇଛି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇ ସେକ୍ଟର-୫ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ସକାଳ ପ୍ରାୟ ସାଢେ ୧୦ଟା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇ ଉକ୍ତ କାର୍ଯ୍ୟାଳୟକୁ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟ ରଖି ସ୍ମାର୍ଟସିଟି ମିଶନ ତାଲିକାଭୁକ୍ତ ରାଉରକେଲା ସମ୍ପ୍ରତି ଏକ ଉଚ୍ଚ ପ୍ରଦୂଷିତ ସହରରେ ପରିଣତ ହୋଇଛି ବୋଲି ଅଭିଯୋଗ କରିଥିଲେ। ଉଭୟ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ପାଇ ଚାଲିଥିବାବେଳେ ସ୍ଥାନୀୟ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ନିଜ କାର୍ଯ୍ୟାଳୟରୁ ବାହାରି ଏ ସମସ୍ତ କଥା ଦେଖିବା ପାଇଁ ଉଚିତ୍ ମଣୁ ନାହାନ୍ତି ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି। ଏହି ଅବସରରେ ଆଞ୍ଚଳିକ ଅଧିକାରୀଙ୍କ ଜରିଆରେ ରାଜ୍ୟ ମୁଖ୍ୟ ଶାସନ ସଚିବ ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଘେରାଉ ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ବୀରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ବୀରମିତ୍ରପୁର କଂଗ୍ରେସ ନେତା ରୋହିତ ଯୋଶେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ।

ODISHA HYDRO POWER CORPORATION LTD
OFFICE OF THE SENIOR GENERAL MANAGER (ELECTRICAL) UPPER KOLAB H. E. PROJECT
AT/P.O. : BARINIPUT; DIST. : KORAPUT(ODISHA) -764006
Telephone: 06854 – 242 001 Fax: 06854 – 242 092
No.CAD:1556:- Email ID: sgmel.ukhep@gmail.com
CIN : U40101OR1995SGC003963
TENDER CALL NOTICE NO:UKHEP: 33/2020-21 Dated:16.03.2021
Sealed tenders in duplicate are invited from the Manufacturer/ Authorized Dealers for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the work | Cost of tender paper (Non refundable) in Rs. | EMD in shape of DD/Banker's Cheque only (refundable) in Rs. |
|---|---|---|---|
| 1 | Supply, installation, commissioning & Testing of Two nos. of 7.5 Kw/10HP, 3-Phase, 415 Volt , 50Hz, Make- Kirloskar Motor Pump Set for water supply system, UKHEP, Bariniput | 2360/- inclusive of GST | 3000/- |

The sale of Tender Paper will be from :- 26.03.2021 to11.30 Hrs. of 06.04.2021
The last date & time of receipt of tender :- Upto 12.30 Hrs. of 06.04.2021
The date and time of opening of tender :- At 13.00 Hrs. of 06.04.2021
For details of tender documents, Terms & Conditions please visit our website www.ohpcltd.com.
C&P Head, Upper Kolab HEP,OHPC Limited, Bariniput
OIPR-04002/11/0049/2021

CHIEF DISTRICT MEDICAL & PUBLIC HEALTH OFFICER, KEONJHAR
Advt. No. 562/CDM&PHO, Keonjhar Date: 16.03.2021
TENDER CALL NOTICE
No. E-633: Sealed tenders are hereby invited from the intending manufacturers or their authorized stockiest/ distributors for supply of Hospital Equipments (EIF) to DHH, Keonjhar for 2020-21 to Keonjhar District.
The eligible bidders may submit their tender papers on or before 06.04.2021 by 5.00 P.M. through Registered Post/Speed Post/Courier only to the undersigned. The Technical Bid documents will be opened on 07.04.2021 at 11.00 A.M. Those who will qualify in the Technical Bid, their Financial Bids will be opened on the same day. The details in this connection are available in the district NIC website: www.kendujhar.nic.in.
The authority will not be responsible for any postal dealy. The undersigned has reserves the right to reject or cancelled any or all the tender without assigning any reason thereof.
Sd./- Chief District Medical & Public Health Officer, Keonjhar
OIPR-10033/11/0044/2021

INTEGRATED TRIBAL DEVELOPMENT AGENCY, BARIPADA
(Ph. & Fax No. (06792) 260250, E-mail: itdabpd@nic.in)
QUOTATION CALL NOTICE
No. 850 Dt.17.03.2021
No. CAD-1555: Sealed quotations are invited in palin paper by the Project Administrator, ITDA, Baripada from intending registered firms/suppliers/registered authorized dealers/ distributors with ISI specificatios for supply of the following articles. They should furnish valid PAN & GST Clearance Certificate along with quotation documetns. The bidder should submit their quotation document in sealed cover in person/by Registered Post/Courier services only. The last date of receipt of sealed quotation is on Dt.06.04.2021 during office hours upto 1.00 P.M. The sealed quotations shall be opened by the Project Administrator, ITDA, Baripada in presence of the committee and tenderers/their authorized representative in the office chamber of the Project Administrator, ITDA, Baripada on the same day i.e. Dt.06.04.2021 at 3.30 P.M. The details of items can be had from the Office of the Project Administrator, ITDA, Baripada in person/District website: www.mayurbhanj.nic.in.
Sd./- Project Administrator, ITDA, Baripada
OIPR-19100/11/0001/2021

No. CAD-1552:-
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR
Tender Call Notice No. File No. IDCO/HO-P&C/O-2934/04/2021/V-1 4780 Dated:- 15.03.2021
NOTICE INVITING TENDER THROUGH e-Procurement
Name of the Work :- Repairing of 750 KVA D.G. Set No.-2 installed at IDCO Towers, Bhubaneswar
Period of completion :- 30 (Thirty) Calendar days.

| Procurement Officer | Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identificaton No.:- P&C/EST/E/-80/2020-21 | Dtd.23.03.2021 at 12.00hrs. | Dtd. 31.03.2021 up to 17.00 hrs. |

Further details can be seen from the e-Procurement Portal www.Tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal as well as in IDCO Website.
OIPR-14003/11/0139/2021 Sd./- Chief General Manager (P&C), IDCO, Bhubaneswar

NANDANKANAN
NANDANKANAN ZOOLOGICAL PARK
TENDER NOTICE No. 24 of 2020-21 Date: 16.03.2021
No. MM-198:- Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for following tender of Nandankanan Zoological Park for the year, 2021-22.

| Sl. No. | Name of the Tender | Last date for submission of sealed tender | Opening of the sealed tender | Paper Cost inclusive of GST-18% |
|---|---|---|---|---|
| 1 | Animal Feed | 5.00 P.M. of 23.03.2021 | 11.30 A.M. of 24.03.2021 | ₹4,700/- |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from 17.03.2021. The downloaded tender papers must be accompanied with Bank Draft as mentioned against the above tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneswar.
OIPR-08070/11/0012/2021 Sd./- Deputy Director, Nandankanan Zoological Park

OFFICE OF THE BALASORE MUNICIPALITY, BALASORE
No. 2697 Date: 16.03.2021
SHORT TENDER CALL NOTICE
No. C-968: Sealed tenders in conformity with Detailed Tender Call Notice to be eventually drawn in Municipal Form No. WIII are hereby invited by the undersigned in percentage rate basis from the registered contractors including Municipal contractors for execution of the works as detailed below. Contractors registered with other Govt. Departments of the District and outside the District can also participate in the Bid provided on acceptance of the tender, they register their names in the Balasore Municipality by paying requisite fees as fixed by the council. Tender documents consisting of plans, specifications schedule of quantities and the set of terms and conditions of the contract and other necessary documents can be had from the Office of the undersigned on payment of cost of tender documents (Non-refundable) as specified below on any working days during office hour.
The sale of tender papers will start from 17.03.2021 and close on 30.03.2021 at 4.00 P.M. The tender documents dully filed in along with requisite document will be received upto 11.00 A.M. on Dt.31.03.2021 in the Tender Box kept in the Office of the undersigned which will be opened at 4.00 P.M. onward on Dt.31.03.2021 in presence of the tenderers or their authorized agents if they attend the Office in the schedule date and time of opening of tender.
Earnest money @ 1% of the estimated cost is to be deposited by the tenderers in shape of TDR/KVP/NSC duly pledged to the Executive Officer, Balasore Municipality and the TDR/KVP/NSCs are to be submitted along with tender paper, another 1% will be deposited by the successful tenderers as I.S.D. in shape of TDR/KVP/NSC duly pledged to the Executive Officer, Balasore Municipality before drawal of agreement. Additional Performance Security will be deposited by the successful bidder in shape of Demand Draft & TDR. Tenderers should be submitted copies of valid CONTRACTOR LICENSE, PAN CARD, GST Clearance Certificate. Authority (i.e. Executive Officer, Balasore Municipality) may cancel the work order by giving 7 days notice if work doesn't start after 10 days of issuing work order. Authority reserves right to cancel the work order for slow progress, for substandard quality work, non-compliance with instructions related to the above mentioned work of the Executive Officer/M.E./J.E. Concerned by giving 07 days notice. The tender committee reserves the right to reject and cancel any or all the tenders without assigning any reason thereof.

| Sl. No. | Name of the Work | Estimated Cost | Amount put to be tender | Cost of tender Paper (In Rs.) | EMD to be Deposited (in Rs.) | Time of Completion (in days) |
|---|---|---|---|---|---|---|
| 1 | Open Space Development near ITI Field, Balasore | 143185 | 127844 | 600 | 1% | 30 days |
| 2 | Open Space Development near O.T. Road, Balasore | 143185 | 127844 | 600 | 1% | 30 days |
| 3 | Constn. of RCC P Wall at South East Corner and Plastering of Damaged RR Masonary Wall of Chandragadi Pond in W.N. - 15 | 135500 | 120982 | 600 | 1% | 30 days |

Sd./- Executive Officer, Balasore Municipality
OIPR-13067/11/0003/2021

OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P. (O)-25/2020-21
No. B-826
1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE firm eligible contractors for construction of Road & Bridge works as detailed in the table below:
2. Nature of work : Bridge work
3. No. of work : 01 No.
4. Tender cost : Rs.10,000.00
5. Class of Contractor : Super Class Contractor
6. Available of bid document in the website : From 10.00 AM of 19.03.2021 to 5.00 PM of 19.04.2021
7. Pre-Bid meeting : Dt.26.03.2021 at 11.30 AM
8. Date of opening of Bid : Dt.20.04.2021 at 11.30 AM
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Engineer World Bank Project, Odisha
OIPR-34003/11/0036/2021

OFFICE OF THE NOTIFIED AREA COUNCIL, BALUGAON, KHORDHA
E-PROCUREMENT NOTICE
BID IDENTIFICATION NO-BLN.03/2020-21
No.: 554/Date:16.03.2021
No. C-706:- The Executive officer on behalf of NAC Balugaon invites percentage Bid through e-procurement in double cover system according to norm of e-procurement.
1. Type of Works : Civil construction works as in the D.T.C.N.
2. Total No. of works : 02 Nos.
3. Tender Amount Cost : Rs.11,55,308.00 to Rs.19,50,149.00
4. Period of Completion : 60 days to 120 days
5. Date and time of availability of Bid Documents in the Portal : From 10.00 A.M. of Dt.18.03.2021 upto 5.00 P.M. of Dt.24.03.2021
6. Original Bid documents submission in Tender box : Dt.25.03.2021 up to 5.00 P.M.
7. Date & Time of Opening of Tender : Dt.26.03.2021 at 11.30 A.M.
Further, the details of e-tender documents can be had from the E-Procurement portal www.tendersodisha.gov.in. Corrigendum if any shall only be published in the above website.
Sd./- Executive Officer, N.A.C., Balugaon
OIPR-13148/11/0001/2021

OFFICE OF COLLECTOR & DISTRICT MAGISTRATE, GANJAM (EXCISE SECTION)
No.552/ Ex. Dated: 16.03.2021
NOTICE INVITING APPLICATIONS FOR SETTLEMENT OF IMFL "OFF" SHOPS FOR GANJAM DISTRICT
No.F-133:- Applications are invited for settlement 64 numbers of IMFL "OFF" shops of GANJAM Excise District for the year, 2021-22 onwards by way of lottery.
The persons interested to participate may apply online in Form- 'B' through the portal http://stateexcise.odisha.gov.in from 17.03.2021 to 30.03.2021 (5.00 P.M.) Lottery will be held on 08.04.2021 and 09.04.2021 from 10.30 A.M. onwards at Old Conference Hall of DRDA, Chatrapur, Ganjam.
The details of the shops to be settled and the terms and conditions applicable thereof are available in the said website and the notice boards of the District Excise office and Collectorate, Ganjam.
Sd./- COLLECTOR, GANJAM
OIPR-36007/11/0001/2021

**ଆଫଗାନ୍ ସେନା ହେଲିକପ୍ଟର ଦୁର୍ଘଟଣାରେ ୯ ମୃତ**

ଆଫଗାନିସ୍ତାନ ସୈନ୍ୟବାହିନୀର ଏକ ହେଲିକପ୍ଟର ଗୁରୁବାର ୱାର୍‌ଡାକ୍ ପ୍ରଦେଶରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ଏମ୍‌ଆଇ-୧୭ ହେଲିକପ୍ଟର ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରେ ୪ ହେଲିକପ୍ଟର କର୍ମଚାରୀ ଓ ୫ ସୁରକ୍ଷା କର୍ମୀ ଅଛନ୍ତି।

## ସଂକ୍ଷେପରେ

### ଆସାମ ନିର୍ବାଚନ ପାଇଁ ୧୭୭ ପର୍ଯ୍ୟବେକ୍ଷକ

**ଗୁଆହାଟୀ,୧୮।୩(ଆଇଏଏନ୍‌ଏସ୍):** ଆସାମ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ କମିଶନ(ଇସି) ୧୭୭ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଅଛନ୍ତି। ଅନ୍ୟ ୧୭୪ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ମଧ୍ୟରୁ ୯୦ ସାଧାରଣ, ୩୧ ପୋଲିସ ଏବଂ ୫୩ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ। ୧୨୬ ସଦସ୍ୟ ବିଶିଷ୍ଟ ଆସାମ ବିଧାନସଭା ନିର୍ବାଚନ ମାର୍ଚ୍ଚ ୨୭ରୁ ୩ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଦର୍ଶନମ ଶ୍ରୀନିବାସନ, ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅଶୋକ କୁମାର ଏବଂ ଅବସରପ୍ରାପ୍ତ ଆଇଆର୍‌ଏସ୍ (ଆଇଟି) ଅଫିସର ନୀନା ନିଗମଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି।

### ନନ୍ଦିଗ୍ରାମରେ ଭାଜପା-ଟିଏମ୍‌ସି ସଂଘର୍ଷ

**କୋଲକାତା,୧୮।୩:** ପଶ୍ଚିମବଙ୍ଗର ନନ୍ଦିଗ୍ରାମରେ ଗୁରୁବାର ଭାଜପା ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଛି। ଏଥିରେ ଜଣେ ଭାଜପା କର୍ମୀ ଗୁରୁତର ଆହତ ହୋଇଛନ୍ତି। ଟିଏମ୍‌ସି ସମର୍ଥକ ଆକ୍ରମଣକାରୀମାନେ ଲାଠିରେ ଆକ୍ରମଣ କରିଥିଲେ ବୋଲି ଭାଜପା ଅଭିଯୋଗ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପାର ନନ୍ଦିଗ୍ରାମ ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ସୋନାଚୁରା ଚୌକଠାରେ ସଭା କରୁଥିବାବେଳେ ଏହାର କିଛି ଦୂରରେ ଭାଜପା କର୍ମୀଙ୍କ ଉପରେ ଆକ୍ରମଣ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଆହତ କର୍ମୀଙ୍କୁ ହସ୍ପିଟାଲ ନେଇଥିଲେ।

### ପଶ୍ଚିମବଙ୍ଗ ଯିବେ ୭୨୫ କମ୍ପାନୀ ସିଏପିଏଫ୍

**ନୂଆଦିଲ୍ଲୀ,୧୮।୩:** ଆଗାମୀ ବିଧାନସଭା ନିର୍ବାଚନ ଲାଗି ପଶ୍ଚିମବଙ୍ଗରେ ୭୨୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ନିୟୋଜିତ ହେବେ। ସିଆର୍‌ପିଏଫ୍ ମୁଖ୍ୟ କୁଲଦୀପ ସିଂ ଗୁରୁବାର ଏହି ସୂଚନା ଦେଇଛନ୍ତି। ଦେଶର ସର୍ବବୃହତ୍ ଅର୍ଦ୍ଧସାମରିକ ବାହିନୀ ସିଆର୍‌ପିଏଫ୍‌ର ୮୨ତମ ବାର୍ଷିକୀ ଅବସରରେ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କୁଲଦୀପ୍ କହିଥିଲେ, ୭୨୫ କମ୍ପାନୀ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୯୫ କମ୍ପାନୀ ପଶ୍ଚିମବଙ୍ଗରେ ପହଞ୍ଚି ସାରିଲେଣି। ଅବଶିଷ୍ଟ ସୁରକ୍ଷା ବଳ ଖୁବ୍‌ଶୀଘ୍ର ପହଞ୍ଚିବେ ବୋଲି ସେ କହିଥିଲେ।

### ତାଞ୍ଜାନିଆ ରାଷ୍ଟ୍ରପତି ମଗୁଫୁଲିଙ୍କ ପରଲୋକ

**ଡୋଡୋମା,୧୮।୩(ଆଇଏଏନ୍‌ଏସ୍):** ତାଞ୍ଜାନିଆ ରାଷ୍ଟ୍ରପତି ଜନ୍ ମଗୁଫୁଲିଙ୍କର ହୃଦ୍‌ରୋଗରେ ପରଲୋକ ହୋଇଯାଇଛି। ତାଙ୍କୁ ୬୧ ବର୍ଷ ହୋଇଥିଲା। ରାଷ୍ଟ୍ରପତି ମଗୁଫୁଲିଙ୍କୁ ପୂର୍ବରୁ ଜାକୟା କିକ୍‌ୱେଟେ କାର୍ଡିଆକ୍ ଇନ୍‌ଷ୍ଟିଚ୍ୟୁଟରେ ଭର୍ତ୍ତି କରାଯାଇଥିଲା। ସେ ୧୦ ବର୍ଷରୁ ଊର୍ଦ୍ଧ୍ୱ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ଦେଶର ସମ୍ବିଧାନ ଅନୁଯାୟୀ ଉପରାଷ୍ଟ୍ରପତି ସାମିଆ ସୁଲୁହୁ ହସନ ରାଷ୍ଟ୍ରପତି ଭାବେ ଶପଥ ନେବେ ଓ ଅବଶିଷ୍ଟ କାର୍ଯ୍ୟକାଳ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ମଗୁଫୁଲି ୨୦୨୦ ଅକ୍ଟୋବରରେ ତାଞ୍ଜାନିଆ ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ ହୋଇଥିଲେ।



# ବିବାଦରେ ମୁକେଶ ଅମ୍ବାନୀଙ୍କ ସ୍ତ୍ରୀ



**ଲକ୍ଷ୍ନୌ:** ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍‌ୟୁ)ରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସ୍ତ୍ରୀ ନୀତା ଅମ୍ବାନୀଙ୍କୁ ଅତିଥି ପ୍ରାଧ୍ୟାପକ ଭାବେ ନିଯୁକ୍ତ ପ୍ରସ୍ତାବକୁ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ଏକ ଭୁଲ ଉଦାହରଣ ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି। ମଙ୍ଗଳବାର ୪୦ରୁ ଅଧିକ ଛାତ୍ରଙ୍କ ଏକ ଦଳ କୁଳପତି ରାକେଶ ଭଟ୍ଟନାଗରଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାମାଜିକ ବିଜ୍ଞାନ ବିଭାଗର ମହିଳା ଅଧ୍ୟୟନ କେନ୍ଦ୍ରରେ ୩ ଅତିଥି ପ୍ରାଧ୍ୟାପକ ପଦବୀ ରହିଛି। ଏଥିରେ ନୀତାଙ୍କ ନିଯୁକ୍ତି ପାଇଁ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିଲାଏନ୍ସ ଫାଉଣ୍ଡେସନକୁ ପ୍ରସ୍ତାବ ପଠାଯାଇଥିଲା। ଅନ୍ୟ ଦୁଇଟି ପଦବୀ ପାଇଁ ଶିଳ୍ପପତି ଗୌତମ ଆଦାନୀଙ୍କ ସ୍ତ୍ରୀ ପ୍ରୀତି ଆଦାନୀ ଏବଂ ବିଜ୍‌ନେସ୍ ଟାଇକୁନ୍ ଲକ୍ଷ୍ମୀ ମିତ୍ତଲଙ୍କ ସ୍ତ୍ରୀ ଉଷା ମିତ୍ତଲଙ୍କ ନାଁ ବଛାଯାଇଥିବା ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି। ନାରୀ ସଶକ୍ତୀକରଣ କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେସନର ଭୂମିକା ଥିବାରୁ ନୀତାଙ୍କ ଅଭିଜ୍ଞତା କାମରେ ଆସିବ ବୋଲି ଏହି ପଦବୀ ପାଇଁ ତାଙ୍କୁ ନିଯୁକ୍ତି ଦିଆଯାଇଥିବା ବିଶ୍ୱବିଦ୍ୟାଳୟ କହିଛି।

# ମସ୍‌ଜିଦ୍ ମାଇକର ମୁହଁ ବୁଲାଇଦେଲେ

**ଆଲ୍ଲାହାବାଦ:** ମସ୍‌ଜିଦ୍‌ରେ ସକାଳ ସମୟରେ ଅଧିକ ସାଉଣ୍ଡ ଯୋଗେ 'ଆଜାନ' ପଢ଼ଯିବା ବନ୍ଦ କରିବାକୁ ନେଇ ଉତ୍ତରପ୍ରଦେଶ ପ୍ରୟାଗରାଜ ଜିଲାପାଳଙ୍କୁ ଚିଠି ଲେଖିଥିଲେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ କୁଳପତି ସଙ୍ଗୀତା ଶ୍ରୀବାସ୍ତବ। ଏହାକୁ ନେଇ ବିବାଦ ଉପୁଜିଥିଲେ ହେଁ ପରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ଶ୍ରୀବାସ୍ତବଙ୍କ ଘର ନିକଟରେ ଥିବା ଉକ୍ତ ମସ୍‌ଜିଦ୍ ମାଇକର ସାଉଣ୍ଡ କମାଯିବା ସହ ଏହାର ଦିଗ ମଧ୍ୟ ବଦଳାଇ ଦିଆଯାଇଛି। ଜିଲାପାଳଙ୍କୁ ଲେଖିଥିବା ଚିଠିରେ କୁଳପତି ଦର୍ଶାଇଥଲେ ଯେ, ପ୍ରୟାଗରାଜ ସିଭିଲ ଲାଇନସ୍ଥିତ ମସ୍‌ଜିଦ୍‌ରେ ସକାଳ ସାଢ଼େ ୫ଟାରେ ମାଇକ୍ ଯୋଗେ ଉଚ୍ଚ ସାଉଣ୍ଡରେ 'ଆଜାନ' ପାଠ କରାଯାଉଛି। ଏଥିଯୋଗୁ ଶବ୍ଦ ପ୍ରଦୂଷଣ ହେବା ସହ ତାଙ୍କ ନିଦ ଭାଙ୍ଗୁଛି। ଶୋଇବାରେ ଅସୁବିଧା ହେଉଥିବାରୁ ଦିନ ତମାମ ତାଙ୍କ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଇଦ୍ ପୂର୍ବରୁ ଭୋର ପ୍ରାୟ ୪ଟାରୁ ଖୁବ୍ ଜୋର୍‌ରେ ମାଇକ୍ ବାଜୁଥିବାରୁ ଅନ୍ୟମାନଙ୍କୁ ଅସୁବିଧା ହେଉଛି। କମ୍ ସାଉଣ୍ଡରେ ଆଜାନ ପଢାଯିବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଅଭିଯୋଗ ପରେ ମସ୍‌ଜିଦ୍ ପକ୍ଷରୁ ମାଇକ୍ ସାଉଣ୍ଡକୁ ଅଧା କମାଯିବା ସହ ଏହାର ଦିଗ ମଧ୍ୟ ପରିବର୍ତ୍ତନ କରାଯାଇଛି।



ସଙ୍ଗୀତା ଶ୍ରୀବାସ୍ତବ

# ମହାରାଷ୍ଟ୍ରରେ ୨୫,୮୩୩ ପଜିଟିଭ୍

**ନୂଆଦିଲ୍ଲୀ,୧୮।୩**

ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ର ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସେଠାରେ କରୋନା ସ୍ଥିତି ନିୟନ୍ତ୍ରଣ ବାହାରେ। ଗୁରୁବାର ମହାରାଷ୍ଟ୍ରରେ ୨୫,୮୩୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ଦ୍ୱିତୀୟ ଲହର ସଂକ୍ରମଣର କେନ୍ଦ୍ରସ୍ଥଳ ପାଲଟିଛି। ଉକ୍ତ ରାଜ୍ୟରେ ୨୪ ଘଣ୍ଟାରେ ୫୮ ଜଣ କରୋନାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ବୁଧବାର ୨୩,୧୭୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଭାରତରେ ଗୁରୁବାର ଗୋଟିଏ ଦିନରେ ୩୫,୮୭୧ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଚଳିତ ବର୍ଷ ଏହା ଗୋଟିଏ ଦିନରେ ସର୍ବାଧିକ ସଂକ୍ରମଣ। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୧୪,୭୪,୬୦୫ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କ୍ରମାଗତ ୮ ଦିନ ହେଲା ଦେଶରେ ଦୈନିକ ସଂକ୍ରମଣ ୨୦ ହଜାର ଉପରେ ରହିବା ସହ ଦ୍ୱିତୀୟ ଲହର ଆଶଙ୍କା ସୃଷ୍ଟି ହୋଇଛି। ଗୁରୁବାର ସୁଦ୍ଧା ଦେଶରେ ସକ୍ରିୟ ମାମଲା ସଂଖ୍ୟା ୨,୫୨,୩୬୪ ରହିଛି, ଯାହା ମୋଟ ମାମଲାର ୨.୦୫ ପ୍ରତିଶତ। ସେହିପରି ଗୁରୁବାର କରୋନାରେ ୧୭୨ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁସଂଖ୍ୟା ୧,୫୯,୨୧୬ରେ ପହଞ୍ଚିଛି।

ଭାରତରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଥିବାବେଳେ ୪୦୦ ଲୋକଙ୍କଠାରେ ବ୍ରିଟେନ୍, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୪ରେ ଏଭଳି ଷ୍ଟ୍ରେନ୍‌ର ୨୪୨ ମାମଲା ରେକର୍ଡ ହୋଇଥିଲା। ଦୁଇ ସପ୍ତାହ ମଧ୍ୟରେ ଏଥିରେ ୧୫୮ ବୃଦ୍ଧି ଘଟିଛି।

**୨୪ ଘଣ୍ଟାରେ ସଂକ୍ରମଣ**
- ଭାରତରେ ୩୫,୮୭୧
- ୪୦୦ ନୂଆ ଷ୍ଟ୍ରେନ୍ ଆକ୍ରାନ୍ତ



## ଋତୁକାଳୀନ ରୋଗ ହୋଇପାରେ କରୋନା

**କଟକଣା କୋହଳ ନ କରିବାକୁ ଜାତିସଂଘର ପରାମର୍ଶ**

**ଜାତିସଂଘ,୧୮।୩**

କରୋନା ଭୂତାଣୁ ଏକ ଋତୁକାଳୀନ ରୋଗରେ ପରିଣତ ହୋଇପାରେ ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ସେଥିପାଇଁ କୋଭିଡ୍-୧୯ କଟକଣାକୁ କୋହଳ ନ କରିବାକୁ ପରାମର୍ଶ ଦିଆଯାଇଛି। ବିଶ୍ୱ ପାଣିପାଗ ସଂଗଠନ ଟାସ୍କ ଟିମ୍ ଏହାର ପ୍ରଥମ ରିପୋର୍ଟରେ କହିଛି, କରୋନା ସଂକ୍ରମଣ ସହ ପାଣିପାଗ ଏବଂ ବାୟୁ ମାନର କ'ଣ ପ୍ରଭାବ ରହିଛି ତାହା ଖୋଜି ବାହାର କରିବାକୁ ବିଶେଷଜ୍ଞମାନେ ଉଦ୍ୟମ କରିଥିଲେ। ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ନିମ୍ନ ମାନର ବାୟୁ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟା ବଢ଼ାଇଥାଏ ବୋଲି ପ୍ରମାଣ ମିଳିଛି। ତେବେ କରୋନା ଭୂତାଣୁ ସଂକ୍ରମଣ ସହ ପ୍ରଦୂଷଣର କୌଣସି ସିଧାସଳଖ ପ୍ରଭାବ ଜଣାପଡ଼ିନାହିଁ।

ଜାତିସଂଘ ସଂସ୍ଥାର ୧୬ ଜଣିଆ ଟିମ୍ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ, କରୋନା ଏକ ଋତୁକାଳୀନ ରୋଗରେ ପରିଣତ ହୋଇପାରେ। ଶ୍ୱାସକ୍ରିୟାଜନିତ ଭୂତାଣୁ ସଂକ୍ରମଣ ସାଧାରଣତଃ ଋତୁକାଳୀନ ହୋଇଥାଏ। ଉଷ୍ମ ଜଳବାୟୁରେ ଶରତ ଓ ଶୀତ ଋତୁରେ ଇନ୍‌ଫ୍ଲୁଏଞ୍ଜା ଏବଂ ଥଣ୍ଡାଜନିତ କରୋନା ସଂକ୍ରମଣ ସର୍ବାଧିକ ହୋଇଥାଏ ବୋଲି ଆମେରିକାର ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟିର ଆର୍ଥ ଆଣ୍ଡ ପ୍ଲାନେଟାରି ସାଇନ୍ସ ବିଭାଗର ଡ. ବେନ୍ ଜାଇଟ୍‌ଚିକ୍ କହିଛନ୍ତି। କୋଭିଡ୍ କଟକଣା କୋହଳ କରିବା ଲାଗି ପାଣିପାଗ ଓ ବାୟୁ ମାନ ଫ୍ୟାକ୍ଟର ହୋଇପାରେ ବୋଲି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳି ନ ଥିବା ସେ କହିଛନ୍ତି। ମହାମାରୀ ପ୍ରଥମ ବର୍ଷରେ ଉଷ୍ମ ଅଞ୍ଚଳଗୁଡ଼ିକରେ ଗ୍ରୀଷ୍ମଦିନେ ସଂକ୍ରମଣର ଲହର ଦେଖାଦେଇଥିଲା। ଆଗାମୀ ବର୍ଷରେ ଏହାର ପୁନରାବୃତ୍ତି ନ ହେବ ବୋଲି କୌଣସି ପ୍ରମାଣ ନାହିଁ। ଥଣ୍ଡା ଓ ଶୁଷ୍କ ଜଳବାୟୁରେ ତଥା କମ୍ ଅଲ୍‌ଟ୍ରା ଭାଓଲେଟ ନିର୍ଗମରେ କରୋନା ଭୂତାଣୁ ଅଧିକ ସମୟ ତିଷ୍ଠି ରହୁଥିବାର ପ୍ରମାଣ ମିଳିଥିବା ବିଶେଷଜ୍ଞମାନେ କହିଛନ୍ତି।

## ଭାଜପାରେ ଅରୁଣ ଗୋଭିଲ୍



**ଭାଜପାର ଦିଲ୍ଲୀ କାର୍ଯ୍ୟାଳୟରେ ପଦ୍ମ ଧରିଲେ ରାମାୟଣର ରାମ**

**ନୂଆଦିଲ୍ଲୀ,୧୮।୩**

ଲୋକପ୍ରିୟ ଟେଲିଭିଜନ ଧାରାବାହିକ ରାମାୟଣରେ ରାମଙ୍କ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ୍ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ୪ ରାଜ୍ୟ ଓ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ପୂର୍ବରୁ ଗୋଭିଲ୍ ଭାଜପାର ଦିଲ୍ଲୀ କାର୍ଯ୍ୟାଳୟରେ ପଦ୍ମ ଧରିଛନ୍ତି। ରାମ ଭୂମିକାରେ ଅଭିନୟ କରିବା ପୂର୍ବରୁ ଗୋଭିଲ୍ ୧୯୭୭ରେ ପ୍ରଥମେ ଚଳଚ୍ଚିତ୍ର 'ପହେଲି'ରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ରାମାୟଣ ଧାରାବାହିକ ଏତେ ଲୋକପ୍ରିୟ ହୋଇଥିଲା, ଯେ ସର୍ବାଧିକ ଲୋକ ଦେଖୁଥିବାରୁ ଏହା ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିଲା। ଏହା ୨୦୦୩ ପର୍ଯ୍ୟନ୍ତ ବିଶ୍ୱରେ ସର୍ବାଧିକ ଦର୍ଶକ ଦେଖୁଥିବା ପୌରାଣିକ ଟିଭି ସିରିଏଲ୍ ଥିଲା। ଗତବର୍ଷ ଲକ୍‌ଡାଉନ ପରେ ଦୂରଦର୍ଶନରେ ରାମାୟଣ ସିରିଏଲ୍‌ର ପୁନଃ ପ୍ରସାରଣ ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଥିଲେ।



ହାଓଡ଼ା ଜିଲା ଶିବପୁରର ଟିଏମ୍‌ସି ପ୍ରାର୍ଥୀ ମନୋଜ ତିୱାରୀ ଗୁରୁବାର ଘରକୁ ଘର ଯାଇ ଭୋଟ ପ୍ରଚାର କରୁଛନ୍ତି।

## କ୍ରିଷ୍ଣନଗରରୁ ଲଢ଼ିବେ ମୁକୁଲ ରାୟ

**୧୪୮ ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା ଭାଜପା**

**କୋଲକାତା,୧୮।୩**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଭାଜପା ଗୁରୁବାର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ୧୪୮ ଜଣ ସ୍ଥାନ ପାଇଥିବାବେଳେ ମୁକୁଲ ରାୟ କ୍ରିଷ୍ଣନଗର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ପୂର୍ବରୁ ଭାଜପା ୪ ଜଣ ଏମ୍‌ପିଙ୍କୁ ପ୍ରାର୍ଥୀ କରିଥିବାବେଳେ ଏଥର ରାଣାଘାଟ ଏମ୍‌ପି ଜଗନ୍ନାଥ ସର୍କାରଙ୍କୁ ଶାନ୍ତିପୁର ଆସନରୁ ପ୍ରାର୍ଥୀ କରିଛି। ତେବେ ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷଙ୍କ ନାଁ ତାଲିକାରେ ନାହିଁ। ବରିଷ୍ଠ ଭାଜପା ନେତା ରାହୁଲ ସିହ୍ନା ହବ୍ରା ଆସନରୁ ଲଢ଼ିବେ। ଏଥର ମଧ୍ୟ କେତେଜଣ ସେଲିବ୍ରିଟିଙ୍କୁ ଭାଜପା ପ୍ରାର୍ଥୀ କରିଛି। ଲୋକ କଳାକାର ଅସୀମ ସର୍କାର ହରିନ୍‌ଘାଟ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ବୈଜ୍ଞାନିକ ଗୋବର୍ଦ୍ଧନ ଦାସଙ୍କୁ ପୂର୍ବସ୍ଥଳୀ ଉତ୍ତରରୁ ପ୍ରାର୍ଥୀ କରାଯାଇଛି।



ମୁକୁଲ ରାୟ

# 'ଜାମିନ ପାଇଁ ରାକ୍ଷୀ' ନିର୍ଦ୍ଦେଶ ଖାରଜ

**ନୂଆଦିଲ୍ଲୀ,୧୮।୩**

ମଧ୍ୟପ୍ରଦେଶ ହାଇକୋର୍ଟଙ୍କ 'ଜାମିନ ପାଇଁ ରାକ୍ଷୀ' ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଏକ ଅସଦାଚରଣ ମାମଲାରେ ଅଭିଯୁକ୍ତ ପୀଡ଼ିତାଙ୍କ ହାତରୁ ରାକ୍ଷୀ ବନ୍ଧାଇବା ସର୍ତ୍ତରେ ହାଇକୋର୍ଟ ଜାମିନ ମଞ୍ଜୁର କରିଥିଲେ। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶକୁ ଖାରଜ କରିଦେବା ସହ ବିଚାରପତିମାନେ ଏଭଳି ରଢ଼ିବାଦୀ ଚିନ୍ତାଧାରାଠାରୁ ଦୂରେଇ ରହିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ବିଚାରପତି ଓ ଆଇନଜୀବୀମାନଙ୍କ ସମ୍ବେଦନଶୀଳତାକୁ ନେଇ ଖଣ୍ଡପୀଠ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହାଇକୋର୍ଟଙ୍କ ଜାମିନ ସର୍ତ୍ତକୁ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ମଧ୍ୟ ବିରୋଧ କରିଥିଲେ।



ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ରାୟ ବିରୋଧରେ ଆଇନଜୀବୀ ଅପର୍ଣ୍ଣା ଭଟ୍ଟ ଏବଂ ଅନ୍ୟ ୮ ମହିଳା ଓକିଲ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଆବେଦନକାରୀମାନେ ଜାମିନ ସର୍ତ୍ତକୁ ଚ୍ୟାଲେଞ୍ଜ କରିଥିଲେ। ଏଭଳି ନିର୍ଦ୍ଦେଶ ମହିଳାଙ୍କୁ ବସ୍ତୁରେ ପରିଣତ କରିଥିବା ସେମାନେ ଯୁକ୍ତି କରିଥିଲେ। ଜାମିନ ସର୍ତ୍ତ ପୀଡ଼ିତା ଓ ଅଭିଯୁକ୍ତଙ୍କ ମଧ୍ୟରେ ସମ୍ପର୍କ ପାଇଁ ଅନୁମତି ଦେବା ଉଚିତ ନୁହେଁ। ଅଭିଯୁକ୍ତଙ୍କ ଉତ୍ପୀଡ଼ନରୁ ମହିଳାଙ୍କୁ କିପରି ସୁରକ୍ଷା ମିଳିବ ତାହା ଉପରେ ସର୍ତ୍ତ ରଖାଯିବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ। ପଡୋଶୀ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ଉଜ୍ଜୟିନୀ ଜେଲ୍‌ରେ ଥିବା ଅଭିଯୁକ୍ତ ବିକ୍ରମ ବାଗ୍ରି ଗତବର୍ଷ ଏପ୍ରିଲରେ ଜାମିନ ଆବେଦନ କରିଥିଲେ। ଜୁଲାଇ ୩୦ରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଇନ୍ଦୋର ବେଞ୍ଚ୍ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ସେଥିରେ ଗୋଟିଏ ସର୍ତ୍ତ ଥିଲା ରକ୍ଷାବନ୍ଧନ ଦିନ ଅଭିଯୁକ୍ତ ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କ ହାତରୁ ରାକ୍ଷୀ ବନ୍ଧାଇବେ।

# ଚାହିଦା ବଢ଼ାଇବ ସ୍କ୍ରାପେଜ୍ ପଲିସି



**ସଫଳତାର ଅର୍ଥ ବ୍ୟକ୍ତିରୁ ବ୍ୟକ୍ତି ଭିନ୍ନ ହୋଇଥାଏ। ଏହା ରାତାରାତି ଆସେ ନାହିଁ। ଏଥିପାଇଁ ସ୍ୱପ୍ନ ଲୋଡ଼ା, ଯାହା ରାତିରେ ଶୋଇବାକୁ ଦେବ ନାହିଁ। ଏକ ସ୍ପଷ୍ଟ ଦୃଷ୍ଟିଭଙ୍ଗୀ ଉପରେ ଧ୍ୟାନ ଦେବାକୁ ହେବ। ଥକି ପଡ଼ିଲେ ବି କଠିନ ପରିଶ୍ରମ ଜାରି ରଖିବାକୁ ପଡ଼ିବ। ସେମାନଙ୍କୁ ଖୁସି ଦେଲା ଭଳି ନିଜ ପାଇଁ କ୍ୟାରିୟର ବାଛନ୍ତୁ ବୋଲି ଯୁବ ସମାଜକୁ ପରାମର୍ଶ ଦେଇଛନ୍ତି ଉତ୍କଳ ଅଟୋମୋବାଇଲ୍ସ ପ୍ରାଇଭେଟ ଲିଃ ଡାଇରେକ୍ଟର ଶୌନକ ରାଜ ପାରିଖ।**

**➜କୋଭିଡ୍-୧୯ ଆପଣଙ୍କ ବ୍ୟବସାୟ ଉପରେ କି ପ୍ରଭାବ ପକାଇଛି ?**

ଆମ ସହ ଜଡ଼ିତ ସମସ୍ତ ଡିଲର, ଡିଷ୍ଟ୍ରିବ୍ୟୁଟର, ସପ୍ଲାୟର ଓ ଅନ୍‌ଲାଇନ୍ ଗ୍ରାହକଙ୍କ ଉପରେ କୋଭିଡ୍-୧୯ ପ୍ରଭାବ ପକାଇଛି। ଲକ୍‌ଡାଉନ୍ ସମୟରେ ଦେଶର ଅଟୋମୋବାଇଲ୍ସ ଇଣ୍ଡଷ୍ଟ୍ରି ଦୈନିକ ପ୍ରାୟ ୨,୩୦୦ କୋଟି ଟଙ୍କାର କ୍ଷତି ସହୁଥିଲା। ଏଥିପାଇଁ ଏ କ୍ଷେତ୍ରରେ ପ୍ରାୟ ୩.୪୫ ଲକ୍ଷ ଚାକିରି ହରାଇଛନ୍ତି। ଏହା ବ୍ୟତୀତ ୨୮୬ ଅଟୋ ଡିଲର ଦୋକାନ ପୂରା ବନ୍ଦ କରି ଦେଇଛନ୍ତି। ୨୦୨୦ର ପ୍ରଥମ ତ୍ରୈମାସିକ ଏପ୍ରିଲରୁ ଜୁନ୍ ମଧ୍ୟରେ ଓଡ଼ିଶାରେ ମୋଟରଯାନରୁ ରାଜସ୍ୱ ଆଦାୟ ୫୮% କମ୍ ହୋଇଯାଇଥିଲା। କାର୍ଯ୍ୟକାରୀ ପୁଞ୍ଜି ଅଟକି ରହିବାରୁ ମାର୍ଚ୍ଚରେ ବିଏସ୍-IVର ବିକ୍ରି ଆଶାନୁରୂପ ହୋଇ ନ ଥିଲା। ବିଏସ୍ -VI ମଡେଲର ଉତ୍ପାଦନ ଓ ଉପଲବ୍ଧତା ବିଳମ୍ବିତ ହେବାରୁ ବିକ୍ରି ଆହୁରି ହ୍ରାସ ପାଇଥିଲା। ବିଏସ୍ -VI ମୂଲ୍ୟ ବୃଦ୍ଧି ଯୋଗୁ ଏହାର ଚାହିଦା କମିଥିଲା। ଫଳରେ ଡିଲରମାନେ ପ୍ରଭାବିତ ହୋଇଥିଲେ।

**➜ଓଡ଼ିଶାର ଗ୍ରାହକଙ୍କ କ୍ରୟ ମନୋବୃତ୍ତି ଉପରେ ମତ?**

ଗ୍ରାହକଙ୍କ ଆଚରଣ ବଦଳିବାରେ ଲାଗିଛି। ସେମାନଙ୍କ କିଣିବା ନିଷ୍ପତ୍ତିରେ ଡିଜିଟାଲ ମିଡିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଲୋକେ କୌଣସି ଗାଡ଼ି କିଣିବା ପୂର୍ବରୁ ଅନ୍‌ଲାଇନ୍‌ରେ ଅନୁଧ୍ୟାନ କରୁଛନ୍ତି। ଏପରି କି ଛୋଟ ଛୋଟ ସହରରେ ବି ଏହା ଘଟୁଛି।

**➜ସେବା କ୍ଷେତ୍ରରେ ଉତ୍କଳ ହୁଣ୍ଡାଇର ଭିନ୍ନତା କ'ଣ ?**

ଆମ ଅଫର୍ ସବୁ ହୁଣ୍ଡାଇ ଗାଇଡ୍‌ଲାଇନ୍ ଆଧାରିତ। ଷ୍ଟକ୍ ଉପଲବ୍ଧତା ଓ ପ୍ରତିଯୋଗିତାରେ ପ୍ରଚଳିତ ସ୍କିମ୍ ଆଦି ଅନେକ ଦିଗକୁ ବିଚାର କରି ପ୍ରତିମାସରେ ବଦଳିଥାଏ।

**➜ଅଟୋମୋବାଇଲ ଶିଳ୍ପ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। ସହାୟତା ଲାଗି ସରକାର କି ପଦକ୍ଷେପ ନେବା ଉଚିତ?**

**ସ୍କ୍ରାପ୍ ନୀତି:** କେନ୍ଦ୍ର ସରକାର ସ୍କ୍ରାପେଜ ପଲିସି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଚାହିଦା ବଢ଼ିବ।

**ଉଚ୍ଚ ଟିକସ ବ୍ୟବସ୍ଥା:** ଅଟୋମୋବାଇଲ କ୍ଷେତ୍ରରେ ଅଭିବୃଦ୍ଧିରେ ଅନ୍ୟତମ ମୁଖ୍ୟ ବାଧକ ସାଜୁଛି ଆଫର୍ଡେବିଲିଟି। ବିଭିନ୍ନ କାରଣରୁ ଗାଡ଼ିର ମୂଲ୍ୟ ବୃଦ୍ଧି ଘଟୁଛି, ଯଥା- ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ନିର୍ଗମନ ମାନ ବୃଦ୍ଧି (ଭାରତ ଷ୍ଟେଜ୍-୬ ନିର୍ଗମନ, ନିୟମ), ୨୮% ଜିଏସ୍‌ଟି ଭଳି ଉଚ୍ଚ ଟିକସ ହାର, କାର୍ ଉପରେ ସେସ୍ ୩ ରୁ ୪୮% , ଟିସିଏସ୍- ୧%, ରାଜ୍ୟ ସଡ଼କ ଓ ପଞ୍ଜୀକରଣ ଟିକସ ଇତ୍ୟାଦି। ଏସବୁ କାରଣ ମିଶି ଦର ବୃଦ୍ଧି ହେଉଛି, ଯାହାର ସମାଧାନ ଲୋଡ଼ା।

**➜ନିଯୁକ୍ତି ସୃଷ୍ଟି ଓ ସରକାରୀ ରାଜସ୍ୱ ବୃଦ୍ଧି ଦିଗରେ ଅଟୋମୋବାଇଲ ଡିଲରଙ୍କ ବଡ଼ ଭୂମିକା ରହିଛି। ତେଣୁ ଆପଣ ରାଜ୍ୟ ସରକାରଙ୍କଠାରୁ କି ଆଶା ରଖନ୍ତି ?**

ଅଟୋମୋବାଇଲ କ୍ଷେତ୍ର ହେଉଛି ଦେଶର ଏକ ପ୍ରମୁଖ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ। ଏଥିରେ ପ୍ରାୟ ୩୭ ନିୟୁତ ଲୋକ ନିୟୋଜିତ। କିନ୍ତୁ ମହାମାରୀ ଯୋଗୁ ଏଥିରେ କେବଳ ବେକାରି ବଢ଼ିନାହାନ୍ତି, ବରଂ ଡିଲରଶିପ୍‌ର ସ୍ଥାୟିତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶିଳ୍ପର ଖର୍ଚ୍ଚ ପରିଚାଳନାରେ ରାଜ୍ୟ ସରକାରଙ୍କ ବଡ଼ ଭୂମିକା ଥାଏ। ସରକାରଙ୍କ ଟିକସ ବ୍ୟବସ୍ଥା ଅତି ଉଚ୍ଚରେ ରହିଛି। ପେଟ୍ରୋଲ ଟିକସ ଯୋଗୁ କାର୍ କିଣିବା କଷ୍ଟକର ହେଉଛି। କାର୍ କିଣିବା ସାମର୍ଥ୍ୟ ଏକପ୍ରକାର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଛି। ଏସବୁ କାରଣରୁ ଅଟୋମୋବାଇଲ ଶିଳ୍ପ ପ୍ରଭାବିତ ହେଉଛି। କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ସମେତ ଝାଡ଼ଖଣ୍ଡ, ଗୁଜରାଟ ଭଳି କିଛି ରାଜ୍ୟରେ ଜିଏସ୍‌ଟି ପୂର୍ବରୁ ରୋଡ୍ ଟ୍ୟାକ୍ସ ହିସାବ ହୁଏ। କିନ୍ତୁ ଓଡ଼ିଶାରେ ଏକ୍ସ ଶୋ' ରୁମ୍ ମୂଲ୍ୟ ଉପରେ ରୋଡ୍ ଟ୍ୟାକ୍ସ ହିସାବ ହୋଇଥାଏ। ଫଳରେ ଯାନ ମୂଲ୍ୟ ବଢ଼ିବା ଦ୍ୱାରା ଗ୍ରାହକଙ୍କ କ୍ରୟ କ୍ଷମତା ପ୍ରଭାବିତ ହେଉଛି। ବିକ୍ରିକୁ ଲକ୍ଷ୍ୟ କଲେ ରୋଡ୍ ଟ୍ୟାକ୍ସ ବଢ଼ାଇ ନ ଥିବା ରାଜ୍ୟଗୁଡ଼ିକରେ ଯାନ ବିକ୍ରି ଅଧିକ ରହିଥିଲା। ଆମ ସରକାର ଏ ଦିଗରେ ଧ୍ୟାନ ଦେବା ଉଚିତ।

**➜ଅଟୋମୋବାଇଲ୍ ଡିଲରଶିପ୍ ବ୍ୟବସାୟକୁ ଆସିବା ପାଇଁ କିଭଳି ପ୍ରେରଣା ପାଇଲେ ?**

ମୁଁ ଅଟୋମୋବାଇଲ ଶିଳ୍ପରେ ଜନ୍ମ ନେଇଛି ଏବଂ ବଢ଼ିଛି। ଏହି ବ୍ୟବସାୟ ମୋ ରକ୍ତରେ ଅଛି। ଏହାଛଡ଼ା ଏହି ଶିଳ୍ପରେ ବିଭିନ୍ନ ଭୂମିକା, ଜ୍ଞାନ ଓ ଅନୁଭୂତି ମତେ ଏ ବ୍ୟବସାୟକୁ ଆସିବାକୁ ପ୍ରେରିତ କରିଥିଲା।

## ସଂକ୍ଷେପରେ

### ଫ୍ୟୁଚର ଗ୍ରୁପ୍‌କୁ ଦିଲ୍ଲୀ ହାଇକୋର୍ଟଙ୍କ ଝଟକା

ନୂଆଦିଲ୍ଲୀ,୧୮।୩: କିଶୋର ବିୟାନୀଙ୍କ ପରିଚାଳିତ ଫ୍ୟୁଚର ଗ୍ରୁପକୁ ଦିଲ୍ଲୀ ହାଇକୋର୍ଟଙ୍କ ଝଟକା ଲାଗିଛି। କୋର୍ଟ ଗୁରୁବାର ସିଙ୍ଗାପୁରସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଦେଶକୁ କାୟମ ରଖିଛନ୍ତି। ଫଳରେ ଫ୍ୟୁଚର ଗ୍ରୁପ ରିଲାଏନ୍ସ ସହ ହୋଇଥିବା ଡିଲ୍‌ରେ ଆଗକୁ ବଢ଼ିପାରିବ ନାହିଁ। ଏହି ମାମଲାରେ କୋର୍ଟ ଡିଲ୍‌କୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ରଣୀ ଇ-କମର୍ସ କମ୍ପାନୀ ଆମାଜନର ନିବେଦନ ଆଧାରରେ ଏଭଳି ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ, ରିଲାଏନ୍ସ ସହ ଫ୍ୟୁଚର ଗ୍ରୁପ ୨୪,୭୧୩ କୋଟି ଟଙ୍କାର ଡିଲ୍ କରିଥିଲା। ଯାହା ଉପରେ କୋର୍ଟ ବର୍ତ୍ତମାନ ରୋକ ଲଗାଇଛନ୍ତି। ଫ୍ୟୁଚର ଗ୍ରୁପ ଜାଣିଶୁଣି ଆର୍ବିଟ୍ରେଶନ ଆଦେଶକୁ ଉଲ୍ଲଂଘନ କରିଥିବାରୁ ଆଗାମୀ ଦିନରେ ଡିଲ୍‌କୁ ନେଇ ଅଗ୍ରସର ନ ହେବାକୁ ଜଷ୍ଟିସ ଜେ.ଆର୍ ମିଧା କିଶୋର ବିୟାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପରବର୍ତ୍ତୀ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଫ୍ୟୁଚର ଗ୍ରୁପ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିପାରିବ ନାହିଁ। ପିଏମ୍ ରିଲିଫ ପାଣ୍ଠିରେ ୨୦ ଲକ୍ଷ ଟଙ୍କା ଜମା କରିବା ଲାଗି ମଧ୍ୟ ଫ୍ୟୁଚର ଗ୍ରୁପ ନିର୍ଦ୍ଦେଶକଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥରେ ବିପିଏଲ ଶ୍ରେଣୀର ବରିଷ୍ଠ ନାଗରିକଙ୍କ କୋଭିଡ ଟିକାକରଣ ହେବ ବୋଲି କୋର୍ଟ କହିଛନ୍ତି।

### ୩୧% ବୀମା ପଲିସି ମହିଳା କିଣୁଛନ୍ତି

ନୂଆଦିଲ୍ଲୀ,୧୮।୩: ଆଇଆର୍‌ଡିଏଆଇ ବାର୍ଷିକ ରିପୋର୍ଟ ୨୦୧୯-୨୦ ଅନୁସାରେ ଦେଶରେ ବିକ୍ରି ହେଉଥିବା ମୋଟ ପଲିସି ମଧ୍ୟରୁ ପ୍ରାୟ ୩୧% ମହିଳା କ୍ରୟ କରୁଛନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ ଅନୁଯାୟୀ ଗତ ୧୫ ବର୍ଷ ହେବ ଭାରତରେ ଅର୍ଥନୈତିକ ଲିଙ୍ଗଗତ ବିଭେଦତା ହ୍ରାସ ପାଇବାରେ ଲାଗିଛି। ଏହି ର୍‍ୟାଙ୍କରେ ଭାରତର ସ୍ଥାନ ୧୪୯ତମ ରହିଛି। ଦେଶର ମୋଟ ଜନସଂଖ୍ୟାରେ ୪୯% ମହିଳା ହୋଇଥିଲେ ମଧ୍ୟ କର୍ମକ୍ଷେତ୍ରରେ ସେମାନଙ୍କ ଯୋଗଦାନ ନଗଣ୍ୟ ରହିଛି। ମହିଳାଙ୍କୁ କର୍ମକ୍ଷେତ୍ରରେ ସାମିଲ କରିବା ଲାଗି ବୀମା ଶିଳ୍ପ ବେଶ୍ ଉତ୍ସାହିତ ଏବଂ ସହଯୋଗ ପ୍ରଦାନ କରୁଛି। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ବୀମା ଶିଳ୍ପରେ ୬.୧୫ଲକ୍ଷ ମହିଳା ଏଜେଣ୍ଟ କାମ କରୁଥିଲେ। ବ୍ୟକ୍ତିଗତ ଏଜେନ୍ସି ଶ୍ରମ ଶକ୍ତିରେ ସେମାନଙ୍କ ଅବଦାନ ହେଉଛି ୨୭%। କନିଷ୍ଠଠାରୁ ଆରମ୍ଭକରି ବରିଷ୍ଠ ଯାଏ ବିଭିନ୍ନ ସ୍ତରରେ ମହିଳାମାନେ କାମ କରୁଛନ୍ତି। ଏ କ୍ଷେତ୍ରରେ ମହିଳାମାନେ ଉତ୍କର୍ଷ ହାସଲ କରୁଥିବା ଏସ୍‌ବିଆଇ ଲାଇଫ ଇନ୍ସ୍ୟୁରାନ୍ସର ଇଭିପି ସୀମା ତ୍ରିକନ୍ନଡ କହିଛନ୍ତି।

# ସ୍କ୍ରାପେଜ ନୀତି ଘୋଷଣା କଲେ ଗଡ୍‌କରୀ

ନୂଆଦିଲ୍ଲୀ,୧୮।୩



କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ ନିତିନ ଗଡକରୀ ବହୁ ପ୍ରତୀକ୍ଷିତ ଭେଇକିଲ ସ୍କ୍ରାପେଜ ନୀତି ସମ୍ପର୍କରେ ଲୋକସଭାରେ ଘୋଷଣା କରିଛନ୍ତି। ପୁରୁଣା ଯାନଗୁଡ଼ିକୁ ବାଦ ଦେବା ଦ୍ୱାରା ୱିନ୍-ୱିନ୍ ସ୍ଥିତି ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଗଡକରି କହିଛନ୍ତି, ପୁରୁଣା ଗାଡି ହଟାଇ ନୂଆ କ୍ରୟରେ ଯାନ ପଞ୍ଜୀକରଣ ଏବଂ ରୋଡ ଟିକସ ଉପରେ ରାଜ୍ୟ ରିହାତି ଘୋଷଣା କରିପାରନ୍ତି। ଫିଟ୍‌ନେସ ପରିକ୍ଷାରେ କୌଣସି ଯାନ ବିଫଳ ହେଲେ କିମ୍ବା ପଞ୍ଜୀକରଣ ନବୀକରଣ ପ୍ରମାଣ ପତ୍ର ପାଇବାକୁ ବିଫଳ ହେଲେ ଏହା ଗାଡିର ଜୀବନକାଳ ଶେଷ ବୋଲି ଘୋଷଣା କରାଯିବ। ପୁରୁଣା ଏବଂ ତ୍ରୁଟିପୂର୍ଣ୍ଣ ଯାନଗୁଡିକରୁ ହେଉଥିବା ପ୍ରଦୂଷଣକୁ ହ୍ରାସ କରିବା ଏବଂ ସଡକ ନିରାପତ୍ତାକୁ ଉନ୍ନତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ସେ ମତ ପ୍ରକାଶ କରିଛନ୍ତି।

ଏହାବାଦ ଇନ୍ଧନ ଦକ୍ଷତା, ସ୍କ୍ରାପେଜ ଶିଳ୍ପକୁ ସଙ୍ଗଠିତ କରିବା, ଅଟୋମୋଟିଭ, ଷ୍ଟିଲ ଏବଂ ଇଲେକଟ୍ରୋନିକ୍ସ କ୍ଷେତ୍ର ଲାଗି ସ୍ୱଳ୍ପ ମୂଲ୍ୟରେ କଞ୍ଚାମାଲ ଉପଲବ୍ଧ କରାଇବା ଦିଗରେ ଏହା ସହାୟତା କରିବ। ଆଗାମୀ ୫ ବର୍ଷରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଅଟୋମୋଟିଭ ହବ୍ ଭାବେ ବିକଶିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା କିଛି ସପ୍ତାହ ମଧ୍ୟରେ ସଡକ ଏବଂ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଅଂଶୀଦାରଙ୍କ ମତାମତ ଲାଗି ଡ୍ରାଫ୍ଟ ନୋଟିଫିକେଶନ ଜାରି କରାଯିବ। ସୂଚନା ମୁତାବକ, ବଜାରେ ବଜାରରେ ୫୧ ଲକ୍ଷ ହାଲକା ମୋଟର ଯାନ ୨୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା, ୩୪ ଲକ୍ଷରୁ ଉର୍ଦ୍ଧ୍ୱ ୧୫ ବର୍ଷ ପୁରୁଣା, ୧୭ ଲକ୍ଷ ମଧ୍ୟମ ଏବଂ ଭାରି ବାଣିଜ୍ୟିକ ଯାନ ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା(ଫିଟନେସ ପ୍ରମାଣପତ୍ର ନଥିବା) ରହିଛି।

**ସ୍କ୍ରାପେଜ ନୀତିର ବୈଶିଷ୍ଟ୍ୟ**

♦ ପୁରୁଣା କାରକୁ ବାଦ ଦେଇ ଯେଉଁମାନେ ନୂଆ କାର କିଣିବେ ସେମାନଙ୍କୁ ୫% ରିହାତି ମିଳିପାରିବ।

♦ ସ୍କ୍ରାପିଂ ସେଣ୍ଟରଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଉଥିବା ପୁରୁଣା ଯାନର ସ୍କ୍ରାପ ମୂଲ୍ୟ ନୂଆ ଯାନର ଏକ୍ସଶୋ'ରୁମ ମୂଲ୍ୟର ପ୍ରାୟ ୪-୬% ରହିବ।

♦ବ୍ୟକ୍ତିଗତ ଯାନ ଉପରେ ୨୫% ପର୍ଯ୍ୟନ୍ତ ଏବଂ ବାଣିଜ୍ୟିକ ଯାନ ଏବଂ ୧୫% ରୋଡ ଟିକସ ଛାଡ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇପାରେ।

♦ସ୍କ୍ରାପିଂ ପ୍ରମାଣପତ୍ରରେ ନୂଆ ଯାନ କିଣିଲେ ପଞ୍ଜୀକରଣ ଫି ଛାଡ ହୋଇପାରେ।

♦ବ୍ୟକ୍ତିଗତ ଏବଂ ବାଣିଜ୍ୟିକ ଯାନଗୁଡିକ ଲାଗି ଆର୍‌ସି ଏବଂ ଫିଟନେସ ପ୍ରମାଣପତ୍ର ନବୀକରଣ ଦେୟ ବୃଦ୍ଧି। ନବୀକରଣ ପ୍ରମାଣପତ୍ର ବିଳମ୍ବ ହେଲେ ଅତିରିକ୍ତ ଜରିମାନା ଦେବାକୁ ପଡିବ।

♦ରାଜ୍ୟ ସ୍ତରରେ ପୁରୁଣା ଯାନ ଉପରେ ଅତିରିକ୍ତ ଗ୍ରୀନ ଟାକ୍ସ

♦ବାଧ୍ୟତାମୂଳକ ଅଟୋମେଟେଡ ଫିଟନେସ ଟେଷ୍ଟ, ବିଫଳ ହେଲେ ପଞ୍ଜୀକରଣ ବାତିଲ

♦ସ୍କ୍ରାପ ପରେ ନୂଆ ଯାନ କ୍ରୟରେ ରୋଡ ଟାକ୍ସ ରିହାତି, ଯାନ ନିର୍ମାତା ୫% ରିହାତି ଦେବେ

♦ଗାଡି ସ୍କ୍ରାପ କରାଇଲେ ଯାନ ମାଲିକଙ୍କୁ ଉଚ୍ଚ ମୂଲ୍ୟ ପ୍ରଦାନ କରାଯିବ

♦ଯେକୌଣସି ସ୍ଥାନରେ ଗାଡି ପଞ୍ଜୀକରଣ ହୋଇଥିଲେ ମଧ୍ୟ କୌଣସି ସେଣ୍ଟରରେ ଗାଡି ସ୍କ୍ରାପ କରାଇହେବ

♦ବାହାନ ଡାଟାବେସ ବ୍ୟବହାର କରି ସ୍କ୍ରାପିଂ ସେଣ୍ଟର ରେକର୍ଡ ରଖିବେ,ଓନରଶିପ ଯାଞ୍ଚ ହେବ

♦ଚୋରା ଯାନଗୁଡିକୁ ସ୍କ୍ରାପିଂ ସେଣ୍ଟର ସ୍କ୍ରାପ କରିବେ ନାହିଁ

♦ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯାନ ସିଧା ସଳଖ ସ୍କ୍ରାପ କରାଯାଇପାରିବ। ୧୫ ବର୍ଷରୁ ଉର୍ଦ୍ଧ୍ୱ ସରକାରୀ ପିଏସ୍‌ୟୁ ଯାନ, ନିଆଁ, ଦଙ୍ଗା ଏବଂ ଅନ୍ୟ କାରଣ ପାଇଁ ଖରାପ ହୋଇଥିବା ଗାଡି, ମାନୁଫାକ୍‌ଚରଙ୍କ ଦ୍ୱାରା ଖରାପ ହୋଇଥିବା ଯାନ, ପ୍ରବର୍ତ୍ତନ ଏଜେନ୍ସି ଦ୍ୱାରା ଜବତ ହୋଇଥିବା ଯାନ

**ପ୍ରସ୍ତାବିତ ନିୟମ ଲାଗୁ ହେବାର ସମୟ ସୀମା**

♦ଫିଟନେସ ଟେଷ୍ଟ ଏବଂ ସ୍କ୍ରାପିଂ ସେଣ୍ଟର ଲାଗି ନିୟମ ୨୦୨୧ ଅକ୍ଟୋବର ପହିଲା ସୁଦ୍ଧା ଲାଗୁ ହେବ

♦୨୦୨୨ ଏପ୍ରିଲ ପହିଲାରୁ ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ସରକାରୀ ଏବଂ ପିଏସ୍‌ୟୁ ଯାନ ସ୍କ୍ରାପିଂ ଆରମ୍ଭ କରାଯିବ

♦୨୦୨୩ ଏପ୍ରିଲ ୧ରୁ ଭାରି ବାଣିଜ୍ୟିକ ଯାନଗୁଡିକ ଲାଗି ବାଧ୍ୟତାମୂଳକ ଫିଟନେସ ଟେଷ୍ଟ

♦୨୦୨୪ ଜୁନ ପହିଲାରୁ ଅନ୍ୟ ବର୍ଗର ଯାନଗୁଡିକ ଲାଗି ପର୍ଯ୍ୟାୟ ଭିତ୍ତିରେ ବାଧ୍ୟତାମୂଳକ ଫିଟନେସ ଟେଷ୍ଟ

# ଫ୍ରିଡମ୍ ଅଏଲରେ ଅଫର

ବାଙ୍ଗାଲୋର,୧୮।୩




ଫ୍ରିଡମ ହେଲ୍‌ଦି କୁକିଂ ଅଏଲ୍ସ ପକ୍ଷରୁ ନୂଆ ଫ୍ରିଡମ ଲାଇଟ ଏବଂ ହ୍ୱାଇଟ ପ୍ରମୋଶନାଲ ଅଫର ଘୋଷଣା କରାଯାଇଛି। କମ୍ପାନୀର ଟାମ୍ପର ପ୍ରୁଫ୍ କ୍ୟାପ୍ ରହିଥିବା ୫ ଲିଟର ବିଶିଷ୍ଟ ରିଫାଇନ ସନ୍‌ଫ୍ଲାୱାର ଅଏଲ କିଣିଲେ ଗ୍ରାହକ ୫୦ ଟଙ୍କା ମୂଲ୍ୟର ଏକ ଭିକୋ ବଜ୍ରଦନ୍ତୀ ଟୁଥ୍ ପେଷ୍ଟ ଲାଭ କରିପାରିବେ। କମ୍ପାନୀର ଏହି ପ୍ରଡକ୍ଟରେ ଭିଟାମିନ ଏ ଏବଂ ଡି ରହିଛି। ସେହିଭଳି ଭିଟାମିନ ଇ ରହିଥିବା ଏହି ଅଏଲରେ ସନ୍‌ଫ୍ଲାୱାର ଅଏଲ ବର୍ଗରେ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ କମ୍ପାନୀ ବଜାର ଅଂଶରେ ୧ ନମ୍ବର ସ୍ଥାନରେ ରହିଛି। ନୂଆ କ୍ୟାମ୍ପେନକୁ ଆରମ୍ଭ କରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ବିକ୍ରି ଏବଂ ମାର୍କେଟିଂ ଉପସଭାପତି ପି.ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି। ଏହା ଏକ ଲିମିଟେଡ୍ ଷ୍ଟକ୍ ଅଫର। ଏକ ଷ୍ଟେଟ ଅଫ୍ ଆର୍ଟ ପ୍ଲାଣ୍ଟରେ ଏହି ଅଏଲ ପ୍ରସ୍ତୁତ କରାଯାଉଛି। ୧୦୦ ପିରିୟଡିକ ଏବଂ ୨୪ ବ୍ୟାଚ୍ ଲେଭଲ କ୍ୱାଲିଟି ଚେକ୍ କରାଯାଉଛି। ଗୁଣବତ୍ତାର ପ୍ରତିଶ୍ରୁତି ଏବଂ ବିଶ୍ୱାସ ବଜାୟ ରଖିବା ଦିଗରେ ନିରନ୍ତର ଉଦ୍ୟମ ହେଉଥିବା ସେ ମତ ପ୍ରକାଶ କରିଛନ୍ତି।

# ୧୫ ଲକ୍ଷଙ୍କୁ ପ୍ରଶିକ୍ଷଣ ଦେଲା ମାରୁତି

ନୂଆଦିଲ୍ଲୀ,୧୮।୩

ଦେଶର ପ୍ରମୁଖ ସଙ୍ଗଠିତ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ମାରୁତି ସୁଜୁକି ଡ୍ରାଇଭିଂ ସ୍କୁଲ ସୁରକ୍ଷିତ ଡ୍ରାଇଭିଂକୁ ପ୍ରାଥମିକତା ଦେଉଛି। ଏହା ସଫଳତାର ସହ ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିସାରିଛି। ଭାରତୀୟ ସଡ଼କକୁ ସୁରକ୍ଷିତ କରିବାର ମୂଳ ପ୍ରୟାସ ସହିତ ଏହା ଆରମ୍ଭ କରାଯାଇଥିଲା। ଏଠାରେ ଅତ୍ୟାଧୁନିକ ପ୍ରଶିକ୍ଷଣ ପଦ୍ଧତି ମାଧ୍ୟମରେ କ୍ରମାଗତ ଭାବେ ନୂତନ ବେଞ୍ଚମାର୍କ ସ୍ଥିର କରାଯାଇଛି। ଯେଉଁଥିରେ ଷ୍ଟେଟ ଅଫ୍ ଆର୍ଟ ଡ୍ରାଇଭିଂ ଷ୍ଟିମୁଲେଟର ଏବଂ ଯତ୍ନର ସହିତ ଡିଜାଇନ କରାଯାଇଥିବା ପ୍ରାକ୍ଟିକାଲ ଏବଂ ଥିଓରିଟିକାଲ ପାଠ୍ୟକ୍ରମ ରହିଛି। ଲୋକଙ୍କୁ ବେଷ୍ଟ ଇନ୍ କ୍ଲାସ୍ ଡ୍ରାଇଭିଂ ପ୍ରଶିକ୍ଷଣ ପ୍ରଦାନ କରିବା ଲକ୍ଷ୍ୟନେଇ ଏଭଳି ପଦକ୍ଷେପ ଆରମ୍ଭ କରାଯାଇଛି ବୋଲି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି। ସାରା ଦେଶରେ ୨୮୩ଟି ସହର ୪୯୨ରୁ ଅଧିକ ପ୍ରଶିକ୍ଷଣ କେନ୍ଦ୍ର ପେସାଦାର ଡ୍ରାଇଭିଂ ଶୃଙ୍ଖଳରେ ପରିବର୍ତ୍ତନ ହୋଇଛି। ଏହି ନେଟ୍‌ୱର୍କରେ ୧୪୦୦ ଜଣ ସାର୍ଟିଫାଏଡ୍ ଓ କ୍ୱାଲିଫାଏଡ୍ ପ୍ରଶିକ୍ଷକ ରହିଛନ୍ତି। ଲୋକଙ୍କୁ ୩୬୦ ଡିଗ୍ରୀ ଜ୍ଞାନ ସହିତ ସୁରକ୍ଷିତ ଡ୍ରାଇଭିଂ କୌଶଳ ପ୍ରଦାନ କରି ଆବେଦନକାରୀଙ୍କ ମଧ୍ୟରେ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ଆଚରଣ ସୃଷ୍ଟି କରିବା ଲକ୍ଷ୍ୟ ବୋଲି ସେ ମତ ରଖିଛନ୍ତି।



ସାହାରା ଇଣ୍ଡିଆ ପରିବାରର ଅଧ୍ୟକ୍ଷ ସାହାରା ଶ୍ରୀ ସୁବ୍ରତ ରଏ ସାହାରା ଲକ୍ଷ୍ନୌଠାରେ କରୋନା ଟିକାର ପ୍ରଥମ ଡୋଜ୍ ଗ୍ରହଣ କରିଛନ୍ତି। ସାରା ଦେଶରେ ସମସ୍ତେ ଟିକା ଗ୍ରହଣ କରି କରୋନା ବିରୋଧରେ ଜାରି ରହିଥିବା ବିଶ୍ୱସ୍ତରୀୟ ଲଢ଼େଇରେ ସାମିଲ ହେବାକୁ ନିବେଦନ କରିଛନ୍ତି।

### କର୍ମଚାରୀଙ୍କ ଭାକ୍ସିନ ଖର୍ଚ୍ଚ ବହନ କରିବ ଜେଏସ୍‌ଏଲ୍

ଭୁବନେଶ୍ୱର,୧୮।୩: ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ କର୍ମଚାରୀଙ୍କ କୋଭିଡ୍ ଭାକ୍ସିନ ଖର୍ଚ୍ଚ ବହନ କରିବ ବୋଲି ଘୋଷଣା କରିଛି। ଏହି ପ୍ରୟାସ ଅଧୀନରେ କମ୍ପାନୀ ସାରା ଦେଶରେ ରହିଥିବା ଏହାର ୩୫ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ, ନିଯୁକ୍ତିଭିତ୍ତିକ ଶ୍ରମିକ, ରିଟେନର ଓ ସେମାନଙ୍କ ନିକଟତମ ପରିବାର ସଦସ୍ୟଙ୍କୁ ଟିକାକରଣ କରିବାର ଯୋଜନା ରଖିଛି। କର୍ମଚାରୀ ଏବଂ ସେମାନଙ୍କ ପରିବାରର ନିରାପତ୍ତାକୁ ପ୍ରାଥମିକତା ଦେଉଥିବା କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଏସ୍.କେ.ଜୈନ ସୂଚନା ଦେଇଛନ୍ତି। କର୍ମଚାରୀଙ୍କ ପ୍ରୟାସକୁ ସ୍ୱୀକୃତି ଜଣାଇବା ଏକ ପ୍ରୟାସ ମାତ୍ର।

# ଭିନ୍ନକ୍ଷମ ଶସକ୍ତୀକରଣ କ୍ଷେତ୍ରରେ ଇମ୍ପାକ୍ଟର ପ୍ରୟାସ

ଭୁବନେଶ୍ୱର,୧୮।୩

ଭିନ୍ନକ୍ଷମ ଶସକ୍ତୀକରଣ କ୍ଷେତ୍ରରେ ଇଣ୍ଡିଆନ ମେଟାଲ୍ସ ଏବଂ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ(ଇମ୍ପାକ୍ଟ) ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ହାତକୁ ନିଆଯାଇଛି।



ସ୍ୱାଭିମାନ ସହଭାଗିତାରେ ଇମ୍ପାର ଏହି ଚାରିଟେବୁଲ ଶାଖା ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତର ଭିନ୍ନକ୍ଷମଙ୍କୁ ଷ୍ଟାଣ୍ଡିଂ ହୁଇଲଚେୟାର ଏବଂ ଲାପ୍‌ଟପ୍ ପ୍ରଦାନ କରାଯାଇଛି। ଇମ୍ପା ବିଲ୍ଡିଂର ଏଜିଏମ୍ ହଲ୍‌ଠାରେ ଆୟୋଜିତ ନିରାଡମ୍ବର କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା, ସ୍ୱାଭିମାନର ପ୍ରତିଷ୍ଠାତା ଡ.ଶ୍ରୁତି ମହାପାତ୍ର ଯୋଗଦେଇ ଭିନ୍ନକ୍ଷମଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଇମ୍ପା କର୍ପୋରେଟ ଆଫାୟାର୍ସ ବିଭାଗ ମୁଖ୍ୟ କିଶୋର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।


**PARADIP PORT TRUST**

**E-TENDER CALL NOTICE**

Name of the work : **"Allotment of 08(Eight) nos. of Mechanical Iron Ore / Iron Ore Pellet plots at IOHP".** License Fee : **Rs.2,78,22,630/-** , Wharfage Charge : **Rs.15,20,430/-** . Last Date & time of submission of bid : **23.03.2021 upto 1700 Hrs.** Date and time of opening : **24.03.2021 upto 1600 Hrs.** Refer our website for details **https://eprocure.gov.in/eprocure/app.**

**Sr. Asst. Traffic Manager**

**PPT/PR/445/20-21, Dt.18.03.2021**

**ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର**

**ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା 1499 ତାରିଖ 18.3.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୧-୨୨ ଆର୍ଥିକବର୍ଷଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା- ବିଜ୍ଞାପନ ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ, ତାରିଖ ଓ ସ୍ଥାନ ଆଦି www.subarnapur.nic.inରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣକରି ତତ୍‌ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନକରି ଜଉମୁଦା ଲଫାପାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକ ଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

**ସ୍ୱା./-ତହସିଲଦାର, ସୋନପୁର**

**MCL** **ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍**

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସବ୍‌ସିଡିଆରି)

ଜାଗୃତି ବିହାର, ବୁର୍ଲା - ୭୬୮୦୨୦, ଜିଲ୍ଲା - ସମ୍ବଲପୁର, ଓଡ଼ିଶା

ଟେଲ୍ (ଇପିଏବିଏକ୍ସ) ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

ଏମସିଏଲ/ ଅନ୍ୟାନ୍ୟ ସହାୟକ ସଂସ୍ଥା (ଯେଉଁମାନେ ଏମସିଏଲ ପାଇଁ ବାଛିଛନ୍ତି)ର ସମସ୍ତ ଅବସରପ୍ରାପ୍ତ ନିର୍ବାହୀ ବା ସେମାନଙ୍କ ପତି/ପତ୍ନୀ (ଅବସରପ୍ରାପ୍ତ ନିର୍ବାହୀ ଙ୍କ ମୃତ୍ୟୁକ୍ଷେତ୍ରରେ) ଓ ଯେଉଁମାନେ ସିପିଆରଏମଏସଇର ସଦସ୍ୟ ଅଟନ୍ତି ସେମାନେ ଏମସିଏଲ ୱେବସାଇଟରେ ଦିଆଯାଇଥିବା ଫର୍ମଟିକୁ ପୂରଣ କରି ତା ୧୫.୦୪.୨୦୨୧ରିଖ ପର୍ଯ୍ୟନ୍ତ ଶ୍ରୀ ଏସ.କେ. ଶତପଥୀ, ନୋଡାଲ ଅଧିକାରୀ (ସିପିଆରଏମଏସଇ), ଏମସିଏଲ ମୁଖ୍ୟ କାର୍ଯ୍ୟାଳୟ, ସା./ପୋ.: ଜାଗୃତି ବିହାର, ବୁର୍ଲା, ସମ୍ବଲପୁର-୭୬୮୦୨୦ (ଓଡ଼ିଶା)କୁ ପଠାଇବା ପାଇଁ ବା ମେଲ ଜରିଆରେ ଇମେଲ ଆଇଡି: mclcprmse@gmail.com ରେ କିମ୍ବା ମୋବାଇଲ ନଂ ୯୪୩୮୪୯୩୩୯୧ରେ ହ୍ୱାଟସଆପ କରିବାକୁ ଅନୁରୋଧ କରାଯାଉଛି। ଏହି ଫର୍ମ www.mahanadicoal.in ଏମସିଏଲ ଅର୍ପଣ-ସିପିଆରଏମଏସଇ ସ୍ମାର୍ଟ କାର୍ଡ-ଲିଙ୍କରେ ଉପଲବ୍ଧ ହେବ। ଏହା ସିଆଇଏଲ ପୋର୍ଟାଲରେ ସିପିଆରଏମଏସଇ ଡାଟାର ଅନବୋର୍ଡ ଓ ପରବର୍ତ୍ତି ଜୀବନ ପ୍ରମାଣ ପୋର୍ଟାଲ ଜରିଆରେ ଜୀବନ ପ୍ରମାଣ ପତ୍ର ପାଇଁ ଆବଶ୍ୟକ।

**R-5040**

**ODISHA HYDRO POWER CORPORATION LTD**

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

**OHPC** **OFFICE OF THE SR. GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA

At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)

WEB: www.ohpcltd.com ☎ (0663) 2460661,

No. CAD-1572 Email-hpschiplima@yahoo.in, Fax No. (0663) 2460505

No.-CHEP/TW-219 (Vol.-II)/882 Date: 17.03.2021

**'e'-Procurement Notice**

**TENDER CALL NOTICE NO.-CHEP-41/2020-21**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt / MES / Railway for execution of civil works.

| Sl. No | Name of the Work | Estimated cost / E.M.D. in Rs. | Cost of tender specification | Period of Contract |
|---|---|---|---|---|
| 1 | Annual Up-keeping & Cleaning of different areas of Non-Residential Buildings of CHEP, Chiplima (Outside of PH) | Rs.8,04,655/- EMD = Rs.8,050/- | Rs.4,720.00 (Rs.4,000.00 + GST@18%) | 1 Year |
| 2 | Annual Up-keeping & Cleaning of Residential Colony of CHEP, Chiplima | Rs.5,07,385/- EMD = Rs.5,100/- | Rs.4,720.00 (Rs.4,000.00 + GST@18%) | 1 Year |

1. Availability of bids **ONLINE**: **from 11:00 AM of dtd.23.03.2021 up to 05:30 PM of dtd.05.04.2021.**
2. The date & time of opening of tender:
**At 11:30 AM of dtd.06.04.2021 for Sl. No.1.**
**At 12:00 Noon of dtd.06.04.2021 for Sl. No.2.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. **Sd/- Unit Head, CHEP, Chiplima**

**OIPR-04006/11/0035/2021**

**ODISHA CONSTRUCTION CORPORATION LTD.**

(A Government of Odisha Undertaking)

Regd. Office: UNIT - VIII, Gopabandhu Nagar, Bhubaneswar

E-mail: theoccltd@odishaconstruction.com, GSTIN - 21AAACO2571K2ZM

**ADDENDUM**

**ADVERTISEMENT FOR RECRUITMENT OF CLERK (CONTRACT)**

In continuation to the Advertisement **dtd. 06.10.2020** for recruitment of **9 Nos. of Clerk (Contract)** on contractual basis in OCC Ltd., the upper age limit of 32 years is relaxable by 3 (three) years and 5 (five) years for SCBC and Women candidates respectively, in accordance with the Orissa Civil Services Rules (Fixation of Upper Age Limit) Rules, 1989. Thus, eligible applicants with respect to such criteria may apply by 31.03.2021.

Application duly filled in and signed by the candidate in the prescribed format available in OCCL website: **www.odishaconstruction.com** along with with self-attested copies of Certificates/ Testimonials in support of Clerk (Contract)" should reach by post only to the Managing Director, OCC Ltd., Unit-VIII, Gopabandhu Nagar, Bhubaneswar, 751012 by **05:00 P.M. of 31.03.2021** positively.

Details of advertisement and prescribed application format are available in the OCCL website: **www.odishaconstruction.com.**

**Sd/-**
**Managing Director**

**State Health Assurance Society, Odisha**

**Deptt. of Health & Family Welfare, Govt. of Odisha**

**Bhubaneswar-751007, District-Khordha (Odisha)**

**Phone No.-0674-2620500, Email ID, snaodisha@gmail.com**

**Tender for Selection of Service Provider Agency for Engagement of Swasthya Mitra under State Health Assurance Society**

**Adv. No.: 03/2021** **Date: 19.03.2021**

Sealed tenders are invited from eligible bidders for Selection of Service Provider Agency for Engagement of Swasthya Mitra under State Health Assurance Society. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 22.03.2021 at 11.00 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 09.04.2021 by 3:00 PM. The technical bid shall be opened on 09.04.2021 at 03.30 PM.

The undersigned reserves the right to reject any or all the tenders or cancel the tender without assigning any reason thereof.

**Sd/-**
**Chief Executive Officer,**
**State Health Assurance Society, Odisha.**

**No. E-637** **OIPR-10001/11/0040/2021**

**THE BOLANGIR-KALAHANDI-NUAPADA REGIONAL CO-OPERATIVE MILK PRODUCERS' UNION LTD.**

**Inside Veterinary Hospital Campus, Hatisalpada, Bolangir**
**Dist.- Bolangir - 767001 (Odisha), Tel.: 06652-230334**
**E-mail: omfedbknmul@yahoo.com**
**Website: www.bknmilkunion.com**

**TENDER NOTICE FOR PURCHASE OF MILKING MACHINE & HOT WATER GEYSER**

Sealed tenders in separate envelopes i.e. Technical & Financial are invited from the Manufacturers/Authorised Distributors for supply of Milking Machine & Hot Water Geyser for the period of 24 months from the date of finalization of tender. The tender documents shall be downloaded at BKN Co-op. Milk Union Office website mentioned below on payment of Rs.1120.00(Rupees One Thousand + GST 12%) only in form of DD in favour of Bolangir-Kalahandi-Nuapada Regional Co-operative Milk Producers Union Ltd. payable at Bolangir from 19.03.2021 to 08.04.2021. In such cases, the cost of tender paper Rs.1120/- i.e. (Rs.1000 + 12% GST) in shape of Demand Draft must be accompanied with Technical Bid of the tender which shall be received upto 1 P.M. on Dtd.08.04.2021 and shall be opened on the same day i.e. 08.04.2021 at 3 P.M. (Tech. Bid) and 09.04.2021 at 3 P.M. (Price Bid) at BKN Milk Union Head Office in presence of Bidders. Any addendum, corrigendum or update shall be posted only on BKN website. BKN reserves the right to cancel any or all the offers without assigning any reason thereof. For details please visit our website **www.bknmilkunion.com**.

**Sd./- General Manager**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**

FORM NO. ITCP-1

**NOTICE OF DEMAND TO THE CERTIFICATE DEBTORS**

(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)

**R.P. No. 15/2019/CTC**
**(Arising out of OA No. 328 of 2016)**

**Next Date: 19.04.2021**

**State Bank of India, SARB Branch, Cuttack, Link Road, Madhupatana** **...Certificate Holder Bank**

**Vs.**

**Manoranjan Mohapatra** **...Certificate Debtors**

**To**

1. **Manoranjan Mohapatra,** At/Po: Badabhurudala, Athagarh, Cuttack.

Take notice that Certificate arising out of **OA No. 328 of 2016** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.24,95,045.93 (Rupees Twenty Four Lac Ninety Five Thousand Forty Five and Paise Ninety Three Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | : | **Rs. 24,95,045.93** |
| 2. Cost allowed | (+) | : | **Rs. 27,000.00** |
| 3. Interest @10% p.a. with yearly rests from **11.04.2016 to 12.06.2019** | | : | **Rs. 7,91,578.27** |
| **Total** | | : | **Rs. 33,13,624.20** |

(**Rupees Thirty Three Lac Thirteen Thousand Six Hundred Twenty Four and Paise Twenty Only)** with of Interest @10% p.a. with yearly rests on the amount due from 13.06.2019 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.

Given under my hand & seal at Cuttack on this **3rd day of March, 2021.**

**Sd/- (R.P. Patnaik)**
**Recovery Officer**

# ଦ୍ୱୈତ ସଫଳତା

**ଜଣାଶୁଣା ଫୁଟ୍‌ବଲ କ୍ଲବ ମୁମ୍ବାଇ ସିଟି ଏଫ୍‌ସି ଦ୍ୱୈତ ସଫଳତା ହାସଲ କରିଛି। ଦେଶର ଶ୍ରେଷ୍ଠ ଫୁଟ୍‌ବଲ ଲିଗ୍ ବିବେଚିତ ହେଉଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ସପ୍ତମ ସଂସ୍କରଣରେ ମୁମ୍ବାଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବା ସହ ଲିଗ୍ ୱିନର୍ସ ଶିଲ୍ଡ ମଧ୍ୟ ହାସଲ କରିଥିଲା...**

ମୁମ୍ବାଇ ସିଟି ଏଫ୍‌ସି ପ୍ରଥମଥର ପାଇଁ ଏକ ବଡ଼ ଧରଣର ସଫଳତା ହାସଲ କରିଛି। ସଦ୍ୟ ସମାପ୍ତ ଆଇଏସ୍‌ଏଲ୍‌ରେ ମୁମ୍ବାଇ ୨-୧ ଗୋଲରେ ଏଟିକେ ମୋହନ ବାଗାନ (ଏଟିକେଏମ୍‌ବି)କୁ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। କୋଚ୍ ସର୍ଗିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ସାରା ସିଜନରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଅନ୍ୟ କ୍ଲବଗୁଡ଼ିକୁ ପଛରେ ପକାଇଥିଲା। ଫାଇନାଲ ମ୍ୟାଚ୍‌ରେ ଷ୍ଟ୍ରାଇକର ବିପିନ ସିଂ ଆରମ୍ଭ ହୋଇଥିଲା। ଲିଗ୍ ପର୍ଯ୍ୟାୟ ଶେଷରେ ମୁମ୍ବାଇ ୨୦ଟି ମ୍ୟାଚ୍ ଖେଳି ୧୨ଟି ବିଜୟ, ୪ଟି ଲେଖାଏ ଡ୍ର ଓ ପରାଜୟ ସହ ୪୦ ପଏଣ୍ଟ ହାସଲ କରି ଶୀର୍ଷରେ ରହିଥିଲା। ଏଟିକେଏମ୍‌ବି ମଧ୍ୟ ସମାନ ୪୦ ପଏଣ୍ଟ ହାସଲ କରିଥିଲା। ତେବେ ଗୋଲ ବ୍ୟବଧାନରେ ପଛରେ ରହିବାରୁ ମୁମ୍ବାଇ ଲିଗ୍ ପର୍ଯ୍ୟାୟରେ ଶୀର୍ଷରେ ରହିଥିଲା। ଏଟିକେଏମ୍‌ବି ରନର୍ସଅପ୍ ବିବେଚିତ ହୋଇଥିବା ବେଳେ ନର୍ଥଇଷ୍ଟ ୟୁନାଇଟେଡ ଓ ଏଫ୍‌ସି ଗୋଆ ସେମିଫାଇନାଲରେ



ଆଇଏସ୍‌ଏଲ୍ ଟ୍ରଫି ସହ ମୁମ୍ବାଇ ସିଟି ଏଫ୍‌ସି ଗୋଲକିପର ତଥା ଅଧିନାୟକ ଅମରିନ୍ଦର ସିଂ

ନିର୍ଣ୍ଣାୟକ ଗୋଲ ଦେଇ ମୁମ୍ବାଇକୁ ବିଜୟୀ କରାଇଥିଲେ। ଆଇଏସ୍‌ଏଲ୍ ଇତିହାସରେ ମୁମ୍ବାଇ ଦ୍ୱିତୀୟ ଦଳ ଭାବେ ଲିଗ୍ ୱିନର୍ସ ଶିଲ୍ଡ ସହ ଲିଗ୍ ଟାଇଟଲ ହାସଲ କରିଛି। ପୂର୍ବରୁ ବେଙ୍ଗାଲୁରୁ ଏଫ୍‌ସି ଏହିଭଳି ସଫଳତା ପାଇଥିଲା। ଲିଗ୍ ୱିନର୍ସ ଶିଲ୍ଡ ହାସଲ କରିବା ସହ ମୁମ୍ବାଇ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ (ଏସିଏଲ୍) ଗ୍ରୁପ୍ ପର୍ଯ୍ୟାୟରେ ସାମିଲ ହୋଇଛି।

ମୁମ୍ବାଇ ସିଜନ ଆରମ୍ଭରୁ ଶ୍ରେଷ୍ଠ ପ୍ରଦର୍ଶନ କରି ପଏଣ୍ଟ ତାଲିକାର ଶୀର୍ଷରେ ରହିଥିଲା। ତେବେ ଲିଗ୍ ପର୍ଯ୍ୟାୟର ଶେଷ ଆଡ଼କୁ ମୁମ୍ବାଇର ପ୍ରଦର୍ଶନ ଫିକା ରହିଥିଲା। ଫଳରେ ଶୀର୍ଷରେ ରହିବା ପାଇଁ ମୁମ୍ବାଇ ଏଟିକେଏମ୍‌ବି ମଧ୍ୟ ପ୍ରତିଯୋଗିତା ପ୍ରବେଶ କରିଥିଲେ। ୨୦୧୯-୨୦ ସେସନ୍‌ରେ ଏଟିକେଏଫ୍‌ସି ଆଇଏସ୍‌ଏଲ୍ ଟାଇଟଲ ହାସଲ କରିଥିଲା। ସେହିପରି ୨୦୧୮-୧୯ରେ ବେଙ୍ଗାଲୁରୁ ଏଫ୍‌ସି, ୨୦୧୭-୧୮ରେ ଚେନ୍ନାଇନ୍ ଏଫ୍‌ସି, ୨୦୧୬ରେ ଏଟିକେ ଏଫ୍‌ସି, ୨୦୧୫ରେ ଚେନ୍ନାଇନ୍ ଏଫ୍‌ସି ଓ ୨୦୧୪ରେ ଏଟିକେ ଏଫ୍‌ସି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏଥର କୋଭିଡ୍-୧୯ ପାଇଁ ଆଇଏସ୍‌ଏଲ୍ ଗୋଆରେ ଖେଳାଯାଇଥିଲା। ମୋଟାମୋଟି ଉପରେ ଆଇଏସ୍‌ଏଲ୍ ସଫଳତାର ସହ ସମ୍ପନ୍ନ ହୋଇଛି। ମୁମ୍ବାଇ ଚାମ୍ପିୟନ ହୋଇଥିବାରୁ ସର୍ଗିଓ ଲୋବେରା ବେଶ୍ ଖୁସି ଜାହିର କରିଛନ୍ତି।

# ଓମ୍ୟାନ୍ ପାୱାର ମିଥାଲି



ନିର୍ମଳ କୁମାର ମିଶ୍ର



ମିଥାଲି ରାଜ

**ଅଭିଜ୍ଞ ଭାରତୀୟ ମହିଳା କ୍ରିକେଟର ମିଥାଲି ରାଜ ଏକାଧିକ ସଫଳତା ଓ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରଥମ ଭାରତୀୟ ମହିଳା କ୍ରିକେଟର ଭାବେ ୩୮ ବର୍ଷୀୟ ମିଥାଲି ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାର ରନ୍ ଓ ପ୍ରଥମ ମହିଳା ଭାବେ ଦିନିକିଆରେ ୭ ହଜାର ରନ୍ ପୂରଣ କରିଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ରହିଛନ୍ତି। ୩ଟି ଯାକ ଫର୍ମାଟ୍‌ରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି...**

ମିଥାଲି ଦୋରାଇ ରାଜ। ଭାରତୀୟ ମହିଳା ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି। ପୂର୍ବତନ ଏକଦିବସୀୟ ଏବଂ ଟେଷ୍ଟ କ୍ରିକେଟ କ୍ୟାପଟେନ୍। ଡାହାଣହାତୀ ବ୍ୟାଟିଂ ସହିତ ଜଣେ ପାର୍ଟ ଟାଇମ୍ ଲେଗ୍‌ବ୍ରେକ୍ ବୋଲର ରୂପେ ନିଜର ସ୍ୱତନ୍ତ୍ର ପରିଚୟ ରହିଛି ମିଥାଲିଙ୍କର। ଭାରତୀୟ ଓମ୍ୟାନ୍ କ୍ରିକେଟକୁ ତାଙ୍କର ଅବଦାନ ଅତୁଳନୀୟ ଏବଂ ଅବିସ୍ମରଣୀୟ। ଜଣେ ବିଶ୍ୱସ୍ତରୀୟ ଓମ୍ୟାନ କ୍ରିକେଟର ରୂପେ ଭାରତୀୟ ମହିଳା କ୍ରିକେଟକୁ ବେଶ୍ ଆଗକୁ ନେବା ସହିତ ଭାରତୀୟ ମହିଳା କ୍ରିକେଟକୁ ଏକ ସ୍ୱତନ୍ତ୍ର ସୋପାନରେ ପହଞ୍ଚାଇ ପାରିଛନ୍ତି। ନିକଟରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ନିକଟରୁ ଭାରତ ଯଦିଓ ସିରିଜ ହାରିଛି ତେବେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଏହି ୩୮ ବର୍ଷୀୟା ଷ୍ଟାର ଓମ୍ୟାନ କ୍ରିକେଟର। ଅନ୍ତର୍ଜାତୀୟ କ୍ରିକେଟରେ ୨୧ବର୍ଷ ଅତିକ୍ରମ କରିବା ଜଣେ ମହିଳା କ୍ରିକେଟରଙ୍କ ପକ୍ଷେ ଏତେ ସହଜ ନୁହେଁ। ମାତ୍ର ୧୬ବର୍ଷ ବୟସରେ ୧୯୯୯ ମସିହାରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ ମିଥାଲି। କ୍ରିକେଟର ଜାଜ୍ୱଲ୍ୟମାନ କ୍ୟାରିୟର ମଧ୍ୟରେ ଆୟର୍ଲାଣ୍ଡ ବିପକ୍ଷରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରୁ ୨୦୧୪ ମଧ୍ୟରେ ମାତ୍ର ୧୦ଟି ଟେଷ୍ଟ ମ୍ୟାଚ ଖେଳିବା ସହିତ ୬୬୩ ରନ୍ ସଂଗ୍ରହ କରିଛନ୍ତି। ସେହି ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଇଂଲଣ୍ଡ ବିପକ୍ଷରେ ୨୧୪ ରନ୍ ସଂଗ୍ରହ କରିବା ସହିତ ଗୋଟିଏ ଶତକ ସହିତ ୫୧ ଶତକଡା ହାରରେ ରନ୍ ସଂଗ୍ରହ କରିଛନ୍ତି। ଟେଷ୍ଟ ଫର୍ମାଟର ଡେବ୍ୟୁ ମ୍ୟାଚ ଇଂଲଣ୍ଡ ବିପକ୍ଷରେ ଆରମ୍ଭ କରିଥିଲେ ମିଥାଲି। ସେହିପରି ଶେଷ ଟେଷ୍ଟ ମ୍ୟାଚ ୨୦୧୪ରେ ସାଉଥ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ସେହିପରି ଏକଦିବସୀୟ ମ୍ୟାଚ ଆୟର୍ଲାଣ୍ଡ ବିପକ୍ଷରେ ଆରମ୍ଭ କରି ୨୧୧ଟି ମ୍ୟାଚ ଖେଳି ୭ ହଜାରରୁ ଅଧିକ ରନ୍ ସଂଗ୍ରହ କରିବା ସହିତ ସେ ପ୍ରଥମ ମହିଳା ଖେଳାଳି ରୂପେ ୨ ଶହରୁ ଅଧିକ ଏକଦିବସୀୟ ମ୍ୟାଚ ଖେଳି ବିଶ୍ୱ ରେକର୍ଡ ହାସଲ କରିଛନ୍ତି। ଏହି ଫର୍ମାଟ୍‌ରେ ୭ଟି ଶତକ ସହିତ ୫୩ଟି ଅର୍ଦ୍ଧଶତକ ଓ ୫୦ ଆଭରେଜରେ ସଂଗ୍ରହ କରି ସେ ନିଜର ସାମର୍ଥ୍ୟ ପ୍ରମାଣ କରିଛନ୍ତି। ଜଣେ ଏକଦିବସୀୟ ସ୍ପେଶାଲିଷ୍ଟ ଖେଳାଳି ରୂପେ ନିଜକୁ ପ୍ରତିପାଦନ କରିଛନ୍ତି। ସେହିପରି ୨୦୦୬ରୁ ୨୦୧୯ ମଧ୍ୟରେ ୮୯ଟି ଟି୨୦ ମ୍ୟାଚ ଖେଳି ୨୩୬୪ରନ୍ ସଂଗ୍ରହ କରିଛନ୍ତି। ଟି-୨୦ ଫର୍ମାଟରେ ତାଙ୍କର ସର୍ବାଧିକ ସ୍କୋର ୯୭ ନଟ୍ ଆଉଟ୍ ରହିଛି। ଟେଷ୍ଟ ମ୍ୟାଚ ଏବଂ ଟି୨୦ ମ୍ୟାଚ୍‌ରେ କୌଣସି ଉଇକେଟ ନେଇ ନ ଥିବା ବେଳେ ଏକଦିବସୀୟ ଫର୍ମାଟ୍‌ରେ ସେ ୮ଟି ଉଇକେଟ ନିଜର ଲେଗ ବ୍ରେକ୍ ବୋଲିଂ ମାଧ୍ୟମରେ ନେବାକୁ ସକ୍ଷମ ହୋଇଛନ୍ତି। ଟେଷ୍ଟରେ ଥରେ ସେ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବା ବେଳେ ଦିନିକିଆରେ ସେ ୧୯ଥର ଏବଂ ଟି୨୦ ମ୍ୟାଚରେ ୧୧ଥର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

କ୍ରିକେଟର ୩ଟି ଫର୍ମାଟରେ ପ୍ରଥମ ମହିଳା କ୍ରିକେଟର ରୂପେ ୧୦ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବା ସହିତ ଇଂଲଣ୍ଡର ଚାର୍ଲୋଟେ ଏଡୱାର୍ଡଙ୍କ ପରେ ଦ୍ୱିତୀୟ କ୍ରିକେଟର ରୂପେ ଏହି ସଫଳତାର ଅଧିକାରୀ ହୋଇଛନ୍ତି। ପ୍ରଥମ ମହିଳା କ୍ରିକେଟର ରୂପେ ଦିନିକିଆ ମ୍ୟାଚରେ ୭ଟି କ୍ରମାଗତ ଇନିଂସରେ ଅର୍ଦ୍ଧଶତକ କରି ବିଶ୍ୱରେକର୍ଡ କରିଛନ୍ତି। ପ୍ରଥମ ମହିଳା ଖେଳାଳି ରୂପେ ୨ଶହରୁ ଅଧିକ ଦିନିକିଆ ମ୍ୟାଚ ଖେଳିବାରେ ମଧ୍ୟ ରେକର୍ଡ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଆୟୋଜିତ ବିଶ୍ୱକପ୍‌ରେ ପ୍ରଥମ ଭାରତୀୟ ଏବଂ ପଞ୍ଚମ ଖେଳାଳି ରୂପେ ୧ ହଜାରରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। କ୍ରମାଗତ ୧୦୯ଟି ଦିନିକିଆ ମ୍ୟାଚ ଖେଳି ସେ ବିଶ୍ୱ ରେକର୍ଡ କରିଛନ୍ତି। ପୁରୁଷ ଏବଂ ମହିଳା ଖେଳାଳି ଦୃଷ୍ଟିକୋଣରୁ ସେ ଏକମାତ୍ର ଭାରତୀୟ ରୂପେ ୨୦୦୫ ଏବଂ ୨୦୧୭ ଆଇସିସି ବିଶ୍ୱକପ୍‌ରେ ଅଧିନାୟକ ରହି ଅନନ୍ୟ ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହିତ ୨୦୧୯ରେ ନ୍ୟୁଜିଲାଣ୍ଡ ମହିଳା ଦଳ ବିପକ୍ଷରେ ୨୦୦ତମ ଏକଦିବସୀୟ ମ୍ୟାଚ ଖେଳିଥିଲେ। ୨୦୧୮ ମହିଳା ଟି୨୦ ଏସିଆକପ୍‌ରେ ସେ ୨ ହଜାର ରନ୍ ଅତିକ୍ରମ କରିବା ସହିତ ପ୍ରଥମ ମହିଳା କ୍ରିକେଟର ଭାବେ ଏହି ସଫଳତା ପାଇଛନ୍ତି।

ଦେଶ ପାଇଁ ଏବଂ ମହିଳା କ୍ରିକେଟକୁ ତାଙ୍କର ଅବିସ୍ମରଣୀୟ ଦାନ ପାଇଁ ସେ ୨୦୦୩ରେ ଅର୍ଜୁନ ପୁରସ୍କାର, ୨୦୧୫ରେ ପଦ୍ମଶ୍ରୀ ପୁରସ୍କାର, ୨୦୧୫ରେ ମଧ୍ୟ ୱିଜ୍‌ଡେନ ଇଣ୍ଡିଆନ କ୍ରିକେଟର ପୁରସ୍କାର, ୨୦୧୭ରେ ୟୁଥ ସ୍ପୋର୍ଟ୍ସ ଆଇକନ୍ ପୁରସ୍କାର, ୨୦୧୭ରେ ଭଗ୍ ସ୍ପୋର୍ଟସ ଆଇକନ୍ ପୁରସ୍କାର, ୨୦୧୭ରେ ବିବିସି ଓମେନ ପୁରସ୍କାର ହାସଲ କରିଛନ୍ତି। ତାଙ୍କର ଆଦର୍ଶର ଖେଳାଳି ସଚିନ ତେନ୍ଦୁଲକର ରହିଆସିଛନ୍ତି। ତାଙ୍କର ସଫଳତା ଯୋଗୁ ଭାରତ ୧୯୯୭, ୨୦୦୦, ୨୦୦୯ ଦିନିକିଆ ବିଶ୍ୱକପ୍‌ରେ ଖେଳିବା ସହିତ ୨୦୦୯, ୨୦୧୦ ଟି୨୦ ବିଶ୍ୱକପ୍ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ତାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ହରମନପ୍ରୀତ କୌର, ସ୍ମୃତି ମାନ୍ଧାନା, ପୁନମ ଯାଦବ, ଦୀପ୍ତି ଶର୍ମା, ସେଫାଳୀ ବର୍ମା, ଝୁଲଣ ଗୋସ୍ୱାମୀ, ପ୍ରିୟା ପୁନିଆ, ବେଦା କ୍ରିଷ୍ଣନଙ୍କ ପରି ଅନେକ ପ୍ରତିଭା ସମ୍ପନ୍ନ ଖେଳାଳି ସୃଷ୍ଟି ହୋଇଛନ୍ତି ଓ ଏମାନେ ଭାରତ ମହିଳା କ୍ରିକେଟକୁ ଗୌରବାନ୍ୱିତ କରିଆସୁଛନ୍ତି।

**ସଂକ୍ଷେପରେ...**

ପୂରା ନାମ: ମିଥାଲି ଦୋରାଇ ରାଜ
ଜନ୍ମ: ୩ ଡିସେମ୍ବର ୧୯୮୨, ଯୋଧପୁର
ବୟସ: ୩୮
ଉଚ୍ଚତା: ୫ ଫୁଟ ୪ ଇଞ୍ଚ
ଭୂମିକା: ବ୍ୟାଟର
ବ୍ୟାଟିଂ: ଡାହାଣହାତୀ
**ଟେଷ୍ଟ ମ୍ୟାଚ୍: ୧୦**
ରନ : ୬୬୩
ଆଭରେଜ: ୫୧.୦୦
ଶତକ: ୧
ଅର୍ଦ୍ଧଶତକ: ୪
ଟପ୍ ସ୍କୋର:୨୧୪
**ଦିନିକିଆ ମ୍ୟାଚ୍: ୨୧୪**
ରନ: ୭୦୯୮
ଆଭରେଜ: ୫୧.୦୬
ଶତକ: ୭
ଅର୍ଦ୍ଧଶତକ: ୫୫
ଟପ୍ ସ୍କୋର: ୧୨୫*
**ଟି୨୦ ମ୍ୟାଚ୍: ୮୯**
ରନ: ୨,୩୬୪
ଆଭରେଜ: ୩୭.୫୨
ଅର୍ଦ୍ଧଶତକ: ୧୭
ଟପ୍ ସ୍କୋର: ୯୭

# ଲକି କ୍ରିକେଟର

**କର୍ଣ୍ଣାଟକ ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ ଏଥର ଆଇପିଏଲ୍ ଖେଳାଳି ନିଲାମରେ ସବୁଠାରୁ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛନ୍ତି। ବେସ୍ ପ୍ରାଇସ୍ ୨୦ ଲକ୍ଷ ଥିବା ବେଳେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୯.୨୫ କୋଟି ଟଙ୍କାରେ କ୍ରୟ କରିଛି। ଏଥିସହ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଆଇପିଏଲ୍ ଖେଳିବାର ତାଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ...**



କଥାରେ ଅଛି ପରିଶ୍ରମ ଫଳ କେବେ ହେଲେ ବୃଥା ଯାଏନାହିଁ। ବିଳମ୍ବରେ ହେଲେ ମଧ୍ୟ ନିଶ୍ଚୟ ମିଳିଥାଏ। ସଦ୍ୟ ସମାପ୍ତ ହୋଇଥିବା ଆଇପିଏଲ-୧୪ ନିଲାମ୍ ପ୍ରକ୍ରିୟାରେ ଏହା ପ୍ରମାଣିତ ହୋଇଛି। କର୍ଣ୍ଣାଟକର କ୍ରିଷ୍ଣାପ୍ପା ଗୋଥାମଙ୍କ ପରି ପରିଶ୍ରମୀ କ୍ରିକେଟରଙ୍କ କ୍ଷେତ୍ରରେ ଏହା ବାସ୍ତବ ରୂପ ନେଇଛି। ରାତାରାତି ଷ୍ଟାର ବନିଯାଇଛନ୍ତି ଏହି ଭାଗ୍ୟବାନ କ୍ରିକେଟିୟର। ଭାଗ୍ୟଦେବୀ ତାଙ୍କ ଉପରେ ପ୍ରସନ୍ନ ହେବା ଫଳରେ ଜଣେ କ୍ରିକେଟ ଖେଳାଳି ଭାବରେ ତାଙ୍କର ବହୁ ଦିନର ସ୍ୱପ୍ନ ସାର୍ଥକ ହୋଇଛି। ଆଇପିଏଲ-୧୪ ତାଙ୍କର ଭାଗ୍ୟ ସଂପୂର୍ଣ୍ଣ ବଦଳାଇ ଦେଇଛି। ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଖେଳାଳିର ମାନ୍ୟତା ପାଇ ନ ଥିବା ଅଲରାଉଣ୍ଡର ଗୋଥାମଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଗତ ନିଲାମ ପ୍ରକ୍ରିୟାରେ ସ୍ୱଦେଶୀ ଖେଳାଳି ରୂପେ ୯.୨୫ କୋଟି ଟଙ୍କାରେ କ୍ରୟ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସମଗ୍ର କ୍ରିକେଟ ଜଗତରେ ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି ଗୋଥାମ; ଯାହାକି ସମସ୍ତ ଯୁବ କ୍ରିକେଟରଙ୍କ ପାଇଁ ସେ ପ୍ରେରଣାର ଉତ୍ସ ହୋଇପାରିଛନ୍ତି।

ବୟସ ମାତ୍ର ୩୨ବର୍ଷ। ସେ କର୍ଣ୍ଣାଟକ ପକ୍ଷରୁ ଘରୋଇ ରଣଜୀ ଟ୍ରଫି ମ୍ୟାଚ ଖେଳିଛନ୍ତି। କଠିନ ପରିଶ୍ରମୀ କ୍ରିକେଟର ରୂପେ ସେ ବେଶ୍ ଜଣାଶୁଣା। ନିଜର ରାଇଟ ଆର୍ମ ଅଫ ବ୍ରେକ୍ ବୋଲିଂ ପାଇଁ ପରିଚିତ। ସେ ଜଣେ ଭଲ ଅଲରାଉଣ୍ଡର ମଧ୍ୟ। ଲୋୟର ଅର୍ଡରେ ବ୍ୟାଟିଂ କରି ବିଗ୍ ହିଟ୍ କରିବାରେ ବେଶ୍ ସିଦ୍ଧହସ୍ତ। ମ୍ୟାଚ ଫିନିଶିଂ କରିବାର ଦକ୍ଷତା ମଧ୍ୟ ରହିଛି। କର୍ଣ୍ଣାଟକ ରଣଜୀ ମ୍ୟାଚ ପାଇଁ ୨୦୧୨ ମସିହାରେ ବେଙ୍ଗଲ ବିପକ୍ଷରେ ଫାଷ୍ଟକ୍ଲାସ କ୍ୟାରିୟର ଆରମ୍ଭ କରିଥିଲେ। ଉତ୍ତର ପ୍ରଦେଶ ବିପକ୍ଷରେ ମ୍ୟାଚ ଖେଳିବା ସମୟରେ ନିଜର ବିବାଦୀୟ ବୋଲିଂ ଆକସନ୍ ପାଇଁ ଦଳଠାରୁ ବେଶ୍ କିଛି ବର୍ଷ ପାଇଁ ଦୂରେଇ ରହିବାକୁ ପଡିଥିଲା। ଅନିଲ କୁମ୍ବଲେଙ୍କ ପରାମର୍ଶ କ୍ରମେ ଏହି ଷ୍ଟ୍ରିଟ୍ କ୍ରିକେଟର ନିଜର କଠିନ ପରିଶ୍ରମ, ଦକ୍ଷତା ଏବଂ ପ୍ରତିଭା ଯୋଗୁଁ ନିଜର ଆତ୍ମ ବିଶ୍ୱାସ ଫେରିପାଇଥିଲେ। ୨୦୦୮ ମସିହାରେ ଅଷ୍ଟ୍ରେଲିଆ ଟିମ୍ ଭାରତ ଗସ୍ତରେ ଆସିଥିବା ସମୟରେ ଟିମ୍ ଇଣ୍ଡିଆର ନେଟ୍ ବୋଲର ଭାବେ ଦଳକୁ ସହାୟତା ପ୍ରଦାନ କରିଥିଲେ। ବର୍ତ୍ତମାନ ଇଂଲଣ୍ଡର ଭାରତ ଗସ୍ତ ସହିତ ଅହମଦାବାଦରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଟ୍‌ରେ ବୋଲିଂ କରୁଛନ୍ତି। ତେବେ ହଠାତ୍ ଏହି ଭାଗ୍ୟବାନ ତଥା ପରିଶ୍ରମୀ କ୍ରିକେଟରଙ୍କ ଭାଗ୍ୟ ହଠାତ୍ ଖୋଲିଗଲା। ୨୦୧୬-୧୭ ରଣଜୀ ସିଜନ୍ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସମୟ ରହିଥିଲା। କର୍ଣ୍ଣାଟକ ପକ୍ଷରୁ ପୁନର୍ବାର ଖେଳି ଦିଲ୍ଲୀ ଏବଂ ଆସାମ ବିପକ୍ଷରେ ୫ଟି ଲେଖାଏ ଉଇକେଟ୍ ନେଇ କର୍ଣ୍ଣାଟକକୁ ମ୍ୟାଚ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏପରି ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ମୁମ୍ବାଇ ଇଣ୍ଡିଆନ୍ସ ୨ କୋଟି ଟଙ୍କାରେ କ୍ରୟ କରି ତାଙ୍କର ସ୍ୱପ୍ନର ଆଇପିଏଲ ଅଭିଯାନର ସୁଯୋଗ ଦେଇଥିଲା। ତାଙ୍କର ବେସ୍ ପ୍ରାଇସ୍ ମାତ୍ର ୨୦ଲକ୍ଷ ଟଙ୍କା ରହିଥିଲା। ଆସାମ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଶତକ ହାସଲ କରିବା ସହିତ ବୋଲିଂରେ ଚମତ୍କାରିତା ଯୋଗୁ ୨୦୧୮ରେ ରାଜସ୍ଥାନ ରୟାଲସ୍ ତାଙ୍କୁ ୬.୨କୋଟି ମୂଲ୍ୟରେ କ୍ରୟ କରି ୨୦୧୮ ଏବଂ ୨୦୧୯ ପାଇଁ ଦଳରେ ସାମିଲ କରିଥିଲା। ୨୦୧୭ ଆଇପିଏଲରେ ଭଲ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ରାଜସ୍ଥାନ ରୟାଲସ୍ ତାଙ୍କୁ ଅକସନ୍ ପ୍ରକ୍ରିୟାରେ ୬.୨ କୋଟି ଟଙ୍କାରେ କ୍ରୟ କରିବା ସମସ୍ତ ଫ୍ରାଞ୍ଚାଇଜ୍ ଏବଂ ଖେଳାଳିମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ଘରୋଇ ଟି୨୦ ମ୍ୟାଚରେ ୬୨ଟି ମ୍ୟାଚ ଖେଳି ୫୯୪ରନ୍ କରିବା ସହିତ ୪୧ଟି ଉଇକେଟ ହାସଲ କରିଥିଲେ। ୨୦୧୮ ଆଇପିଏଲ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୧୫ଟି ମ୍ୟାଚରୁ ୧୩ଟି ମ୍ୟାଚ ଖେଳି ୧୮୬ ରନ୍ କରିବା ସହିତ ସର୍ବାଧିକ ରନ୍ ୩୩ ନଟଆଉଟ ରହିଥିଲା। ସେହିପରି ବୋଲିଂରେ ୧୫ଟି ମ୍ୟାଚରୁ ୧୧ଟି ଉଇକେଟ ନେଇଥିଲେ। ୨୦୧୯ରେ ୭ଟି ମ୍ୟାଚ ଖେଳି ମୋଟ ୧୮ରନ୍ କରିବା ସହିତ ଗୋଟିଏ ଉଇକେଟ ନେଇଥିଲେ। ୨୦୨୦ ଆଇପିଏଲରେ କିଙ୍ଗସ୍ ଏକାଦଶ ପଞ୍ଜାବ ତାଙ୍କୁ ୬.୨ କୋଟିରେ କିଣିଥିବା ବେଳେ ଏହି ଅଲରାଉଣ୍ଡର ମାତ୍ର ୨ଟି ମ୍ୟାଚ ପଞ୍ଜାବ ପକ୍ଷରୁ ଖେଳି ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ଓ ପଞ୍ଜାବ ତାଙ୍କୁ ରିଲିଜ କରିଥିଲା। ୨୦ଲକ୍ଷ ଟଙ୍କା ବେସ୍ ପ୍ରାଇସ ଥିବା ଏହି ୩୨ ବର୍ଷୀୟ କର୍ଣ୍ଣାଟକ ଅଫସ୍ପିନରଙ୍କ ମାତ୍ର ୨୪ଟି ଆଇପିଏଲ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି। ୨୦୨୦ରେ କିଙ୍ଗସ୍ ଏକାଦଶ ପଞ୍ଜାବ ପକ୍ଷରୁ ମାତ୍ର ୨ଟି ମ୍ୟାଚ ଖେଳି ୪୨ରନ୍ କରିଥିଲେ।

ମାତ୍ର ଆଇପିଏଲ-୧୪ ତାଙ୍କର ଭାଗ୍ୟ ବଦଳାଇ ଦେଇଛି। ତାଙ୍କୁ ଦଳରେ ନେବା ପାଇଁ ଆରସିବି ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ପ୍ରତିଯୋଗିତା ଚାଲିଥିବା ବେଳେ ବାଜି ମାରିନେଇଛି ସିଏସ୍‌କେ। ତାଙ୍କୁ ୯.୨୫ କୋଟିରେ ଦଳରେ ସାମିଲ କରି ବେଶ୍ ଚର୍ଚ୍ଚାରେ ରହିଛି। ନିଷ୍ଠା ଏବଂ ଅଧ୍ୟବସାୟ ଆଗରେ ସମସ୍ତ ବାଧାବିଘ୍ନ ହାର ମାନିଥାଏ ଏଥିରୁ ସ୍ପଷ୍ଟ ହୋଇଛି। ତାଙ୍କ ପୂର୍ବରୁ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଏକାଦଶ ୮.୮ କୋଟିରେ କ୍ରୟ କରି ବେଶ୍ ଚର୍ଚ୍ଚାରେ ରହିଥିଲା। କ୍ୟାସ ରିଚ ଆଇପିଏଲର ୧୪ ତମ ସଂସ୍କରଣରେ ସି.କେ.ଏସ୍ ଏହି ଅଲରାଉଣ୍ଡର ତଥା ଅଫସ୍ପିନରଙ୍କଠାରୁ ଭଲ ପ୍ରଦର୍ଶନ ନିଶ୍ଚୟ ଆଶା କରିବା ସହିତ ତାଙ୍କ ଦକ୍ଷତାର ସମ୍ପୂର୍ଣ୍ଣ ବିନିଯୋଗ କରିବା ଆଶା କରାଯାଏ।

**ପୂରା ନାମ: କ୍ରିଷ୍ଣାପ୍ପା ଗୋଥାମ**

ଜନ୍ମ: ୨୦ ଅକ୍ଟୋବର ୧୯୮୮, ବେଙ୍ଗାଲୁରୁ
ବୟସ: ୩୨
ଭୂମିକା: ଅଲରାଉଣ୍ଡର
ପ୍ରତିନିଧିତ୍ୱ କରିଥିବା ଦଳ:
କର୍ଣ୍ଣାଟକ, ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ, କିଙ୍ଗ୍ସ ଏକାଦଶ ପଞ୍ଜାବ।
ବ୍ୟାଟିଂ: ଡାହାଣହାତୀ
ବୋଲିଂ: ଡାହାଣହାତୀ ଅଫ୍ ବ୍ରେକ୍

# ସିରିଜ ବରାବର କଲା ଭାରତ

**ଅହମଦାବାଦ, ୧୮।୩**

ପଦାର୍ପଣ ଇନିଂସରେ ସୂର୍ଯ୍ୟକୁମାର ଯାଦବଙ୍କ ଦ୍ରୁତ ଅର୍ଦ୍ଧଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ୪ର୍ଥ ଟି୨୦ ମ୍ୟାଚରେ ଇଂଲଣ୍ଡକୁ ୮ ରନରେ ପରାସ୍ତ କରିଛି। ତୃତୀୟ ଟି୨୦ ପରାଜୟର ମଧୁର ପ୍ରତିଶୋଧ ନେବାସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ବରାବର (୨-୨) ସ୍ଥିତିକୁ ଆଣିଛି ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୫ ରନ କରିଥିବାବେଳେ ଇଂଲଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୧୭୭ ରନରେ ସୀମିତ ରହିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ବଲ୍‌ରେ ରୋହିତ ଶର୍ମାଙ୍କ ଛକାରୁ ଇନିଂସ ଆରମ୍ଭ କରିଥିଲା। କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଦଳ ଉନ୍ନତ

**ଚତୁର୍ଥ ଟି୨୦ରେ ୮ ରନରେ ବିଜୟୀ**

ରନହାର ବଜାୟ ରଖିଥିଲା। ରୋହିତ ମାତ୍ର ୧୨ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଲୋକେଶ ରାହୁଲ ଆଉ ଏକ ସୁଯୋଗ ହାତଛଡ଼ା କରି ୧୪ ରନରେ ପ୍ୟାଭିଲିୟନ ଫେରିଥିଲେ। ପୂର୍ବ ୨ ମ୍ୟାଚରେ ଚମତ୍କାର ବ୍ୟାଟିଂ କରିଥିବା ଅଧିନାୟକ ବିରାଟ କୋହଲି ଏଠାରେ ମାତ୍ର ୧ ରନରେ ଆଉଟ ହେବାରୁ ୮.୪ ଓଭର ବେଳକୁ ଭାରତୀୟ ସ୍କୋର ୭୦/୩ ହୋଇ ଯାଇଥିଲା। କ୍ୟାରିୟରର ପ୍ରଥମ ମ୍ୟାଚରେ ବ୍ୟାଟିଂ ସୁଯୋଗ ପାଇ ନ ଥିବା ସୂର୍ଯ୍ୟ କୁମାର ଯାଦବ ଏଠାରେ ୩ ନମ୍ବର ବ୍ୟାଟ୍ସମ୍ୟାନଭାବେ କ୍ରିଜ୍‌କୁ ଆସି ସ୍ମରଣୀୟ ଇନିଂସ ଖେଳିଥିଲେ। ସେ ୩୧ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୭ ରନ କରିଥିଲେ। ମିଡଲ ଅର୍ଡରରେ ଋଷଭ ପନ୍ତ ଓ ଶ୍ରେୟାସ ଆୟାର ଦ୍ରୁତ ଇନିଂସ ଖେଳିବାରୁ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଋଷଭ ୨୩ ବଲ୍‌ରୁ ୪ ଚୌକା ସହ ୩୦ ଓ ଆୟାର ୧୮ ବଲ୍‌ରୁ ୫ ଚୌକା ଓ ୧ ଛକା ସହିତ ୩୭ ରନ ସ୍କୋର କରିଥିଲେ। ମାର୍କ ଉଡ୍ ଓ ଜୋଫ୍ରା ଆର୍ଚର ପ୍ରଭାବୀ ବୋଲିଂ କରି ଭାରତୀୟ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସକ୍ଷମ ହୋଇଥିଲେ। ତେବେ ଶେଷ ଭାଗରେ ଶାର୍ଦ୍ଦୁଳ ଠାକୁର ୪ ବଲ୍‌ରୁ ୧୦(୨ ଚୌକା) ରନରେ ଅପରାଜିତ ରହି ଦଳର ରନ ସଂଖ୍ୟାକୁ ୨୦ ଓଭରରେ ୧୮୫/୮ରେ ପହଞ୍ଚାଇଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଆର୍ଚର ସବୁଠାରୁ ସଫଳ ରହି ୪ଟି ଉଇକେଟ ନେଇଥିଲେ। ଆଡିଲ ରଶିଦ, ଉଡ୍, ବେନ୍ ଷ୍ଟୋକ୍ସ ଓ ସାମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

୧୮୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ ପୂର୍ବ ମ୍ୟାଚର ହିରୋ ଜୋଶ୍ ବଟଲର(୯)ଙ୍କ ଉଇକେଟ ଶୀଘ୍ର ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଜାସନ ରୟ ଓ ଡାଭିଡ ମଲନ କିଛି ସମୟ ଇନିଂସ ସମ୍ଭାଳିଥିଲେ। ମାତ୍ର ୬ ରନ ବ୍ୟବଧାନରେ ୨ ଉଇକେଟ ପତନ ଦଳକୁ ପୁଣି ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ସ୍କୋର ୬୦ ଥିବାବେଳେ ମଲନ ବ୍ୟକ୍ତିଗତ ୧୪(୧୭ ବଲ, ୧ ଛକା) ଏବଂ ୬୬ ହୋଇଥିବାବେଳେ ରୟ ୪୦(୨୭ ବଲ, ୬ ଚୌକା, ୧ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ରୟଙ୍କୁ ଡିପ୍ ମିଡ୍ ଉଇକେଟରେ ସୂର୍ଯ୍ୟକୁମାରଙ୍କ ଦ୍ୱାରା କ୍ୟାଚ କରାଇ ହାର୍ଦ୍ଦିକ ପାଣ୍ଡ୍ୟା ବଡ଼ ସଫଳତା ଦେଇଥିଲେ। ତେବେ ଜନି ବେୟାରଷ୍ଟୋ ଓ ବେନ୍ ଷ୍ଟୋକ୍ସ ବିସ୍ଫୋରକ ବ୍ୟାଟିଂ କରି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ୪ର୍ଥ ଉଇକେଟରେ ୩୬ ବଲ୍‌ରୁ ସେମାନେ ୬୫ ରନ ଯୋଗ କରିବାପରେ ସ୍ପିନର ରାହୁଲ ଚହର ଯୋଡ଼ି ଭାଙ୍ଗିଥିଲେ। ୧୯ ବଲ୍‌ରୁ ୨୫(୨ ଚୌକା, ୧ ଛକା) କରି ବେୟାରଷ୍ଟୋ ଆଉଟ ହୋଇଥିଲେ। ଷ୍ଟୋକ୍ସ ଧୂଆଁଧାର ବ୍ୟାଟିଂ ଜାରି ରଖି ଅର୍ଦ୍ଧଶତକ ନିକଟତର ହୋଇଥିଲେ। ତେବେ ସେ ୨୩ ବଲ୍‌ରୁ ୪ ଚୌକା ଓ ୩ ଛକା ସହ ୪୬ ରନ କରିଥିବାବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ସୂର୍ଯ୍ୟକୁମାରଙ୍କୁ କ୍ୟାଚ ଦେଇ ନିରାଶ ମନରେ ଫେରିଥିଲେ। ପରବର୍ତ୍ତୀ ବଲ୍‌ରେ ଅଧିନାୟକ ଇଅନ ମୋର୍ଗାନ (୪)ଙ୍କୁ ଆଉଟ କରି ଠାକୁର ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିବାସହ ମ୍ୟାଚକୁ ଭାରତ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଠାକୁରଙ୍କ ଶେଷ ଓଭରରୁ ବିଜୟ ପାଇଁ ୨୩ ରନ ଥିବାବେଳେ ଆର୍ଚର ଗୋଟିଏ ଲେଖାଏ ଚୌକା ଓ ଛକା ମାରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ମାତ୍ର ଶେଷ ୨ ବଲ୍‌ରୁ ରନ ନ ହେବାରୁ ଇଂଲଣ୍ଡ ବିଜୟ ଠାରୁ ୮ ରନ ଦୂରରେ ରହି ଯାଇଥିଲା।



ପଦାର୍ପଣ ଇନିଂସ୍‌ର ପ୍ରଥମ ବଲ୍‌ରେ ଛକା ମାରୁଛନ୍ତି ସୂର୍ଯ୍ୟକୁମାର ଯାଦବ।

### ସ୍କୋର ବୋର୍ଡ

**ଭାରତ ଇନିଂସ**

ରୋହିତ-କ ଓ ବୋ-ଆର୍ଚର-୧୨
ରାହୁଲ-କ-ଆର୍ଚର-ବୋ-ଷ୍ଟୋକ୍ସ-୧୪
ସୂର୍ଯ୍ୟକୁମାର-କ-ମଲାନ-ବୋ-ସାମ୍ କୁରାନ-୫୭
କୋହଲି-ଷ୍ଟମ୍ପ-ବଟଲର-ବୋ-ରସିଦ-୧
ପନ୍ତ-ବୋ-ଆର୍ଚର-୩୦
ଆୟାର-କ-ମଲାନ-ବୋ-ଆର୍ଚର-୩୭
ହାର୍ଦ୍ଦିକ-କ-ଷ୍ଟୋକ୍ସ-ବୋ-ଉଡ୍-୧୧
ଶାର୍ଦ୍ଦୁଳ-ନଟ ଆଉଟ-୧୦
ୱାଶିଂଟନ-କ-ରସିଦ-ବୋ-ଆର୍ଚର-୪
ଭୁବନେଶ୍ୱର-ନଟ ଆଉଟ-୦
ଅତିରିକ୍ତ-୯
ମୋଟ: (୨୦ ଓଭର, ୮ଉଇକେଟ) ୧୮୫।
**ଉଇକେଟ ପତନ:** ୧/୨୧, ୨/୬୩, ୩/୭୦, ୪/୧୧୦,୫/୧୪୪, ୬/୧୭୦, ୭/୧୭୪, ୮/୧୭୯।

**ବୋଲିଂ (ଇଂଲଣ୍ଡ)**

ଆଦିଲ ରସିଦ ୪-୧-୩୯-୧
ଜୋଫ୍ରା ଆର୍ଚର ୪-୦-୩୩-୪
ମାର୍କ ଉଡ୍ ୪-୧-୨୫-୧
କ୍ରିସ୍ ଜୋର୍ଡାନ ୪-୦-୪୧-୦
ବେନ୍ ଷ୍ଟୋକ୍ସ ୩-୦-୨୬-୧
ସାମ କୁରାନ ୧-୦-୧୬-୧

**ଇଂଲଣ୍ଡ ଇନିଂସ**

ଜାସନ ରୟ-କ-ସୂର୍ଯ୍ୟକୁମାର-ବୋ-ହାର୍ଦ୍ଦିକ-୪୦
ବଟଲର-କ-ରାହୁଲ-ବୋ-ଭୁବନେଶ୍ୱର-୯
ମଲାନ-ବୋ-ରାହୁଲ ଚହର-୧୪
ବେୟାରଷ୍ଟୋ-କ-ୱାଶିଂଟନ-ବୋ-ଚହର-୨୫
ଷ୍ଟୋକ୍ସ-କ-ସୂର୍ଯ୍ୟକୁମାର-ବୋ-ଶାର୍ଦ୍ଦୁଳ-୪୬
ମୋର୍ଗାନ-କ-ୱାଶିଂଟନ-ବୋ-ଶାର୍ଦ୍ଦୁଳ-୪
ସାମ କୁରାନ-ବୋ-ହାର୍ଦ୍ଦିକ-୩
କ୍ରିସ୍ ଜୋର୍ଡାନ-କ-ପାଣ୍ଡ୍ୟା-ବୋ-ଶାର୍ଦ୍ଦୁଳ-୧୨
ଜୋଫ୍ରା ଆର୍ଚର-ନଟ ଆଉଟ-୧୮
ଆଦିଲ ରସିଦ- ନଟ ଆଉଟ-୦
ଅତିରିକ୍ତ-୬
ମୋଟ (୨୦ ଓଭର, ୮ ଉଇକେଟ) ୧୭୭।
**ଉଇକେଟପତନ:** ୧/୧୫, ୨/୬୦, ୩/୬୬, ୪-/୧୩୧, ୫/୧୪୦, ୬/୧୪୦, ୭/୧୫୩, ୮/୧୭୭।

**ବୋଲିଂ (ଭାରତ)**

ଭୁବନେଶ୍ୱର କୁମାର ୪-୧-୩୦-୧
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୧୬-୨
ଶାର୍ଦ୍ଦୁଳ ଠାକୁର ୪-୦-୪୨-୩
ୱାଶିଂଟନ ସୁନ୍ଦର ୪-୦-୫୨-୦
ରାହୁଲ ଚହର ୪-୦-୩୫-୨

# ରେସ୍‌ଲର ରୀତିକାଙ୍କ ଆତ୍ମହତ୍ୟା



ରୀତିକା ଫୋଗତ

**ଚଣ୍ଡିଗଡ଼, ୧୮।୩:** ହରିୟାଣାର ଚରଖି ଦାଦ୍ରି ଜିଲାରେ ଗୀତା ଓ ବବିତା ଫୋଗତଙ୍କ ସମ୍ପର୍କୀୟ ଭଉଣୀ ରୀତିକା ଫୋଗତ (୧୭ବର୍ଷ) ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏକ ଟୁର୍ନାମେଣ୍ଟର ଫାଇନାଲରେ ପରାଜିତ ହେବା ପରେ ଗତ ୧୫ ତାରିଖ ରାତିରେ ସେ ଏହି ଚରମ ପଦକ୍ଷେପ ନେଇଥିବା ସ୍ଥାନୀୟ ପୋଲିସ କହିଛି। ରୀତିକାଙ୍କ ଜନ୍ମସ୍ଥାନ ହେଉଛି ରାଜସ୍ଥାନ ଅନ୍ତର୍ଗତ ଜୟପୁର ଗ୍ରାମରେ। ହେଲେ ସେ ଚରଖି ଦାଦ୍ରି ଜିଲାର ଝୋଜୁ କଲାନ ପୋଲିସ ଥାନା ଅଧୀନ ବଲାଲି ଗ୍ରାମରେ ତାଙ୍କ ମାମୁ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ମହାବୀର ସିଂ ଫୋଗତ୍‌ଙ୍କ ପାଖରେ ୪ ବର୍ଷ ହେଲା ରହିଆସୁଥିଲେ। ମାର୍ଚ୍ଚ ୧୨ରୁ ୧୪ ରାଜସ୍ଥାନର ଭରତପୁରରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ର ଫାଇନାଲ ବାଉଟ୍‌ରେ ମାତ୍ର ୧ ପଏଣ୍ଟରେ ପରାସ୍ତ ହେବାପରେ ରୀତିକା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ପୋଲିସ କହିଛି। ରୀତିକା ଚରଖି ଦାଦ୍ରିସ୍ଥିତ ମହାବୀର ଫୋଗତ ସ୍ପୋର୍ଟ୍ସ ଏକାଡେମୀରେ ତାଲିମ ନେବା ସହ ଅଭ୍ୟାସ କରୁଥିଲେ। ରେସ୍‌ଲିଂ ଷ୍ଟାର ଗୀତା ଫୋଗତ ତାଙ୍କ ପ୍ରତିକ୍ରିୟାରେ ରୀତିକାଙ୍କୁ ଜଣେ ପ୍ରତିଭାସମ୍ପନ୍ନ ରେସ୍‌ଲର ବୋଲି ବର୍ଣ୍ଣନା କରିଛନ୍ତି। ସେ ଏଭଳି ପଦକ୍ଷେପ କାହିଁ ନେଲେ ତାହା ସେ ଜାଣିପାରୁ ନାହାନ୍ତି। ଜଣେ ଆଥଲେଟ୍‌ଙ୍କ ଜୀବନରେ ବିଜୟ ପରାଜୟ ହେଉଛି ଏକ ଅଂଶ। ଆମେ ଏଭଳି କୌଣସି ପଦକ୍ଷେପ ନେବା ଉଚିତ ନୁହେଁ ବୋଲି ସେ ଟୁଇଟ୍ କରି କହିଛନ୍ତି।

# ଜାଗୃତି କ୍ରିକେଟ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଜାଗୃତି କ୍ରିକେଟ ଏକାଡେମୀ ୪ ଉଇକେଟରେ ଜୁଭେନାଇଲ କ୍ଲବକୁ ପରାସ୍ତ କରିଛି। ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ୨୮.୩ ଓଭରରେ ୧୨୫ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୨୫ ଓ ଜଗଦୀଶ ଶାହା ୨୩ ରନ କରିଥିଲେ। ବିପକ୍ଷ ଦଳର ସୌଭାଗ୍ୟ ଓଝା, କୈଳାସ ନାୟକ ଓ ଜି.ଏମ. ଅଳକାନନ୍ଦା ୨ଟି ଲେଖାଏ ଓ ସୋଭେନଦେବ ବେହେରା ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଜାଗୃତି ଏକାଡେମୀ ୨୮.୨ ଓଭରରେ ୬ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା। ଚିତ୍ତରଞ୍ଜନ ପଣ୍ଡା

**ପ୍ରାଚୀ ମେମୋରିଆଲ କ୍ରିକେଟ**

୨୮ ବଲ୍‌ରୁ ୪୬ ଓ ସୋଭେନଦେବ ୨୮ ରନ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୋଭେନଦେବ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଯଜ୍ଞାଶିଷ ମହାପାତ୍ର, କାର୍ତ୍ତିକ ବିଶ୍ୱାଳ ଓ ଜ୍ୟୋତିବର୍ଦ୍ଧନ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ବିପର୍ଯ୍ୟୟ ଘଟାଇଲେ ଜରିନ୍

**ନୂଆଦିଲ୍ଲୀ, ୧୮।୩(ପି.ଟି.)**

ତୁର୍କୀର ଇସ୍ତାନବୁଲ୍‌ଠାରେ ଚାଲିଥିବା ବୋସଫୋରସ୍ ବକ୍ସିଂ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ବକ୍ସର ନିଖାତ ଜରିନ୍ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ମହିଳା ୫୧ କେ.ଜି. ବର୍ଗ ଇଭେଣ୍ଟରେ ସେ ବିଶ୍ୱ ଚାମ୍ପିୟନ ପଲ୍ଟସେଭା ଏକାଟରିନାଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏସିଆନ

**ବୋସଫୋରସ ବକ୍ସିଂ**

ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଜରିନ୍ ଟୁର୍ନାମେଣ୍ଟରେ ଦ୍ୱିତୀୟ ଦିନରେ ରୁଷିଆର ଏକାଟେରିନାଙ୍କୁ ୫-୦ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏବେ କ୍ୱାର୍ଟରରେ ସେ ଦୁଇଥର ବିଶ୍ୱଚାମ୍ପିୟନଶିପ୍ ହାସଲ କରିଥିବା କାଜାଖସ୍ତାନର କିଜାଇବେ ନାଜିମଙ୍କୁ ଭେଟିବେ।

ସେହିପରି ୨୦୧୩ ଏସିଆନ ଚାମ୍ପିୟନ ଶିବ ଥାପା, ସୋନିଆ ଲାଥର ଓ ପରବିନ ସେମାନଙ୍କ ବର୍ଗରେ ବିଜୟ ହାସଲ କରି କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ୬୩ କେ.ଜି. ବର୍ଗରେ ଶିବ ୩-୨ରେ କାଜାଖସ୍ତାନର ସ୍ମାଗୁଲୋଭ ବାଗଟିୟୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଲାଥର ୫୭ କେ.ଜି.ରେ ଲୋକାଲ ଫେଭରାଇଟ ସୁରମେନେଲି ତୁଗସେନାଜଙ୍କୁ ୫-୦ରେ ହରାଇଛନ୍ତି। ସେହିପରି ୬୦ କେ.ଜି.ରେ ପରବୀନ ସ୍ଥାନୀୟ ଖେଳାଳି ଓଜିଓଲ ଇସ୍‌ରାଙ୍କୁ ୫-୦ରେ ହରାଇ ଅଗ୍ରଗତି କରିଛନ୍ତି।

ଅନ୍ୟ ଭାରତୀୟ ବକ୍ସର ଦୁର୍ଯ୍ୟୋଧନ ନେଗି (୬୯ କେ.ଜି.), ବ୍ରିଜେଶ ଯାଦବ (୮୧ କେ.ଜି.) ଓ କ୍ରିଷ୍ଣନ ଶର୍ମା (+୯୧ କେ.ଜି.) ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଏବେ ମହିଳା ବର୍ଗରେ ଲାଥର, ଜରିନ୍, ପରବୀନ ଓ ଜ୍ୟୋତି (୬୯ କେ.ଜି.) ମୁକାବିଲା କରିବେ। ସେହିପରି ମହିଳା ବର୍ଗରେ ଥାପା ଓ ଗୌରବ ସୋଲାଙ୍କି ୫୭ କେ.ଜି. ବର୍ଗରେ କ୍ୱାର୍ଟର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।



ଲଢ଼େଇ ଅବସରରେ ପଲ୍ଟସେଭା ଏକାଟରିନାଙ୍କୁ ପଞ୍ଚ ମାରୁଛନ୍ତି ନିଖାତ ଜରିନ୍।

# ଫାଇନାଲରେ ଅମିୟ

**ଭୁବନେଶ୍ୱର, ୧୮।୩ (କ୍ରୀଡ଼ା ପ୍ରତିନିଧି):** ପଟିଆଲାର ଏନ୍‌ଏସ ଏନ୍‌ଆଇଏସ୍‌ରେ ଚାଲିଥିବା ୨୪ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅମିୟ କୁମାର ମଲିକ। ହିଟ୍‌ରେ ଅମିୟ ୨୧.୮୮ ଓ ସେମିଫାଇନାଲରେ ୨୧.୭୫ ସେକେଣ୍ଡ ସମୟ ନେଇ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲରେ ଅମିୟଙ୍କର ହରିୟାଣାର ରବିନ୍ଦର କୁମାର, ହିମାଚଳ ପ୍ରଦେଶର ପାରସ, ଦିଲ୍ଲୀର ଅକ୍ଷୟ ନୈନ, ତାମିଲନାଡ଼ୁର ବିଘ୍ନେଶ ଏ., ତାମିଲନାଡ଼ୁର ଇ. କନ୍ନଡ଼, ପଞ୍ଜାବର ସତନାମ ସିଂ ଓ ହରିୟାଣାର ପରମବୀର ସିଂଙ୍କ ସହ ମୁକାବିଲା ହେବ।

# ଲକ୍ଷ୍ୟ କ୍ୱାର୍ଟରରେ, ସିନ୍ଧୁ ବି ଜିତିଲେ

**ବର୍ମିଂହାମ୍, ୧୮।୩ (ପି.ଟି.)**

ଲକ୍ଷ୍ୟ ସେନ୍ ଭାରତର ସର୍ବକନିଷ୍ଠ ପୁରୁଷ ଖେଳାଳି ହିସାବରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଲିମ୍ପିକ ରୌପ୍ୟ ବିଜୟିନୀ ପି.ଭି. ସିନ୍ଧୁ ମଧ୍ୟ ଏହି ସୁପର ୧୦୦୦ ଟୁର୍ନାମେଣ୍ଟରେ ବିଜୟ ଲାଭ କରିଛନ୍ତି। ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ଡେନମାର୍କର ଲିନେ କ୍ରିଷ୍ଟୋଫରସେନ୍‌ଙ୍କୁ ୨୧-୮, ୨୧-୮ରେ ପରାସ୍ତ କରିଛନ୍ତି। ମାତ୍ର ଏଚ୍.ଏସ୍. ପ୍ରଣୟ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାସ୍ତ ହୋଇଛନ୍ତି। ୨୦୧୯ରେ ୫ଟି ଟାଇଟଲ ଜିତିଥିବା ୧୯ ବର୍ଷୀୟ ଲକ୍ଷ୍ୟ ଫ୍ରାନ୍ସର ଥୋମାସ ରୋକ୍ସେଲଙ୍କୁ ୨୧-୧୮, ୨୧-୧୬ରେ ହରାଇ ଦେଇଛନ୍ତି। ୨୦୧୮ରେ ଏସିଆନ ଜୁନିୟର ଚାମ୍ପିୟନଶିପ୍ ଟାଇଟଲ, ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ଏବଂ ୟୁଥ ଅଲିମ୍ପିକ୍ ଗେମ୍ସରେ ରୌପ୍ୟ ଜିତିଥିବା ଲକ୍ଷ୍ୟ ବର୍ତ୍ତମାନ ଆୟର୍ଲାଣ୍ଡର ନିହାତ ନିଗୁୟେନ କିମ୍ବା ନେଦରଲାଣ୍ଡର କାଲ୍‌ଜୋଙ୍କୁ ଭେଟିବେ। ପ୍ରଣୟ କିନ୍ତୁ ବିଶ୍ୱର ନମ୍ବର ୱାନ ଜାପାନର କେଣ୍ଟୋ ମେମୋତାଙ୍କଠାରୁ ପରାଜିତ ହୋଇଛନ୍ତି। ଭାରତୀୟ ଖେଳାଳି ୧୫-୨୧, ୧୪-୨୧ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମିକ୍ସଡ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନ ପୋନାପ୍ପା ସେମାନଙ୍କ ଓପନିଂ ରାଉଣ୍ଡରେ ୟୁକି କାନେକୋ ଏବଂ ମିସାକି



ଲକ୍ଷ୍ୟ ସେନ୍

**ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍**

ମାତ୍ସୁମୋତୋଙ୍କଠାରୁ ୧୯-୨୧, ୯-୨୧ରେ ହାରିଯାଇଛନ୍ତି। ବୁଧବାର ରାତିରେ ଇଞ୍ଜୁରି ଯୋଗୁ ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ସାଇନା ନେହ୍ୱାଲ ତାଙ୍କ ଓପନିଂ ରାଉଣ୍ଡ ମ୍ୟାଚ ଅଧାରୁ ଓହରିଯାଇଥିଲେ। ସେତେବେଳେ ସେ ୭ମ ସିଡ୍ ମିଆ ବ୍ଲିଚ୍‌ଫେଲ୍ଡିଟ୍‌ଙ୍କଠାରୁ ୮-୨୧, ୪-୧୦ରେ ପଛୁଆ ରହିଥିଲେ।

# ଜାତୀୟ ଜୁନିୟର ସଫ୍ଟ ଟେନିସରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)**

ଗୁଜରାଟର ଅହମଦାବାଦଠାରେ ଚଳିତମାସ ୨୧ରୁ ୨୫ ପର୍ଯ୍ୟନ୍ତ ୧୫ତମ ଜାତୀୟ ଜୁନିୟର ଏବଂ ୧୪ତମ ସବ୍‌ଜୁନିୟର ସଫ୍ଟ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଚଳିତ ମାସ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ମନୋନୀତ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ ପ୍ରକାଶ କରିଛନ୍ତି। ଜୁନିୟର ବାଳକ ଦଳରେ ଅଧିନାୟକ ଅଜିତ ସାବର, ଲଛମନ ମୀନାକା, ବ୍ରଜ ହିମିରିକା, ରଜତ କୁମାର ରଇତା, ବାଦଲ ଜେନା ସ୍ଥାନ ପାଇଛନ୍ତି। ସେହିପରି ସବ୍‌ଜୁନିୟର ବାଳକ ଦଳରେ ରାହୁଲ ନାଥ, ସ୍ୱୟମଜିତ ବରାଳ, ବାସୁଦେବ ସିଂ ଏବଂ ବାଳିକା ଦଳରେ ଉମା ଗିରି, ସଙ୍ଗୀତା ଭଞ୍ଜ, କାଞ୍ଚନ ସିଂ, ପ୍ରତିରକ୍ଷା ବଳ, ବଉଳ ଭଞ୍ଜ ସାମିଲ ହୋଇଛନ୍ତି। ମ୍ୟାନେଜର ଭାବେ ମହମ୍ମଦ ଅନସାର ଉଲ୍ ହକ୍, ଅନସୂୟା ବାରିକ ଏବଂ ଅମ୍ପାୟର ମହମ୍ମଦ ଅମନ୍ ଦଳ ସହ ଅହମଦାବାଦ ଯାତ୍ରା କରିଛନ୍ତି।





ଜାତୀୟ ଜୁନିୟର ଓ ସବ୍‌ଜୁନିୟର ସଫ୍ଟ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

# ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ

**ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ**

୩-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସରୋଜିନୀ ତିର୍କୀ ୩୯, ସୁପ୍ରିୟା ରାଉତରାୟ ୭୦ ଓ ତାରା ଖାତୁନ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ସାଇ ଏସଟିସି-ଓଡ଼ିଶା ପୋଲିସ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଓଡ଼ିଶା ପୋଲିସ ପକ୍ଷରୁ କରିସ୍ମା ଓରାମ ୮ମ ମିନିଟରେ ଗୋଲ ଦେଇଥିବାବେଳେ ସାଇର ଇଭା ପାନ୍ନା ୭୩ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୪-୨ ଗୋଲରେ କ୍ରୀଡ଼ା ଛାତ୍ରାବାସ ଦଳକୁ ପରାସ୍ତ କରିଛି। ରାଇଜିଂର ଅଧିନାୟିକା ସତ୍ୟବତୀ ଖାଡ଼ିଆ ୮ମ ଓ ୪୫ତମ ମିନିଟରେ ୨ଟି ଓ ଯଶୋଦା ମୁଣ୍ଡା ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। କ୍ରୀଡ଼ା ଛାତ୍ରାବାସର ସାଲେଗା ମାଝି ଏକ ଆତ୍ମଘାତୀ ଗୋଲ ଦେଇଥିବାବେଳେ ସୁସ୍ମିତା ତନ୍ତି ୩୧ ଓ ସଙ୍ଗୀତା ଦାସ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।





ରାଇଜିଂ ଷ୍ଟୁଡେଣ୍ଟ ଏବଂ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପ୍ରତିକୂଳ ପ୍ରଭାବକୁ ଦୂର କରିଛି ସକାରାତ୍ମକତା



**୨୦୨୦ ନିଶ୍ଚିତ ଭାବେ ଆହ୍ବାନର ବର୍ଷ ଥିଲା। ତେବେ ଏହା ସେପରି କ୍ଲିଷ୍ଟ ବର୍ଷ ନ ଥିଲା ବୋଲି ପ୍ରମାଣିତ କରିଛି ସ୍କାଏ ଅଟୋମୋବାଇଲ୍ସ। ଏହି ବ୍ୟବସାୟିକ ପ୍ରତିଷ୍ଠାନ ଅଟୋମୋବାଇଲ୍ ଡିଲରଶିପ୍ କ୍ଷେତ୍ରରେ ନୂଆ ଟ୍ରେଣ୍ଡ୍ ସେଟର୍ ପାଲଟିଛି। କରୋନା ଲକ୍‌ଡାଉନ୍ ବେଳେ କାମ କରିବାର ନିଆରା ଶୈଳୀ ଏହି ସଫଳତା ଆଣିଦେଇଛି। ମହାମାରୀରେ ବି କମ୍ପାନୀ କିପରି ବାଉନ୍ସବ୍ୟାକ୍ କରିଥିଲା ସେନେଇ ଧରିତ୍ରୀ ସହ ଶେୟାର କରିଛନ୍ତି ସ୍କାଏ ଅଟୋମୋବାଇଲ୍ସ (ଓଡ଼ିଶା ଏବଂ ଛତିଶଗଡ଼) ମ୍ୟାନେଜିଂ ପାର୍ଟନର ଅବିନାଶ ସିଂଘାନିଆ।**

■ ଲକ୍‌ଡାଉନ୍ ବେଳେ କମ୍ପାନୀର ଗ୍ରାହକ ହୋଇସାରିଥିବା ଏବଂ ହେବାକୁ ଆଗ୍ରହୀ ଥିବା ଲୋକଙ୍କ ସହ ନିରନ୍ତର ଯୋଗାଯୋଗ ରକ୍ଷା କରିବା ଡିଲରଶିପ୍ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା। ଏହାସହ ଟିମ୍‌ର ଉତ୍ସାହ ଅବ୍ୟାହତ ରଖି ସେମାନଙ୍କୁ ମାନସିକ ସ୍ତରରେ ସୁଦୃଢ଼ ରଖିବା ମଧ୍ୟ ସହଜ ନ ଥିଲା। ତେବେ ଲକ୍‌ଡାଉନ୍ ପୂର୍ବ ଏବଂ ପରବର୍ତ୍ତୀ ସମୟରେ ଅତ୍ୟାଧୁନିକ ଟେକ୍ନୋଲୋଜି ତଥା ସକାରାତ୍ମକ ଚିନ୍ତାଧାରାକୁ ନେଇ ଆମେ କୋଭିଡ୍-୧୯ର ପ୍ରତିକୂଳ ପ୍ରଭାବକୁ ଦୂର କରିବାରେ ସଫଳ ହୋଇପାରିଛୁ।

■ ଷ୍ଟାଫ୍ ୱେଲ୍‌ଫେୟାର ପ୍ରୋଗ୍ରାମ ମାଧ୍ୟମରେ କର୍ମଚାରୀଙ୍କ ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରି ଆମ ଡିଲରଶିପ୍ ଏକ ଆଦର୍ଶ ସୃଷ୍ଟି କରିପାରିଛି। କର୍ମକ୍ଷେତ୍ରରେ ନିଃଶୁଳ୍କ କୋଭିଡ୍-୧୯ ପରୀକ୍ଷା, ଠିକ୍ ସମୟରେ ଦରମା, ନିୟମିତ ବୋନସ୍ ଓ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ସ୍କାଏ ଅଟୋମୋବାଇଲ୍ସ ସମଗ୍ର ଉଦ୍ୟୋଗକୁ ଏକ ବାର୍ତ୍ତା ପ୍ରେରଣ କରିଥିଲା ଯେ ବିଶ୍ୱସ୍ତ ଏବଂ ଉତ୍ସାହୀ କର୍ମଚାରୀ ହିଁ ଗୋଟିଏ ସଂସ୍ଥାର ପ୍ରକୃତ ସମ୍ପତ୍ତି। ମହାମାରୀରେ ହ୍ୱାଟ୍ସଆପ୍, ଗୁଗଲ ଡୁଓ ଏବଂ ଜୁମ୍ ମିଟିଂ ପରି ମୋବାଇଲ ଆପ୍ ଗ୍ରାହକ ଓ କର୍ମଚାରୀଙ୍କ ସହ ଅବିଚ୍ଛିନ୍ନ ଯୋଗାଯୋଗ ରଖିବାରେ ସହାୟକ ହୋଇଥିବାରୁ ଏଗୁଡ଼ିକୁ ଧନ୍ୟବାଦ।

■ ମହାମାରୀ ସ୍ଥିତିର ମୁକାବିଲା କରିବା ଏବଂ ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି କର୍ମଚାରୀମାନଙ୍କୁ ସଚେତନ ତଥା ସତର୍କ କରିବା ପାଇଁ ଯୋଗସୂତ୍ରର ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିଥିଲୁ। ମହାମାରୀ ବେଳେ ଆରୋଗ୍ୟ ସେତୁ ଏବଂ ମାରୁତିର ସ୍ୱତନ୍ତ୍ର ଆଣ୍ଡ୍ରଏଡ୍ ଆପ୍ ୱେଲ୍‌ନେସ୍ ମିତ୍ର ଷ୍ଟାଫଙ୍କୁ ନିରାପଦ ରଖିବା ସହ ସ୍ଥିତି ସମ୍ପର୍କରେ ଅପ୍‌ଡେଟ ରହିବାରେ ସହାୟକ ହୋଇଥିଲା। ଏକକାଳୀନ ସାମାଜିକ ଦୂରତ୍ୱ ଓ ବ୍ୟାବସାୟିକ ନିରନ୍ତରତା ରକ୍ଷା କରିବା ଲାଗି ସ୍କାଏ ଅଟୋମୋବାଇଲ୍ସ ସିଆର୍‌ଏମ୍ ଏବଂ ଗୁଗ୍‌ଲ ଡ୍ରାଇଭ ପରି ଟେକ୍ନୋଲୋଜି ବ୍ୟବହାର କରି ଦୂରରୁ କାର୍ଯ୍ୟ କରିବାର ଉପାୟ ଆପଣାଇଥିଲା।

■ କାର୍ ସର୍ଭିସିଂ ଓ ମରାମତି କ୍ଷେତ୍ରରେ ସୁବିଧା ଯୋଗାଇବା ଲାଗି ଆମେ ଡୋର୍-ଟୁ-ଡୋର୍ ସର୍ଭିସ ଅଭିଯାନ ଆରମ୍ଭ କରିଛୁ। ଗ୍ରାହକମାନଙ୍କୁ ୨୪ ଘଣ୍ଟିଆ ସେବା ଦେବା ପାଇଁ ୱାର୍କଶପ୍ ସମୟକୁ ବଢ଼ାଇ ଦିଆଯାଇଛି। ଏସବୁ ମଧ୍ୟରେ କୋଭିଡ୍-୧୯ ଯୋଦ୍ଧାଙ୍କୁ ସମର୍ଥନ ଯୋଗାଇବା ଡିଲରଶିପ୍‌କୁ ସବୁଠୁ ଅଧିକ ସନ୍ତୋଷ ଦେଇଥିଲା।

■ ବିକ୍ରି କ୍ଷେତ୍ରରେ ଦେଖିବାକୁ ଗଲେ, ମହାମାରୀ ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ଡିଲରଶିପ୍‌ର ଫଳାଫଳ ଖୁବ୍ ଭଲ ଆସିଥିଲା। ଭର୍ଚୁଆଲରେ ଯୋଗାଯୋଗ ଏବଂ କିଣାଯିବା ପରେ ଗ୍ରାହକଙ୍କ ଘରକୁ ଯାଇ ପ୍ରଦର୍ଶନ କରିବା ଏହି ସଫଳତାର ମନ୍ତ୍ର ଥିଲା। ଗ୍ରାମାଞ୍ଚଳକୁ ପ୍ରଭାବିତ କରିପାରୁଥିବା ସରପଞ୍ଚ ଏବଂ ପଞ୍ଚାୟତ ସମିତି ସଦସ୍ୟମାନଙ୍କୁ ସ୍ଥାନୀୟ ହାଟ ଓ ମଣ୍ଡିଗୁଡ଼ିକରେ ମାର୍କେଟିଂ କାର୍ଯ୍ୟ ଚାଲୁ କରିବା ଲାଗି ନିରନ୍ତର ନିବେଦନ କରାଯିବା ମଧ୍ୟ ସଫଳ ହୋଇଥିଲା। ଛୋଟ କାର୍ ବିକ୍ରିକୁ ପ୍ରୋତ୍ସାହିତ କରିବା, ଇକୋ-ଆମ୍ବୁଲାନ୍ସ ଯୋଗେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଯୋଗାଯୋଗ ରକ୍ଷା କରିବା ତଥା ଓଲା, ଉବେର, ଜୁମ୍ କାର୍ ଭଳି ସେବା ଦ୍ୱାରା ରୋଜଗାରହୀନ ପ୍ରବାସୀ ଲୋକଙ୍କୁ ନିଯୁକ୍ତି ଦେବା ଅଭାବ ଭିତରେ ସତେ ଯେପରି ଆଲୋକ ଦେଖାଇଥିଲା।

■ ଯଦିଓ ୨୦୨୦-୨୧ ଆର୍ଥିକବର୍ଷର ପ୍ରଥମ ଏବଂ ଦ୍ୱିତୀୟ ତ୍ରୈମାସିକ ସମୟ ବିପର୍ଯ୍ୟୟ ମଧ୍ୟରେ ରହିଥିଲା, ତୃତୀୟ ତ୍ରୈମାସିକ ବେଳକୁ ଆମେ ସଂଘର୍ଷ କରି ପୁଣି ପୂର୍ବସ୍ଥିତିକୁ ଫେରିବାରେ ସଫଳ ହୋଇପାରିଥିଲୁ। ୨୦୨୦ ଡିସେମ୍ବର ସୁଦ୍ଧା ଗତବର୍ଷ ତୁଳନାରେ ରିଟେଲ୍ ବିକ୍ରିରେ ପ୍ରାୟ ୪ ପ୍ରତିଶତ ଅଭିବୃଦ୍ଧି ହାସଲ କରି ଆର୍ଥିକ ସ୍ଥିତିରେ ଦେଖାଯାଇଥିବା ଅସମାନତା ବା ଅନ୍ତରକୁ ଆମେ କିଛି ପରିମାଣରେ କମାଇବାରେ ସଫଳ ହୋଇଥିଲୁ। ତଥାପି ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ଆମ କମ୍ପାନୀ ୨୦୧୯-୨୦ ଆର୍ଥିକ ବର୍ଷର ସଫଳତା ଫେରିପାଇବାକୁ ଲକ୍ଷ୍ୟ ରଖିଛି।

# ସ୍କ୍ରାପ୍ ନୀତିର ଗ୍ରହଣୀୟତା ସହଜ ନୁହେଁ



**କୋଭିଡ୍ ମହାମାରୀ ଓ ମାନ୍ଦାବସ୍ଥା ଭଳି ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି ଭାରତୀୟ ଅଟୋ ନିର୍ମାତା। ଏହାସତ୍ତ୍ୱେ ଅଟୋ ମେକର ଏବଂ ଡିଲରମାନେ ନିଜ ମନୋବଳ ଦୃଢ଼ କରି ପୁଣି ଥରେ ଫେରିଛନ୍ତି କାରବାରକୁ। ଧରିତ୍ରୀ ସହ ସାକ୍ଷାତ୍କାର ବେଳେ ମହାମାରୀଜନିତ ଆହ୍ୱାନ ସମ୍ପର୍କରେ ନିଜ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଛନ୍ତି ଆଦିତ୍ୟ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର।**

**■ ମହାମାରୀ ସମୟରେ ଆଦିତ୍ୟ ଗ୍ରୁପ୍ କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି ?**

ମାର୍ଚ୍ଚରେ ଲକ୍‌ଡାଉନ୍ ଘୋଷଣା ହେବାରୁ ଆମେ ଆର୍ଥିକ ବର୍ଷ ଶେଷ ପୂର୍ବରୁ ପ୍ରସ୍ତୁତ କରିଥିବା ଯୋଜନା ସବୁ କାର୍ଯ୍ୟକାରୀ କରି ପାରିଲୁ ନାହିଁ। ବହୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛୁ। କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ ପାଇଁ ସୁବିଧା ଯୋଗାଇଦେବା ମଧ୍ୟ ଚ୍ୟାଲେଞ୍ଜ ଥିଲା। ଆମେ ୧୧୦୦ ଜଣଙ୍କୁ କର୍ମନିଯୁକ୍ତି ଦେଇଛୁ ଏବଂ ସେମାନଙ୍କ ସୁରକ୍ଷା ଆମର କର୍ତ୍ତବ୍ୟ। ୨୦୨୦ ସେପ୍ଟେମ୍ବର ପରେ ୭୦% ବ୍ୟବସାୟ କରିବାକୁ ସକ୍ଷମ ହୋଇଥିଲୁ। ଅକ୍ଟୋବର ପରେ ହିଁ କାରବାର ସୁଧୁରିବା ଆରମ୍ଭ ହୋଇଥିଲା। କିନ୍ତୁ ଆମେ ବ୍ୟାଙ୍କର ସୁଧ ଦେବା କ୍ଷେତ୍ରରେ ମାତ୍ର ୪-୫ ମାସର ରିହାତି ପାଇଥିଲୁ।

**■ କୋଭିଡ୍- ୧୯ ଷ୍ଟ୍ରେନ୍ ପୁଣି ଦେଖାଗଲାଣି। କ'ଣ ପୂର୍ବାନୁମାନ କରୁଛନ୍ତି ?**

ହଁ, ଆମେ ସେ ସମ୍ପର୍କିତ ଖବର ଦେଖୁଛୁ ଆଉ ଶୁଣୁଛୁ। କିନ୍ତୁ ଆମ ସରକାର କୋଭିଡ୍-୧୯ ପରିସ୍ଥିତିକୁ ବେଶ୍ ଭଲଭାବରେ ପରିଚାଳନା କଲେ। ମୁଁ ନିଶ୍ଚିତ ଯେ ରାଜ୍ୟ ସରକାର ସଂକ୍ରମଣ ରୋକିବାକୁ ସୁରକ୍ଷିତ ଉପାୟ ଗ୍ରହଣ କରିବେ। କିନ୍ତୁ ପୂର୍ବ ସ୍ଥିତି ପୁଣି ଆସିଲେ ଆମ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିବ।

**■ ଗ୍ରାହକମାନଙ୍କର କିଣାକିଣି ଶୈଳୀରେ କିଛି ପରିବର୍ତ୍ତନ ହୋଇଛି କି ?**

ଆମେ ବର୍ତ୍ତମାନ ସମସ୍ତ ମାଧ୍ୟମରେ ଗ୍ରାହକଙ୍କଠାରୁ ଅର୍ଡର ପାଉଛୁ। ଏବେ ଚାହିଦା ବଢ଼ିଲାଣି। ଗ୍ରାହକମାନେ ସେମାନଙ୍କ ଗାଡ଼ି ବଦଳ କରିବାକୁ ଚାହୁଁନାହାନ୍ତି, ବରଂ ସେମାନେ ଏଭଳି ଜରୁରିକାଳୀନ ପରିସ୍ଥିତି ଲାଗି ବିକଳ୍ପ ରଖିବାକୁ ଚାହୁଁଛନ୍ତି। ଯୋଗାଣ ପର୍ଯ୍ୟାପ୍ତ ରହିଲେ ଆମେ ଚାହିଦା ପୂରଣ କରିପାରିବୁ।

**■ ଆତ୍ମନିର୍ଭର ଅଭିଯାନ ସମ୍ପର୍କରେ ଆପଣଙ୍କ ମତ କ'ଣ ?**

ଏହି ଅଭିଯାନ ଉଦ୍ୟୋଗୀ ମନୋଭାବକୁ ବୃଦ୍ଧି କରି ଉଦ୍ୟୋଗୀମାନଙ୍କୁ ପ୍ରେରଣା ଦେବ। ଏବେ ମେକ୍ ଇନ୍ ଇଣ୍ଡିଆ ଗୋଟେ ସାଧାରଣ ବିଷୟ ନୁହେଁ, କାରଣ ଆମେ ଆମଦାନୀ ଉପରେ ନିର୍ଭରଶୀଳ। ତେଣୁ ଏହି ଅଭିଯାନ ସଫଳ ହେବାକୁ ଅନ୍ତତଃ ୧୦ ବର୍ଷର ଉଦ୍ୟମ ଲୋଡ଼ା।

**■ ଉଦ୍ୟୋଗୀମାନଙ୍କ ଲାଗି ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?**

ଆମ ରାଜ୍ୟରେ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଲାଗି ଉତ୍ତମ ନୀତି ରହିଛି। ବିପର୍ଯ୍ୟୟ ପରିଚାଳନା ପରିପ୍ରେକ୍ଷୀରେ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ନେଇ ମୁଁ ସନ୍ତୁଷ୍ଟ।

**■ ସ୍କ୍ରାପେଜ୍ ନୀତି କାର୍ଯ୍ୟକାରୀ କରିବା କେତେ ସହଜ ?**

ସ୍କ୍ରାପ୍ ନୀତି ଉପରେ ସରକାର ଏହି ବଜେଟରେ ପ୍ରସ୍ତାବ ଆଣିଛନ୍ତି। ଏହାକୁ ଗ୍ରହଣ କରିବା ଏତେ ସହଜ ନୁହେଁ। କୌଣସି ଏକ ଗାଡ଼ିକୁ ସ୍କ୍ରାପ୍ ବୋଲି ଘୋଷଣା କରିବା ହେଉଛି ପ୍ରଥମ ପଦକ୍ଷେପ। କିନ୍ତୁ ଏହାକୁ ସ୍କ୍ରାପ୍‌ରେ ପରିଣତ କରିବା ସେତେଟା ସହଜ ନୁହେଁ। ସ୍କ୍ରାପେଜ୍ ପଲିସିକୁ କାର୍ଯ୍ୟକାରୀ କରିବା ପାଇଁ ବିପୁଳ ନିବେଶ ଓ ଉତ୍ତମ ଭିତ୍ତିଭୂମି ଲୋଡ଼ା।

## ଫୁର୍‌ସତ୍

# ଏୟାରପୋର୍ଟରୁ ବିମାନ ଚୋରି

ଲୁଆଣ୍ଡା: ବିମାନ ବନ୍ଦରରୁ ବିମାନ ଚୋରି ଘଟଣା ସାଧାରଣ କଥା ନୁହେଁ। ଏଭଳି ଏକ ଘଟଣା ୨୦୦୩ ମେ' ୨୫ରେ ଆଙ୍ଗୋଲା ରାଜଧାନୀ ଲୁଆଣ୍ଡାର କ୍ୱାଟ୍ରୋ ଡି ଫେଭେରେରୋ ବିମାନ ବନ୍ଦରରେ ଘଟିଥିଲା। ବୋଇଂ ୭୨୭-୨୨୩ ବିମାନ ୨୫ ବର୍ଷ ଧରି ଆମେରିକାନ ଏୟାରଲାଇନ୍ସ ପାଇଁ ସେବା ଯୋଗାଇଥିଲା। ପରେ ଏହାକୁ ଲିଜ୍‌ରେ ନେଇଥିଲା ଟ୍ୟାଗ ଆଙ୍ଗୋଲା ଏୟାରଲାଇନ। ଆମେରିକାନ ପାଇଲେଟ୍ ତଥା ଫ୍ଲାଇଟ୍ ଇଞ୍ଜିନିୟର ବେନ ସି. ଏବଂ ଜନ ଏମ୍. ମୁଟାଣ୍ଟୁ ବିମାନ କକ୍‌ପିଟ୍‌ରେ ପ୍ରବେଶ କରିବା ପରେ ଲାଇଟ୍ ଅନ କରି ନ ଥିଲେ। କଣ୍ଟ୍ରୋଲ ଟାୱାର ସହିତ ବିନା କୌଣସି ଯୋଗାଯୋଗରେ ହିଁ ରନୱେରେ ପହଞ୍ଚିଥିଲା। ଏହାପରେ ଦକ୍ଷିଣ-ପଶ୍ଚିମ ଦିଗରେ ଆଣ୍ଟଲାଟିକ୍ ମହାସାଗରେ ଉପରେ ଟେକ୍‌ଅଫ୍ କରିଥିଲା ଏହି ବିମାନ। ଚୋରି ହେଲା ବେଳକୁ ସେଥିରେ ୫୩ ହଜାର ଲିଟର ଇନ୍ଧନ ଥିଲା। ଆମେରିକାର ତଦନ୍ତକାରୀ ସଂସ୍ଥା ବିଭିନ୍ନ ଦେଶରେ ଏହି ବିମାନ ପାଇଁ ସର୍ଚ୍ଚ ଅପରେଶନ କରିଥିଲେ ମଧ୍ୟ କୌଣସି ସଫଳତା ମିଳି ନ ଥିଲା।



# ଉର୍ବଶୀ ପିଉଛନ୍ତି 'ବ୍ଲାକ୍ ୱାଟର'

ନିଜ ଗ୍ଲାମରସ୍ ଲୁକ୍‌କୁ ନେଇ ଚର୍ଚ୍ଚାରେ ରହିଥାନ୍ତି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌଟେଲା। ଏବେ କିନ୍ତୁ ଆଉ ଏକ କାରଣକୁ ନେଇ ସେ ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ ଉର୍ବଶୀଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ସେ ତାଙ୍କର ଏକ ତାମିଲ ଫିଲ୍ମର ଶୁଟିଂ ଶେଷ କରି ଦିଲ୍ଲୀ ଫେରିଥିଲେ। ଏହି ଅବସରରେ ଉର୍ବଶୀ କଳାରଙ୍ଗର ଏକ ଜିନ୍ସ ସହ ଟପ୍ସ ପିନ୍ଧିଥିଲେ। ସେହି ସମୟରେ ସେ ଧରିଥିବା ଏକ ପାଣି ବୋତଲକୁ ନେଇ ଚର୍ଚ୍ଚା ହେଉଛି। ଉର୍ବଶୀଙ୍କ ହାତରେ 'ବ୍ଲାକ୍ ୱାଟର'ର ଏକ ବୋତଲ ଥିଲା। ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଏହି ପାଣି ପିଇଥାନ୍ତି। ଏହି ପାଣିର ଲିଟର ପିଛା ମୂଲ୍ୟ ୩ରୁ ୪ ହଜାର ଟଙ୍କା। ନିଜ ବିୟୁଟିକୁ ନେଇ ବେଶ୍ ସଚେତନ ଉର୍ବଶୀ ମଧ୍ୟ ବ୍ଲାକ୍ ୱାଟର ପିଇଥାନ୍ତି ବୋଲି ଜଣାପଡ଼ିଛି। ଏହି ପାଣି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଆର୍ଦ୍ର ରଖିଥାଏ। କୋଭିଡ୍-୧୯ ମହାମାରୀବେଳେ ଲକ୍‌ଡାଉନ ଘୋଷଣା ହେବା ପରେ ବିରାଟ କୋହଲି ବ୍ଲାକ୍ ୱାଟର ପିଉଥିବା ଜଣାପଡ଼ିଥିଲା।

# ଶହେ କୋଟିର ଘର କିଣିଲେ ରିହାନା



ଭାରତରେ ଚାଲିଥିବା କିଷାନ ଆନ୍ଦୋଳନ ସମ୍ପର୍କରେ ଟୁଇଟ୍ କରି ଚର୍ଚ୍ଚାକୁ ଆସିଥିବା ଅନ୍ତର୍ଜାତୀୟ ପପ୍ ଷ୍ଟାର ରିହାନା ଏବେ ନିଜ ଘରକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ରିହାନା ୧୩.୮ ମିଲିୟନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୦୦ କୋଟି ଟଙ୍କାରେ ଏକ ବିଳାସମୟ ଘର କିଣିଛନ୍ତି।

ରିହାନାଙ୍କ ଏହି ଘର ଆମେରିକାର କାଲିଫର୍ନିଆସ୍ଥିତ ବେଭର୍ଲି ହିଲ୍‌ସ ସହରରେ ଅବସ୍ଥିତ। ଏହି ହିଲ୍‌ସ ଅଞ୍ଚଳରେ କେତେକ ହଲିଉଡ୍ କଳାକାରଙ୍କ ଘର ମଧ୍ୟ ରହିଛି। ଏହି ସହରକୁ ଆମେରିକାର ସବୁଠୁ ଦାମୀ ସହର କୁହାଯାଏ। ୧୯୩୦ରେ ଏହି ଅଞ୍ଚଳ ୨୧,୯୫୮ ସ୍କୋୟାର ଫୁଟ୍ ଥିଲା। ୫ ବେଡ୍‌ରୁମ୍ ବିଶିଷ୍ଟ ଏହି ମହଲରେ ୭ଟି ବାଥ୍‌ରୁମ୍ ରହିଛି।

ଏଠାରେ ପାରମ୍ପରିକ ସାମଗ୍ରୀ ସବୁ ଦେଖିବାକୁ ମିଳେ। ଏହି ମହଲରେ ଏୟାର ସେଣ୍ଟ୍ରାଲ କୋର୍ଟୟାର୍ଡ, ଟେରେସ, ପୁଲ୍, ସ୍ପା ଏବଂ ଫାୟାରପିଟ୍‌ସ ଆଦିର ସୁବିଧା ରହିଛି। ରିହାନାଙ୍କ ରୋଷେଇ ଘର ବହୁତ ସୁନ୍ଦର। ତାଙ୍କ କିଚେନ ଗାର୍ଡେନ ଟେକ୍ନୋଲୋଜି ଏବଂ ଇକ୍ୱିପମେଣ୍ଟ୍‌ସ ଏବଂ ଏହାର ସ୍ଥାନ ବହୁତ ଅଧିକ। ରିହାନା ଏହି ଘରକୁ ୨୦୧୬ ମସିହାରେ କିଣିଥିଲେ। ଏହା ପରେ ସେ ଏହି ମହଲକୁ ବହୁତ ପରିବର୍ତ୍ତନ କରିଦେଇଛନ୍ତି। ଏହି ମହଲର ଭିତରକୁ ଧଳା କାଚ ଏବଂ କଳା କାଚରେ ସଜେଇଛନ୍ତି। ମହଲରେ ଗୋଟିଏ ବେଟ୍ ବାର ବି ରହିଛି। ଲିଭିଂ ରୁମ୍ ଏବଂ ଲାଉଞ୍ଜ ରୁମ୍ ସୁନ୍ଦର ଜାଗାରେ ରହିଛି। ରିହାନା ନିଜର ମ୍ୟୁଜିକ୍ କ୍ୟାରିୟର ବ୍ୟତୀତ ମେକଅପ୍ ବ୍ରାଣ୍ଡର ଫ୍ୟାଟି ବ୍ୟୁଟି ଏବଂ ଲଗ୍‌ଜରୀ ବ୍ରାଣ୍ଡ ଜରିଆରେ ବହୁତ ପଇସା ରୋଜଗାର କରୁଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାନ୍ତି**
ଘର ନ. ୧୯୯, କାନନ ବିହାର, ଫେଜ-୨, ପଟିଆ, ଭୁବନେଶ୍ୱର - ୭୫୧୦୨୪
ଆବିର୍ଭାବ : ୧୨.୦୨.୧୯୫୦
ତିରୋଧାନ : ୦୯.୦୩.୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଏବଂ ଭଲପାଇବା ସଦା ସର୍ବଦା ଆମ୍ଭମାନଙ୍କର ଚିରସ୍ମରଣୀୟ ହୋଇ ରହିଥାଉ।
ଶୋକସନ୍ତପ୍ତ
ପତ୍ନୀ-ପ୍ରମିଳା, ପୁତ୍ର-କିଶୋର, ଶିଶିର
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୨୬୩

**ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରତିମା ମହାପାତ୍ର**
ଚିଉଲପୁର, ହିନ୍ଦୋଳ
ଆବିର୍ଭାବ: ୦୬।୦୬।୧୯୬୦
ତିରୋଧାନ: ୧୯।୦୩।୨୦
ଚାହୁଁ ଚାହୁଁ ଏକବର୍ଷ ବିତିଯାଇଥିଲେ ମଧ୍ୟ ଆମେ ତୋତେ କ୍ଷଣକ ପାଇଁବି ଭୁଲି ପାରୁନାହୁଁ। ତୋର ହସହସ ମୁହଁ ଏବେବି ଆଖି ଆଗରେ ନାଚି ଉଠୁଛି। ତୋ ନୀତି ଆଦର୍ଶ ଆମ ଜୀବନର ପଥପ୍ରଦର୍ଶକ ହେଉ। ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଉଗ୍ରେଶ୍ୱର ମହାଦେବଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ମହାପାତ୍ର ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୦୨୬୫

**ଶ୍ରଦ୍ଧା ସୁମନ**



**ସ୍ୱର୍ଗତ ଅନନ୍ତ କିଶୋର ପାତ୍ର**
ଆବିର୍ଭାବ: ତା.୦୩।୦୬।୧୯୪୩
ତିରୋଧାନ: ତା.୦୬।୦୩।୨୦୨୧
ଅନନ୍ତ କିଶୋର ପାତ୍ର ସ୍ମୃତି କମିଟି
ଶ୍ରୀରାମପୁର, ଯାଜପୁର ଟାଉନ୍
ଅଧ୍ୟକ୍ଷ- ଶ୍ରୀ ବୈକୁଣ୍ଠନାଥ ପତି,
ମହାସଚିବ- କାମେଶ୍ୱର ପଣ୍ଡା।
ଧ-୨୦୨୬୬

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ଅଧୀନ ବନାଯୋଡ଼ି ନିକଟରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜଣେ ମୃତକ ହେଲେ ବଡ଼ବିଲ ଅଞ୍ଚଳର ଅକ୍ଷୟ ନାୟକ। ଅନ୍ୟ ଜଣଙ୍କ ପରିଚୟ ମିଳି ପାରି ନାହିଁ। ଉଭୟ କେନ୍ଦୁଝରରୁ ବଡ଼ବିଲ ଅଭିମୁଖେ ୨୦ନଂ. ଜାତୀୟ ରାଜପଥରେ ଦ୍ରୁତଗତିରେ ଯାଉଥିବା ବେଳେ ରାସ୍ତାକଡ଼ ବାରିକେଡ୍‌ରେ ପିଟି ହୋଇଯାଇଥିଲେ।

# ‘ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସୁଯୋଗ ଅଛି’



କୃଷିମନ୍ତ୍ରୀଙ୍କ ଗହଣରେ ନବନିଯୁକ୍ତ ସହକାରୀ ମତ୍ସ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

### ୬୫ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତିପତ୍ର

ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ଏବଂ ରପ୍ତାନି ବୃଦ୍ଧିର ବ୍ୟାପକ ସୁଯୋଗ ରହିଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖିଥିବା ବେଳେ ମାଛଚାଷ ଏଥିରେ ସହାୟକ ହୋଇପାରୁଛି ବୋଲି କହିଛନ୍ତି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ। ଗୁରୁବାର ମଧ୍ୟାହ୍ନରେ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ଆୟୋଜିତ ‘କୃଷି ଓଡ଼ିଶା-୨୦୨୧’ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ୬୫ ଜଣ ନୂତନ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

ନିଜ ଅଭିଭାଷଣରେ ମନ୍ତ୍ରୀ କହିଲେ, ରାଜ୍ୟରେ ୪୮୦ କିଲୋମିଟର ଦୀର୍ଘ ସମୁଦ୍ର ଉପକୂଳ, ୬.୮୬ ଲକ୍ଷ ହେକ୍ଟର ମଧୁର ଜଳ, ୪.୧୮ ଲକ୍ଷ ହେକ୍ଟର ଲୁଣାପାଣି ଅଞ୍ଚଳ ରହିଛି। ପ୍ରାୟ ୧୪.୬୪ ଲକ୍ଷ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମତ୍ସ୍ୟ କ୍ଷେତ୍ର ସହିତ ଜଡ଼ିତ ଅଛନ୍ତି। ବୈଜ୍ଞାନିକ ପଦ୍ଧତିରେ ମାଛ ଉତ୍ପାଦନ ବଢ଼ାଇବା, ରପ୍ତାନି ବୃଦ୍ଧି କରିବା ସହ ଅଧିକରୁ ଅଧିକ ବୈଦେଶିକ ମୁଦ୍ରା ଅର୍ଜନ କରିବା ଆମର ଲକ୍ଷ୍ୟ। ଗତ ୨୦ ବର୍ଷରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ୨.୫୯ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ମତ୍ସ୍ୟ ରପ୍ତାନି ୩୭୯ କୋଟିରୁ ୩୨୪୩ କୋଟି ଟଙ୍କାକୁ ବଢ଼ିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ନବନିଯୁକ୍ତ ସହକାରୀ ମତ୍ସ୍ୟ ଅଧିକାରୀଙ୍କୁ କର୍ତ୍ତବ୍ୟ ପରାୟଣ ହେବାକୁ ସେ ପରାମର୍ଶ ଦେଇଛନ୍ତି। ବିଭାଗର କମିଶନର ଆର୍. ରଘୁପ୍ରସାଦ କହିଛନ୍ତି, ରାଜ୍ୟରେ ବିସ୍ତୃତ ଲୁଣା ଅଞ୍ଚଳରେ ମତ୍ସ୍ୟ ଉତ୍ପାଦନ ଏବଂ ରପ୍ତାନି ଲାଗି ଭରପୂର ସୁଯୋଗ ରହିଛି। ନବନିଯୁକ୍ତ ଅଧିକାରୀମାନେ ମତ୍ସ୍ୟସମ୍ପଦ ବିକାଶ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି କମିଶନର କହିଛନ୍ତି।

## ଭୟର ବାତାବରଣ ସୃଷ୍ଟି କରୁଛି ଟିଏମ୍‌ସି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

ପରାଜୟ ଭୟରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ହିଂସା ଏବଂ ଅରାଜକତା ରାସ୍ତା ଆପଣାଉଛି। ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରବେଳେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ପଶ୍ଚିମବଙ୍ଗର ଜନତା ପରିବର୍ତ୍ତନ ଚାହୁଁଛନ୍ତି, ଯାହାକୁ ସହ୍ୟ କରିପାରୁନାହାନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ତେଣୁ ନିର୍ବାଚନକୁ ୧୫ଦିନ ବାକି ଥିବାବେଳେ ଟିଏମସି ପକ୍ଷରୁ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଏ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କୁ ଅବଗତ କରାଯିବ। ହିଂସା ରୋକିବା ସହ ଅଧିକ ଅର୍ଦ୍ଧସାମରିକ ବଳ ନିୟୋଜିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଦାବି କରିଛନ୍ତି। ନନ୍ଦିଗ୍ରାମ ନିର୍ବାଚନମଣ୍ଡଳୀର ସୋନଚୁରାରେ ଧର୍ମେନ୍ଦ୍ର ନିର୍ବାଚନ ପ୍ରଚାର କରିବା ବେଳେ ଟିଏମ୍‌ସି କର୍ମୀମାନେ ପଥର ମାଡ଼ କରିଥିଲେ।

## ରାଜ୍ୟରେ ବନାଗ୍ନି ସ୍ଥିତି ଆୟତ୍ତାଧୀନ

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

ସରକାର ରାଜ୍ୟରେ ସୃଷ୍ଟି ହୋଇଥିବା ବନାଗ୍ନି ପରିସ୍ଥିତିକୁ ପ୍ରଶମିତ କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବନାଗ୍ନି ସ୍ଥିତି ଆୟତ୍ତାଧୀନ ଅଛି। ରାଜ୍ୟ ସରକାର ଜିଲା ପ୍ରଶାସନ ସହ ସମ୍ପର୍କ ରଖି ସ୍ଥାନୀୟ ସମ୍ପ୍ରଦାୟ, ଆଗ୍ନିକ ଓ ପିଆର୍‌ଆଇ କର୍ମଚାରୀଙ୍କ ସହଯୋଗକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଇଲାକାର ଅଗ୍ନିପ୍ରବଣ ଅଞ୍ଚଳ ସହ ହଟ୍‌ସ୍ପଟ ଗୁଡିକରେ ବନାଗ୍ନିର ବିସ୍ତାରକୁ ରୋକିବା ପାଇଁ ସମ୍ପୂର୍ଣ୍ଣ ସଜାଗ ଓ ସତର୍କ ରହିବାକୁ ବନଖଣ୍ଡ ଅଧିକାରୀ ଏବଂ ଆଞ୍ଚଳିକ ବନସଂରକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଠିତ ଟାକ୍ସ ଫୋର୍ସ ନିକଟ ଅତୀତରେ ଶିମିଳିପାଳ ପରିଦର୍ଶନରେ ଯାଇ ବନଅଧିକାରୀ ଓ ସ୍ଥାନୀୟ ସମ୍ପ୍ରଦାୟଗୁଡିକ ସହ ଆଲୋଚନା କରିଛନ୍ତି। ବର୍ତ୍ତମାନ ମଧ୍ୟ ଟାକ୍ସଫୋର୍ସ ଚନ୍ଦକା ଜଙ୍ଗଲରେ କ୍ରମାଗତ ଅଗ୍ନି କିମ୍ବା କୌଣସି ବନ୍ୟଜନ୍ତୁ ମୃତାହତ ହେବା ଦୃଷ୍ଟି ଗୋଚର ହୋଇନାହିଁ। ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ରାଜ୍ୟ ବନବାହିନୀ ମୁଖ୍ୟ ଓ ଟାକ୍ସଫୋର୍ସର ଅଧ୍ୟକ୍ଷ ବୁଧବାର ବନଖଣ୍ଡ ଅଧିକାରୀ ଓ ଆଞ୍ଚଳିକ ବନସଂରକ୍ଷକଙ୍କ ସହ ବନାଗ୍ନି ସ୍ଥିତିର ସମୀକ୍ଷା କରିଥିଲେ।

## ଜାଲରେ ପଡ଼ିଲା ବିରଳ ପ୍ରଜାତିର ପ୍ରାଣୀ

ଭଦ୍ରକ ଅଫିସ, ୧୮।୩

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଖଦାଳପୋଖରୀ ପଞ୍ଚାୟତ ସୁନାରୀପୋଖରୀଠାରେ ଗୁରୁବାର ଏକ ବିରଳ ପ୍ରଜାତିର ପ୍ରାଣୀ ଉଦ୍ଧାର କରାଯାଇଛି। ଗ୍ରାମର ମତ୍ସ୍ୟଜୀବୀମାନେ ଏକ କେନାଲରେ ଜାଲ ପକାଉଥିବା ବେଳେ ଏହି ପ୍ରାଣୀ ଜାଲରେ ପଡ଼ିଥିଲା। ଏହାର ଲମ୍ବା ଲାଞ୍ଜ ଥିବାବେଳେ ଉପର ଭାଗରେ ଏକ ଖୋଳପା ରହିଛି। ଓଜନ ପ୍ରାୟ ୫୦୦ ଗ୍ରାମ ହେବ ବୋଲି ଜଣାପଡ଼ିଛି। ଏହାକୁ ଦେଖିବାକୁ ସେଠାରେ ଆଖପାଖ ଗ୍ରାମର ଲୋକଙ୍କ ଭିଡ଼ ଜମିଥିଲା। ବନ ବିଭାଗ ପରାମର୍ଶ କ୍ରମେ ମତ୍ସ୍ୟଜୀବୀମାନେ ଏହାକୁ କେନାଲରେ ଛାଡ଼ିଦେଇଥିବା କୁହାଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ରେଞ୍ଜର

ନୂଆପଡ଼ା ଅଫିସ/ରାୟଗଡ଼ା ଅଫିସ/ ଖଡ଼ିଆଳ, ୧୮।୩ (ଡି.ଏନ.ଏ.)

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଭିଜିଲାନ୍ସ ନୂଆପଡ଼ା ଜିଲା ଖଡ଼ିଆଳ ବନାଞ୍ଚଳ ରେଞ୍ଜର ସଦାନନ ସୁନାନୀଙ୍କ ବାସଭବନ ସହିତ ଏକାସାଙ୍ଗରେ ୬ଟି ସ୍ଥାନରେ ଚଢ଼ାଉ କରିଛି। ଜୟପୁର ଭିଜିଲାନ୍ସ ବିଭାଗ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ସୁନାନୀଙ୍କ ଖଡ଼ିଆଳସ୍ଥିତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରି ଆପତ୍ତିଜନକ କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ ଜବତ କରିଛି। ସେହିପରି ତାଙ୍କ ପୈତୃକ ବାସଭବନ ସିନାପାଲି ଥାନା ନିଲଜିଠାରେ ଥିବା ଭାଇଙ୍କ ଦୁଇ ମହଲା ଏବଂ ନେହେନାଠାରେ ଥିବା ଘରେ ଚଢ଼ାଉ କରି ବହୁ ପରିମାଣର ସୁନାଗହଣା ଜବତ କରିଛି। ନିଲଜି ଓ ନେହେନା ବାସଭବନରେ ଚଢ଼ାଉ କରି ଗୋଟିଏ ବୋଲେରୋ, ଜାଏଲୋ ଚାରିଚକିଆ ଗାଡ଼ି, ଟ୍ରାକ୍ଟର, ପିକ୍‌ଅପ୍ ଭ୍ୟାନ, ମୋଟରସାଇକେଲ ସହ ବହୁ ପରିମାଣର ସୁନାଗହଣା ଜବତ କରାଯାଇଛି। ସେହିପରି ରାୟଗଡ଼ା ଜିଲା ଭିଜିଲାନ୍ସ ଡିଏସ୍‌ପି ଅନନ୍ତ ପ୍ରସାଦ ମଲିକଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଦଳ ରାୟଗଡ଼ାସ୍ଥିତ କସ୍ତୁରୀନଗର ବାଲାଜି ଟାୱାରସ୍ଥିତ ସଦାନନଙ୍କ ଜ୍ୱାଇଁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବୀରେନ୍ଦ୍ର ଖରାଙ୍କ ବାସଭବନରେ ଚଢ଼ାଉ କରି ନଗଦ ଟଙ୍କା ସହ ଏଟିଏମ୍ ଓ କାଗଜାତ ଜବତ କରାଯାଇଛି। ଚଢ଼ାଉ ଜାରି ରହିଥିବା ବେଳେ କେତେ ସମ୍ପତ୍ତି ଜବତ ହୋଇଛି ତାହା ଏ ପର୍ଯ୍ୟନ୍ତ ଆକଳନ କରାଯାଇନାହିଁ। ଚଢ଼ାଉରେ ଇନ୍ସପେକ୍ଟର କଳାବତୀ ବାଗ, ଭୀମସେନ ପୂଝାରୀ ପ୍ରମୁଖ ସାମିଲ ଥିଲେ।

# କରୋନା ସମୟରେ ଆଶାକର୍ମୀଙ୍କ ଭୂମିକା ଅତୁଳନୀୟ

ବୌଦ୍ଧ,୧୮।୩(ସ୍ୱ.ପ୍ର.)

ବୌଦ୍ଧ ସହରର ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ଜିଲାସ୍ତରୀୟ ଆଶା ଓ ଅଙ୍ଗନୱାଡି କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତ୍ସ୍ନା ଭୋଇ ଓ ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇଥିଲେ । ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲାପାଳ ମିଶ୍ର ଗାଁଗୁଡିକରେ କୋଭିଡ ଭୂତାଣୁ ସଂକ୍ରମଣ ସମୟରେ ଏହାର ମୁକାବିଲା ପାଇଁ ଆଶାକର୍ମୀଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ସେବା ଅତୁଳନୀୟ ବୋଲି କହିଥିଲେ । ଏହି ଅବସରରେ ଚଳିତବର୍ଷ ନିମନ୍ତେ ଶ୍ରେଷ୍ଠ ଆଶା ଭାବେ ବୌଦ୍ଧ ବ୍ଲକର ସେବତୀ ମେହେର, ହରଭଙ୍ଗା ବ୍ଲକର ସସ୍ମିତା ଭୋକ୍ରା, କଣ୍ଟାମାଳ ବ୍ଲକର ଚିତ୍ରାବତୀ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀର ସହଭାଗିତା ବାର୍ତ୍ତାକୁ ନେଇ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ଜିଲାର ବହୁ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍ ତଥା ବହୁ ସରକାରୀ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ କୁଇଜ୍ ପ୍ରତିଯୋଗିତା, କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ମ୍ୟାଲେରିଆ ଅଧିକାରୀ ଡା. ମଦନମୋହନ ପ୍ରଧାନ, ଡା. ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ୍, ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ରୂପକ ମହାପାତ୍ର ଓ ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ । ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ସମ୍ମିଳନୀ ଅବସରରେ ପୁରସ୍କୃତ ଆଶାକର୍ମୀ ଓ ଅନ୍ୟମାନେ।




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମାର୍ଚ୍ଚ ୧୯/୨୦୨୧ Sambalpur, Friday, March 19/ 2021



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟର ସବ୍‌ଜୁନିୟର ବିଭାଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ବିଜୟୀ ହେବାପରେ ଉପ ଅଧିନାୟିକା ସୁମି ମୁଣ୍ଡାରୀ ଖେଳାଳିଙ୍କ ସହ ସେଲ୍‌ଫି ନେଉଛନ୍ତି। (ଫଟୋ: ବିକାଶ)

# ଓଡ଼ିଶାର କ୍ରମାଗତ ତୃତୀୟ ବିଜୟ



ସରିତା ମେହେର



ରସନାରା ପରବିନ



ମାଧୁରୀ ମେହେଟା



ମଧୁସ୍ମିତା ବେହେରା

**ଜାତୀୟ ସିନିୟର ଏକଦିବସୀୟ ମହିଳା କ୍ରିକେଟ**

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)**

ଉଭୟ ବୋଲିଂ ଓ ବ୍ୟାଟିଂରେ ଆକର୍ଷଣୀୟ ପ୍ରଦର୍ଶନ କରି ଓଡ଼ିଶା ସୁରଟ୍‌ର ସି.କେ. ପିଥାୱାଲା ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ସିନିୟର ଏକଦିବସୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଛତିଶଗଡ଼କୁ ୫ ଉଇକେଟରେ ପରାସ୍ତ କରିଛି। ଛତିଶଗଡ଼ ପକ୍ଷରୁ ଧାର୍ଯ୍ୟ ୧୪୯ ରନ ବିଜୟ ଲକ୍ଷ୍ୟକୁ ଓଡ଼ିଶା ୪୦.୧ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ମାର୍ଚ୍ଚ ୧୨ରେ ଝାଡ଼ଖଣ୍ଡଠାରୁ ପ୍ରଥମ ମ୍ୟାଚରେ ୫ ଉଇକେଟରେ ହାରିବା ପରେ ଓଡ଼ିଶାର ଏହା କ୍ରମାଗତ ତୃତୀୟ ବିଜୟ। ପରବର୍ତ୍ତୀ ୨ ମ୍ୟାଚରେ ଓଡ଼ିଶା ୯ ଉଇକେଟରେ ହାଇଦ୍ରାବାଦ ଏବଂ ୪୩ ରନରେ ତ୍ରିପୁରାକୁ ପରାସ୍ତ କରିଥିଲା। ୪ ଲିଗ୍ ମ୍ୟାଚ ଖେଳିବା ପରେ ଓଡ଼ିଶା ୧୨ ପଏଣ୍ଟ ସହ ଗ୍ରୁପ 'ଏ' ଟେବୁଲର ତୃତୀୟ ସ୍ଥାନରେ ରହିଛି। ସମାନ ପଏଣ୍ଟ ପାଇଥିଲେ ହେଁ ଉନ୍ନତ ରନ ହାର ଯୋଗୁ ହାଇଦ୍ରାବାଦ ଓ ଝାଡ଼ଖଣ୍ଡ ପ୍ରଥମ ଦୁଇ ସ୍ଥାନ ଅଧିକାର କରିଛନ୍ତି।

ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟିକା ମଧୁସ୍ମିତା ବେହେରାଙ୍କ ନିଷ୍ପତ୍ତି ଉଚିତ ସାବ୍ୟସ୍ତ ହୋଇଥିଲା। ଓଡ଼ିଶା ସ୍ପିନରଙ୍କୁ ମୁକାବିଲା କରି ନ ପାରି ଛତିଶଗଡ଼ ୪୯.୪ ଓଭରରେ ମାତ୍ର ୧୪୮ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ମନପ୍ରୀତ କୌର ସର୍ବାଧିକ ୩୨ ଓ ଐଶ୍ୱର୍ଯ୍ୟା ସିଂ ୨୫ ରନ କରିଥିଲେ। ଓଡ଼ିଶା ପକ୍ଷରୁ ମଧୁସ୍ମିତା ୩ଟି, ରସନାରା ପରବିନ ୩ଟି ଓ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଟପ୍ ଅର୍ଡରର ଭଲ ପ୍ରଦର୍ଶନ ଯୋଗୁ ୪୦.୧ ଓଭରରେ ୫ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ନେଇଥିଲା। ମାଧୁରୀ ମେହେଟା ୪୭, ସରିତା ମେହେର ୪୧ ରନ ସହ ଟପ୍ ସ୍କୋରର ରହିଥିଲେ। ପରାଜିତ ଦଳର ରିତୁ ମେଶ୍ରମ ଓ ମନପ୍ରୀତ କୌର ୨ଟି ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଖୋଲଭାଡ ଜିମଖାନା ଗ୍ରାଉଣ୍ଡରେ ଏହାର ଶେଷ ଲିଗ୍ ମ୍ୟାଚ ୨୦ ତାରିଖରେ ଗୁଜରାଟ ସହ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ଛତିଶଗଡ଼ ୪୯.୪ ଓଭରରେ ୧୪୮/ଅଲଆଉଟ (ମନପ୍ରୀତ କୌର-୩୨, ଐଶ୍ୱର୍ଯ୍ୟା ସିଂ ୨୫, ମଧୁସ୍ମିତା ବେହେରା ୬.୪-୦-୨୨-୩, ରସନାରା ପରବିନ ୧୦-୨-୧୭-୩, ସୁଶ୍ରୀ ଦିବ୍ୟଦର୍ଶିନୀ ୧୦-୦-୨୯-୨)। ଓଡ଼ିଶା ୪୦.୧ ଓଭରରେ ୧୫୨/୫(ମାଧୁରୀ ମେହେଟା-୪୭, ସରିତା ମେହେର-୪୧, ରିତୁ ମେଶ୍ରମ-୨/୩୬, ମନପ୍ରୀତ କୌର-୨/୨୩)।

ଟି୨୦ ବିଶ୍ୱକପ୍ ୨୦୨୨

# ୩ ଆଞ୍ଚଳିକ କ୍ୱାଲିଫାୟର୍ସ ସ୍ଥଗିତ

**ଦୁବାଇ, ୧୮।୩ (ପି.ଟି.):** ଅଷ୍ଟ୍ରେଲିଆରେ ହେବାକୁ ଥିବା ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୨, ଆଫ୍ରିକା ଓ ଏସିଆରେ ହେବାକୁ ଥିବା ୩ କ୍ୱାଲିଫାୟର୍ସକୁ ସ୍ଥଗିତ ରଖାଯାଇଛି। ଖେଳର ଗଭର୍ଣ୍ଣିଂବଡ଼ି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁବାର ସୂଚନା ଦେଇଛି। ଏପ୍ରିଲ ୩ରୁ ୯ ପର୍ଯ୍ୟନ୍ତ ବାହାରିନ, କୁଏଟ୍, ମାଳଦ୍ୱୀପ, କାତାର ଓ ସୌଦି ଆରବକୁ ନେଇ ହେବାକୁ ଥିବା ଏସିଆ ଏ' କ୍ୱାଲିଫାୟର୍ସ ବର୍ତ୍ତମାନ କୁଏଟ୍‌ରେ ଅକ୍ଟୋବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ନୂଆପ୍ରକାର କରୋନା ଭାଇରସର ସଂକ୍ରମଣ ବୃଦ୍ଧି ଯୋଗୁ ବହୁ ଅଂଶଗ୍ରହଣକାରୀ ଦେଶ କ୍ରୀଡ଼ା କାର୍ଯ୍ୟକଳାପକୁ ସୀମିତ କରିଛନ୍ତି। ଫଳରେ ଦଳଗୁଡ଼ିକ ଟ୍ରେନିଂ ପାଇଁ ଯଥେଷ୍ଟ ସମୟ ପାଇନାହାନ୍ତି। ପୁନଶ୍ଚ ଅଂଶଗ୍ରହଣକାରୀ ଦଳଗୁଡ଼ିକ ସେମାନଙ୍କ ଦେଶକୁ ଫେରିବା ପରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଚଳିତବର୍ଷ ଏପ୍ରିଲରେ ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ପୁରୁଷ ଟି୨୦ ବିଶ୍ୱକପ୍ ସବ୍-ରିଜିଓନାଲ ଆଫ୍ରିକା ଏ' ଓ ବି' କ୍ୱାଲିଫାୟର୍ସ ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ କରାଯିବା ଲାଗି ଧାର୍ଯ୍ୟ କରାଯାଇଛି।




# ଏନ୍‌ଟିଏଚ୍‌ର ଦ୍ୱିତୀୟ ବିଜୟ



ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ ଓ ତାମିଲନାଡୁ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଜାତୀୟ ଜୁନିୟର ଏକାଡେମୀ ମହିଳା ହକି**

**ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟର ସବ୍‌ଜୁନିୟର ବିଭାଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏନଟିଏଚ୍) ବିଜୟୀ ହୋଇଛି। ଗୁରୁବାର ଓଡ଼ିଶା ଦଳ ୮-୦ ଗୋଲରେ ଜୟ ଭାରତ ହକି ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲୁଟି ଇଲାନୀ ୨୨, ୩୭ ଓ ଅଧିନାୟିକା ମୁନମୁନି ଦାସ ୧୬ ଓ ୫୬ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ଅସିମା ରାଉତ ୨୬, ପ୍ରିୟା ଟପ୍ପୋ ୩୪, ସନ୍ଦମ ବାବିରାନି ୯ମ ଓ ସୁପ୍ରିୟା ଗୁଜୁର ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ବୁଧବାର ପ୍ରଥମ ମ୍ୟାଚରେ ଦଳ ମଧ୍ୟପ୍ରଦେଶ ହକି ଏକାଡେମୀକୁ ୫-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ଦିବସରେ ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଅଲିମ୍ପିଆନ ବିବେକ ସିଂ ହକି ଏକାଡେମୀ ୧୧-୦ରେ ତାମିଲନାଡୁ ହକି ଏକାଡେମୀ, ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ୭-୦ ଗୋଲରେ ଧ୍ୟାନ ଚାନ୍ଦ ହକି ଏକାଡେମୀ ଏବଂ ସାଇ ଏକାଡେମୀ ୫-୦ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀକୁ ହରାଇ ଦେଇଛି। ଜୁନିୟର ବିଭାଗରେ ଧ୍ୟାନଚାନ୍ଦ ହକି ଏକାଡେମୀ ୯-୧ ଗୋଲରେ ରାଜା କରନ ହକି ଏକାଡେମୀ, ଖାଲସା ହକି ଏକାଡେମୀ ଅମୃତସର ୯-୩ ଗୋଲରେ ସାଲ୍ୟୁଟ ହକି ଏକାଡେମୀ, ଘୁମାନହୀରା ରାଇଜର୍ସ ଏକାଡେମୀ ୪-୦ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ଏବଂ ସାଇ ଏକାଡେମୀ ୬-୦ ଗୋଲରେ ଜୟଭାରତ ହକି ଏକାଡେମୀକୁ ପରାସ୍ତ କରିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ କଦଳୀମୁଣ୍ଡା

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଆଦିବାସୀ ଯୁବକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ମାଁ ବସ୍ରେନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ମୁରିବାହାଲ ଓ କଦଳୀମୁଣ୍ଡା ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୨ଗୋଲରେ କଦଳୀମୁଣ୍ଡା ବିଜୟୀ ହୋଇଥିଲା। ଖେଳକୁ ଆଶୀର୍ବାଦ ସା, ଆଶିଷଦେବ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଅତିଥିଭାବେ ସରପଞ୍ଚ ସଂଘ ସଭାପତି ଗୋପୀନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ଭାଗବତ ନାଗ, ପତ୍ରାପାଲି(ଖ) ସରପଞ୍ଚ ଲିଙ୍ଗରାଜ ବାଗ, ମୁରିବାହାଲ ପଞ୍ଚାୟତ ନାଏବ ସରପଞ୍ଚ ମନୋଜ କୁମାର କର ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

### ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପିଇଓ

ଲାଠୋର, ୧୮।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତରେ ନୂଆ ନିର୍ବାହୀ ଅଧିକାରୀ କାର୍ଯ୍ୟରେ ଯୋଗଦେବା ନେଇ ଅଚଳାବସ୍ଥା ଦେଖାଦେଇଛି। ପୂର୍ବରୁ ଏଠାରେ ନିଯୁକ୍ତ ନିର୍ବାହୀ ଅଧିକାରୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏହିପରିଭାବରେ ତିନିମାସ ବିତି ଯାଇଥିବାରୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏଠାରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ରାଉତଙ୍କ ଫେବୃୟାରୀ ୯ ତାରିଖରେ ବଦଳି ପରେ ତାଙ୍କ ସ୍ଥାନରେ ମନୋଜ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଥିଲା। ୩ ମାସ ବିତିଯାଇଥିଲେ ହେଁ ରାଉତ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଫଳରେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସରପଞ୍ଚ ବିଜୟଲକ୍ଷ୍ମୀ ବାଗଙ୍କୁ ଏ ନେଇ ପଚାରିବାରୁ ୭ଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର ନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ସୁପାରିଶ କରାଯିବ ବୋଲି କହିଛନ୍ତି।

### ପ୍ରତିଶ୍ରୁତି ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଗଲା

ସଇଁତଳା, ୧୮।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ତାଲବାହାଲ ପଞ୍ଚାୟତ ଜଳଯୋଗାଣ ବିଭାଗରେ ସ୍ୱାବଲମ୍ବୀ କାରିଗର ଭାବେ କାର୍ଯ୍ୟ କରୁଥିବା ଭାସ୍କର ଛତ୍ରିଆ(୪୮)ଙ୍କୁ ବୁଧବାର ଅପରାହ୍ନରେ ଧୁନକେଡା-ପତ୍ରଫଡି ରାସ୍ତାରୁ ମୂମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଟିଟିଲାଗଡ ପଠାଯିବାକୁ ବ୍ୟବସ୍ଥା କରାଯାଉଥିବା ବେଳେ ପରିବାର ଲୋକେ କ୍ଷତିପୂରଣ ଦାବି କରି ହୋହାଲ୍ଲା କରିଥିଲେ। ମୃତଦେହକୁ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଉଥିଲେ। ବିଡିଓ ଦେବାଶିଷ ସାମଲ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ (୧) ପ୍ରଭାତ ସେଠି ସହାୟତା ପ୍ରତିଶ୍ରୁତି ଦେବା ପରେ ମୃତକଙ୍କ ପରିବାର ଲୋକେ ଧାରଣାରୁ ଓହରିଥିଲେ। ସଇଁତଳା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଥିଲା।

### ପୋଖରୀରେ ବୁଡି ଛାତ୍ର ମୃତ

ଅମରପାଲି, ୧୮।୩ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କଳାପଥର ଗ୍ରାମରେ ଗୁରୁବାର ପୋଖରୀରେ ବୁଡି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି । ମୃତ ବାଳକ ଜଣକ ହେଲେ ଗ୍ରାମର ରତ୍ନାକର ପ୍ରଧାନଙ୍କ ସାନ ପୁଅ ବିଷ୍ଣୁ (୧୨)। ସେ ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଗୁରୁବାର ସକାଳେ ଟିଉସନରୁ ଫେରି ବିଷ୍ଣୁ ନିଜ ସାଙ୍ଗମାନଙ୍କ ସହିତ ଗ୍ରାମର ଗୁଦୁରାବନ୍ଧ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ସେ ବୁଡି ଯାଇଥିଲେ । ଗ୍ରାମର ଯୁବକମାନେ ତାଙ୍କୁ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନା ଓ ପରେ ସୋନପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଜିଲା ବାର୍ ଆସୋସିଏଶନ ନିର୍ବାଚନ

ନୂଆପଡ଼ା ଅଫିସ,୧୮।୩ : ନୂଆପଡା ଜିଲା ବାର୍ ଆସୋସିଏଶନ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିରେ ପୂର୍ବତନ ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତି ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ଅନୁପ ଶର୍ମା, କୋଷାଧ୍ୟକ୍ଷ ଭାବେ ବିଶ୍ୱନାଥ ରଣା ନିର୍ବାଚିତ ହୋଇଛନ୍ତି। ଆସନ୍ତା ୨୭ତାରିଖରେ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବ।

# ଡାକ୍ତର ନିଯୁକ୍ତି ଦାବି ତେଜିଲା

ବରଗଡ଼ ଅଫିସ୍,୧୮।୩



ଭାଜପା କର୍ମୀ ଗାଇସିଲେଟ ବ୍ଲକ ଅଫିସରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀ ଅଧୀନ ଗାଇସିଲେଟ ବ୍ଲକରେ ସ୍ୱାସ୍ଥ୍ୟସେବା ଭୁସୁଡ଼ି ପଡ଼ିଛି। ଡାକ୍ତର ନ ଥିବାରୁ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗୁରୁବାର ଭାଜପା ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହିତ ଗାଇସିଲେଟ ବ୍ଲକରେ ତାଲାବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ବ୍ଲକ ହେଡ୍‌କ୍ୱାର୍ଟରରେ ଥିବା ସମସ୍ତ ସରକାରୀ ଅଫିସରେ ତାଲା ପକାଯାଇଥିବାରୁ ସରକାରୀ କାର୍ଯ୍ୟ ଠପ୍ ପଡ଼ି ଯାଇଛି ।

ପ୍ରକାଶ ଯେ, ଗାଇସିଲେଟ ବ୍ଲକର ଗାଇସିଲେଟ, ତାଲପାଲି, ଶରଧାପାଲି ଏବଂ କେର୍ମେଲିରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଗାଇସିଲେଟ ଏବଂ ଶରଧାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ହୋଇଥିବାବେଳେ ଶରଧାପାଲି ଓ କେର୍ମେଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଅଟେ । କେବଳ ଗାଇସିଲେଟ ସିଏଚ୍‌ସିରେ ଜଣେ ମାତ୍ର ଡାକ୍ତର ଥିବାବେଳେ ଅବଶିଷ୍ଟ ୩ଟି

**ସରକାରୀ ଅଫିସରେ ତାଲା ପକାଇ ବିକ୍ଷୋଭ**

ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୂନ୍ୟ ହୋଇ ପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ହଟହଟା ହେଉଛନ୍ତି। ଏ ସମ୍ପର୍କରେ ଗତ ୧୦ତାରିଖରେ ଭାଜପାର ଏକ ପ୍ରତିନିଧି ଦଳ ଗାଇସିଲେଟ ବିଡ଼ିଓଙ୍କୁ ଭେଟି ଡାକ୍ତର ନିଯୁକ୍ତି ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଥିଲେ। ଡାକ୍ତର ନିଯୁକ୍ତି କରା ନ ଗଲେ ସରକାରୀ ଅଫିସ ଗୁଡ଼ିକରେ ତାଲା ପକାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଥିଲେ। ଏପର୍ଯ୍ୟନ୍ତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ନିଯୁକ୍ତି କରାଯାଇ ନ ଥିବାରୁ ଭାଜପା ନେତୃତ୍ୱରେ ସ୍ଥାନୀୟ ଲୋକେ ଗାଇସିଲେଟ ବ୍ଲକ ସଦର ମହକୁମାରେ ଥିବା ସମସ୍ତ ସରକାରୀ ଅଫିସରେ ତାଲା ପକାଇଛନ୍ତି । ଫଳରେ ବ୍ଲକ, ତହସିଲ ଅଫିସ ସମେତ ବିଇଓ, ରାଜସ୍ୱ ନିରୀକ୍ଷକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ଅଫିସ୍ କାର୍ଯ୍ୟ ବନ୍ଦ ରହିଛି। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ପ୍ରବୀଣ ପାଣିଗ୍ରାହୀ, ସନତ ଗଡ଼ତିଆ, ଅମିତ ପଣ୍ଡା, ଅବନୀ ପଣ୍ଡାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏବଂ ସ୍ଥାନୀୟ ଲୋକେ ଏଥିରେ ସାମିଲ ହୋଇଥିଲେ।

## ଅଙ୍ଗ କେନାଲ ନିକଟରୁ ମିଳିଲା ଯୁବକଙ୍କ ମୃତଦେହ

ଲୋଇସିଂହା,୧୮।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ଅଙ୍ଗ କେନାଲ ନିକଟରୁ ଗୁରୁବାର ଆପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ଲୋଇସିଂହା ପୋଲିସ। ମୃତକ ହେଲେ ଶଙ୍ଖୁଆ ଗ୍ରାମର ଲକ୍ଷ୍ମଣ ନାଏକ(୩୮)। ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ମୃତ୍ୟୁର କାରଣ ଜଣାପଡିନାହିଁ। ପ୍ରାଥମିକଭାବେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୧) ରୁଜୁ କରାଯାଇଥିବା ଆଇଆଇସି ଲଳିତା ଲାକ୍ରା ଓ ସାଲେଭଟା ଫାଣ୍ଡି ଅଧିକାରୀ ଆର୍ତ୍ତତ୍ରାଣ ସାହୁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଲକ୍ଷ୍ମଣ ବୁଧବାର ସ୍ଥାନୀୟ ପଞ୍ଚାୟତରୁ ପିଡିଏସ ଚାଉଳ ଆଣି ଘରେ ଦେବା ପରେ ଗାଧୋଇବାକୁ ଯାଉଥିବା କହିଥିଲେ। ହେଲେ ସନ୍ଧ୍ୟା ଯାଏ ସେ ଘରକୁ ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ଗୁରୁବାର ପୂର୍ବାହ୍ନରେ ପରିବାର ଲୋକେ ଲୋଇସିଂହା ଥାନାକୁ ଯାଇ ଲକ୍ଷ୍ମଣଙ୍କ ନିଖୋଜ ସମ୍ପର୍କରେ ଜଣାଇଥିଲେ। ଏହାର କିଛି ସମୟ ପରେ ଲକ୍ଷ୍ମଣଙ୍କ ମୃତଦେହ ଡୁଡୁକା-ଶଙ୍ଖୁଆ ମଧ୍ୟଭାଗ ଲୁହୁରାମୁଣ୍ଡା ଅଙ୍ଗ କେନାଲ ନିକଟ ଏକ ଚାଷଜମିରେ ପଡିଥିବା ତାଙ୍କ ପରିବାର ଲୋକଙ୍କୁ ଖବର ମିଳିଥିଲା। ପରିବାର ଲୋକଙ୍କ ସହ ଆଇଆଇସି ଲଳିତା ଲାକ୍ରା, ଏଏସଆଇ ଆର୍ତ୍ତତ୍ରାଣ ସାହୁ ଓ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଲକ୍ଷ୍ମଣ ମୁହଁମାଡି ତଳେ ପଡିଥିବାବେଳେ ନାକରୁ ରକ୍ତସ୍ରାବ ହୋଇଥିବା ପୋଲିସ ଦେଖିବାକୁପାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଭବାନୀପାଟଣା, ୧୮।୩ (ଡି.ଏନ.ଏ.)

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାକୁନେଇ ଭବାନୀପାଟଣା ପୋକ୍‌ସୋ କୋର୍ଟରେ ରାୟ ପ୍ରକାଶ ପାଇଛି। ଏହି ମାମଲାର ଶୁଣାଣି କରି ପୋକ୍‌ସୋ କୋର୍ଟ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯେ, କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପାଷ୍ଟିକୁଡି ଗ୍ରାମର ସୁନୀଲ ନାୟକ ୨୦୧୫ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡିତାଙ୍କ

**ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ**

ମା'ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ନାବାଳିକା ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଅଭିଯୁକ୍ତ ଓ ତାଙ୍କ ବାପା ରୋମାଞ୍ଚଳ ନାୟକ ପୀଡିତାଙ୍କ ବାପାଙ୍କୁ ମାଡ ମାରିଥିଲେ। ଏହି ଘଟଣାରେ ବାପାପୁଅ ଉଭୟ ଜେଲ ଯାଇଥିଲେ। ନାବାଳିକାଙ୍କୁ ବଳାତ୍କାର ଘଟଣାରେ ସୁନିଲ ଜେଲ୍ ଯାଇଥିବା ବେଳେ ତାଙ୍କ ବାପା ଜେଲରୁ କିଛି ଦିନ ପରେ ଜାମିନରେ ଆସିଥିଲେ। ନାବାଳିକାଙ୍କୁ ବଳାତ୍କାର ମାମଲାର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାକୁ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ସୁବ୍ରତ ପଟ୍ଟନାୟକ ଶୁଣାଣି କରିଥିଲେ। ମାମଲାର ଶୁଣାଣି କରି କୋର୍ଟ ଅଭିଯୁକ୍ତ ସୁନୀଲ ନାୟକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରୋହିତ ମିଶ୍ର ମାମଲା ପରିଚାଳନା କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବରଗଡ଼ ଅଫିସ୍/ବିଜେପୁର,୧୮।୩

ବରଗଡ଼ ଜିଲା ବିଜେପୁର କଲେଜ ରାସ୍ତାରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖାରବନ୍ଧ ଥାନା କୋତନା ଗ୍ରାମର ସୁବୋଧ ସାହୁ(୫୪)। ଅନ୍ୟ ଜଣେ ବାଇକ୍‌ଆରୋହୀ ସୁମନ ବେହେରା(୨୨) ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୁବୋଧ ବରଗଡ଼ ବ୍ରହ୍ମଚାରୀର ହେମନ୍ତ ସିଂଙ୍କ ସହିତ ଏକ ବାଇକ୍ (ନଂ.ଓଡ଼ି୧୭ଡି/୧୩୮୯) ଯୋଗେ ବିଜେପୁରରୁ ବାନ୍ଧୁପାଲି ଗ୍ରାମକୁ ରାସ୍ତା ନିର୍ମାଣ କାମ ପାଇଁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍ (ନଂ.ଓଡ଼ି୧୭/୬୩୬୮) ଯୋଗେ ସୁମନ ବିଜେପୁରକୁ ଆସୁଥିଲେ। ବିଜେପୁର କଲେଜ ରାସ୍ତାରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବିଜେପୁର ଥାନା ପୋଲିସ ଏକ ମାମଲା (ନଂ.୪୮/୨୧) ରୁଜୁ କରି ତଦନ୍ତ କରୁଛି।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାଗବର ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

ଅମରପାଲି, ୧୮।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଭାଲିଆପଦର ଗ୍ରାମରେ ଚାଲିଥିବା ୭ମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କେଞ୍ଜିରିଆପାଲିକୁ ହରାଇ ବାଗବର ଚାମ୍ପିୟନ ହୋଇଛି। କେଞ୍ଜିରିଆପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭୫ ରନ କରିଥିଲା। ଜବାବରେ ବାଗବର ଦଳ ଆବଶ୍ୟକ ୭୬ ରନକୁ ୬.୧ରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ଆମ୍ବା ଅଧ୍ୟକ୍ଷ ଆଲୋକ ଦେହୁରୀ, ଶରତ ଚନ୍ଦ୍ର ଭୋଇ, ଚିତ୍ତରଞ୍ଜନ, ରାଜୀବ ମେହେର, କୃଷ୍ଣଚନ୍ଦ୍ର ମେହେର, ପୂର୍ବତନ ସରପଞ୍ଚ ଶ୍ୟାମ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ଫାଇନାଲ ଖେଳରେ ବିଶି ଭୋଇ ଓ ପବିତ୍ର ମେହେର ଅମ୍ପେୟାର ଓ ସୁଧୀର ପଣ୍ଡା ସ୍କୋରିଙ୍ଗ କାର୍ଯ୍ୟ ତୁଲାଇଥିଲେ।

## ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ


ସୁବଳୟାରେ ବାହାରିଥିବା ବାଲ୍ୟ ବିବାହ ସଚେତନତା ଶୋଭାଯାତ୍ରା।

ଅମରପାଲି,୧୮।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାଠାରେ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୁନିୟର ରେଡକ୍ରସ ଓ ବଳଦେବ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଆୟୋଜିତ ସାଧାରଣ ସଭାରେ ଅଲେଖ ମହାକୁର ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ଲିଲି ପାତ୍ର ମୁଖ୍ୟଅତିଥି, ସୁବଳୟା କଲେଜର ଅଧ୍ୟକ୍ଷ ଭୋଳାନାଥ କର୍ମୀ ମୁଖ୍ୟବକ୍ତା ଏବଂ ଜୁନିୟର ରେଡକ୍ରସ ସାଧନା କର୍ମୀ ଚନ୍ଦ୍ରମଣି ବାଘ, ଶିକ୍ଷକ କୌସ୍ତୁଭ ଦାଶ, ଶେଷଦେବ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦ ପୂଜାହାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ବଳଦେବ କ୍ଲବର ଈଶ୍ୱର କୁଦାଇ, କପିଳାସ ସାହୁ, ନୀଳାମ୍ବର ପାଣ୍ଡେ, କୃଷ୍ଣ ଚନ୍ଦ୍ର ବେହେରା, ମିଲୁ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କାଠଗଣ୍ଡି, ବାଇକ୍ ଜବତ: ୩ ଗିରଫ

ସୋନପୁର,୧୮।୩(ନି.ପ୍ର.)

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ବ୍ରାହ୍ମଣୀପାଲି ଗ୍ରାମ ନିକଟରୁ ବନବିଭାଗ ୩ ଜଣ ଚୋରା କାଠ ବ୍ୟବସାୟୀଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨ଟି ବାଇକ୍ ଓ କାଠ ଗଣ୍ଡି ଜବତ ହୋଇଛି । ଖରାପୁରା ସେକ୍ସନର ବ୍ରାହ୍ମଣୀପାଲିରୁ ମୁଣ୍ଡୋମହୁଲ ରାସ୍ତାରେ ବନବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ଗମ୍ଭାରୀ ଗଣ୍ଡି ନେଉଥିବା ସମ୍ବଲପୁର ଜିଲା ଧମା ଥାନା ତବଲୋଏ ଗ୍ରାମର ଜନାର୍ଦ୍ଦନ ବାଘ, ଧନପତି କୁମୁରା ଓ ବିଶ୍ୱଜିତ୍ ବର୍ଗାଙ୍କୁ ବନ ବିଭାଗ କର୍ମଚାରୀ ଧରିବାରେ ସକ୍ଷମ ହୋଇଛନ୍ତି। ବନ ବିଭାଗ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବୀରମହାରାଜପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ପାଟ୍ରୋଲିଂରେ ବନପାଳ ଦିନେଶ ମାଝୀ, ପଦ୍ମଲୋଚନ ଭୋଇ, ବିନୋଦ ସାହୁ ଓ ବନରକ୍ଷୀ ବଳରାମ ନାଏକ ସାମିଲ ଥିଲେ।

## ଶକ୍ତିମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମିଶ୍ରଣ ତାଲିକାରୁ କଟିଲା


ସରପଞ୍ଚ ଓ ଗ୍ରାମବାସୀ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି ।

ଜୁନାଗଡ଼, ୧୮।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଚେଇଗୁଡା ପଞ୍ଚାୟତ ଯମୁନାବାହାଲ (ବି) ପ୍ରାଥମିକ ବିଦ୍ୟାଳୟରେ ୪୦ରୁ କମ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ୧ କି.ମି. ଦୂର ସ୍କୁଲରେ ମିଶ୍ରଣ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ଅଭିଭାବକ, ଶିକ୍ଷାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ସରପଞ୍ଚ ସୁଧିରା ମେହେରଙ୍କ ସମେତ ଗ୍ରାମବାସୀ ଏ ନେଇ ଜୁନାଗଡ଼ ବିଧାୟକ ତଥା ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ

**ଯମୁନାବାହାଲ (ବି) ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହେବା ଘଟଣା**

କ୍ୟାପଟେନ ମିଶ୍ର ସରପଞ୍ଚ ଓ ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଇ ଶିକ୍ଷା ବିଭାଗ ଉଚ୍ଚ ଅଧିକାରୀଙ୍କୁ ଏହି ସ୍କୁଲକୁ ମିଶ୍ରଣ ନ କରିବାକୁ କହିଥିଲେ। ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଶିକ୍ଷା ବିଭାଗ ପକ୍ଷରୁ ଏହି ସ୍କୁଲ ମିଶ୍ରଣ ହେବା ତାଲିକାରୁ କଟି ଯାଇଥିବା ଜଣାପଡିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖିବାକୁ ମିଳିଛି। ଏଥିପାଇଁ ମନ୍ତ୍ରୀ କ୍ୟାପଟେନ ମିଶ୍ର, ସ୍ଥାନୀୟ ସରପଞ୍ଚ ମେହେର ଓ ଶିକ୍ଷା ବିଭାଗଙ୍କୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି।

## ୧୮ ଘଣ୍ଟା ପରେ ଜବତ, ହତ୍ୟା ମାମଲା ରୁଜୁ

ଅତାବିରା, ୧୮।୩ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଥାନା ସିଂହପାଲି ଗାଁରେ ବନ୍ଦ କୋଠରି ଭିତରେ ପଡି ରହିଥିବା ଦାଦନ ଶ୍ରମିକଙ୍କ ମୃତଦେହକୁ ପୋଲିସ ୧୮ ଘଣ୍ଟା ପରେ ଗୁରୁବାର ଜବତ କରିଛି। ବରଗଡ ଏସଡିପିଓ ଦୀପକ କୁମାର ଗୋଚ୍ଛାୟତ, ଥାନା ଆଇଆଇସି ପୁରୋଷତ୍ତମ ଭୋଇ, ଏସଆଇ ସୁଷମା ପଶାୟତ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ସାଇଣ୍ଟିଫିକ୍ ଟିମ, ଅନୁସନ୍ଧାନୀ କୁକୁର

**ବନ୍ଦ କୋଠରିରେ ଶ୍ରମିକଙ୍କ ମୃତଦେହ ଘଟଣା**

ସହାୟତାରେ ତଦନ୍ତ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୭୩/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି । ପୋଲିସ ସୂଚନା ଅନୁସାରେ, ଗତ କିଛି ମାସ ତଳେ ଛତିଶଗଡ ଅଞ୍ଚଳର ମନିରାମ ସପରିବାର ସିଂହପାଲି ଗାଁକୁ ଇଟା ଗଢ଼ିବା ପାଇଁ ଆସି ଗୁଣ୍ଠୁ ଭୁଏଁଙ୍କ ଏକ ଘରେ ଭଡାରେ ରହୁଥିଲେ। ଗତ ୪/୫ଦିନ ତଳେ ମନିରାମଙ୍କ ଶ୍ୱଶୁର ସେଠାକୁ ଆସିଥିଲେ ଏବଂ ତାଙ୍କ ସ୍ତ୍ରୀ, ପିଲାଛୁଆଙ୍କୁ ନେଇ ଯାଇଥିଲେ। ଏହାପରଠାରୁ ମୁନିରାମଙ୍କୁ ଦେଖିବାକୁ ମିଳୁ ନ ଥିଲା । ବୁଧବାର ସକାଳେ ସେ ରହୁଥିବା ଘରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ । ପୋଲିସ ପହଞ୍ଚିବା ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ସନ୍ଧ୍ୟାରେ ତାଲା ଭାଙ୍ଗି ସେହି କୋଠରିରେ ଶ୍ରମିକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁପାଇଥିଲେ।

## ତୃଣମୂଳସ୍ତରରେ ଦଳକୁ ସଙ୍ଗଠିତ କରିବାକୁ ଆହ୍ୱାନ

ସୋନପୁର,୧୮।୩(ନି.ପ୍ର.)


ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ।

ସୁବର୍ଣ୍ଣପୁର ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ସୋନପୁର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ଜିଲା ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ସଭାପତି ସୁରେଶ ମହଲା ଓ ରାଜକିଶୋର ମେଣ୍ଡଲି ମଞ୍ଚାସୀନ ଥିଲେ। ଜିଲାରେ ତୃଣମୂଳସ୍ତରରେ ଦଳକୁ ଅଧିକ ଶକ୍ତିଶାଳୀ କରିବା ନେଇ ଆଲୋଚନା ହେବା ସହ ରଣନୀତି ପ୍ରସ୍ତୁତ ହୋଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ରକିଶୋର ମହଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ସୌଦାମିନୀ ଜାଲ, ରୋହିଣୀ ଡାଙ୍ଗ, ପୂର୍ଣ୍ଣଚନ୍ଦ୍ର ବିଶି, ବରିଷ୍ଠ ନେତା ବିମଳ ଚନ୍ଦ୍ର ମିଶ୍ର, ସୋନପୁର ନଗର ସଭାପତି ଜଗଜ୍ୟୋତି ତ୍ରିପାଠୀ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସୁରେଶ ବିଶ୍ୱାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଓ ମଣ୍ଡଳ ସଭାପତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜନୈତିକ ଚିଠା ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ଖଡିଆଳରୋଡ୍‌ରେ ଆୟକର ବିଭାଗର ଚଢ଼ାଉ

ନୂଆପଡା ଅଫିସ/ଖରିଆର ରୋଡ, ୧୮।୩ (ଡି.ଏନ.ଏ.)

ଗୁରୁବାର ବାଣିଜ୍ୟ କର ଅଧିକାରୀ ପ୍ରିୟବ୍ରତ ଗଡତିଆଙ୍କ ନେତୃତ୍ୱରେ ନୂଆପଡା ଜିଲା ଖରିଆର ରୋଡର ଏକ ସିମେଣ୍ଟ ଦୋକାନରେ ଚଢ଼ାଉ କରାଯାଇଛି। ଜିଏସଟି ଫାଙ୍କୁ ଥିବା ଜଣାପଡ଼ିବା ପରେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଅତର୍କିତ ଭାବେ ଆୟକର ବିଭାଗ ଖରିଆରରୋଡ ଭି.କି. ଛାବଡା ଦୋକାନରେ ଚଢାଉ କରିଥିଲେ। କେତେ ଟଙ୍କାର ଜିଏସଟି ଫାଙ୍କିଛନ୍ତି ତାହା ଜଣାପଡିନାହିଁ।

## ୪୦ଜଣଙ୍କ ନାଁରେ ମାମଲା

ଅତାବିରା, ୧୮।୩ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ବିବାଦ ଘଟଣା ଆଗକୁ ଉଗ୍ରରୂପ ନେବା ଆଶଙ୍କା କରି ପୋଲିସ ୪୦ଜଣରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ବିରୋଧରେ ଧାରା ୧୦୭ ଆଇପିସିରେ ମାମଲା ରୁଜୁ କରିଛି। ଏ ନେଇ ଗ୍ରାମବାସୀ ଜାଣିବା ପରେ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି । ମଙ୍ଗଳବାର ବରଗଡ ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଲ, ଏସ୍‌ଡିପିଓ ଦୀପକ କୁମାର ଗୋଚ୍ଛାୟତ, ଫାଣ୍ଡି ଅଧିକାରୀ

**ଉଦେପୁର ଜଗନ୍ନାଥ ମନ୍ଦିର ବିବାଦ ଘଟଣା**

ଗଣେଶ କଲେତ ପ୍ରମୁଖ ଉଦେପୁର ଗ୍ରାମକୁ ଯାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଗାଁକୁ ଆସିବା ପୂର୍ବରୁ ଶତାଧିକ ମହିଳା ପୁରୁଷ ସମ୍ବଲପୁର ଦେବୋତ୍ତର ବିଭାଗ କମିଶନରଙ୍କୁ ଭେଟିବା ପାଇଁ ଯାଇଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ କାହାକୁ ଭେଟି ପାରି ନ ଥିଲେ। ଅଧିକାରୀମାନେ ଗାଁକୁ ପଶି ପାରୁ ନ ଥିବା ପୂର୍ବତନ ଜଗନ୍ନାଥ ମନ୍ଦିର ପୂଜକ ପରୀକ୍ଷିତ ପୁରୋହିତ ଓ ଅରୁଣ ପାତ୍ରଙ୍କ ଘରକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ପରେ ପ୍ରଶାସନ ଗ୍ରାମବାସୀଙ୍କ ବିରୋଧରେ ଆଗୁଆ ପଦକ୍ଷେପ ନେଇଛି । ଗୁରୁବାର ଗ୍ରାମବାସୀ ଭେଡେନ ତହସିଲଦାରଙ୍କୁ ଏ ସମ୍ପର୍କରେ ଅବଗତ କରି ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚରାଯିବାରୁ ଗ୍ରାମବାସୀଙ୍କ ବିରୋଧରେ ଆଗୁଆ ପଦକ୍ଷେପ ନିଆଯାଇଥିବା କହିଥିଲେ ।

